ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୯/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, July 19/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ଚତୁର୍ଥ ବିବାହ କଲେ ଜେନିଫର

ହଲିଉଡ୍‌ର ଲୋକପ୍ରିୟ ଗାୟିକା ଜେନିଫର ଲୋପେଜ୍ ଅଭିନେତା ବେନ୍ ଆଫ୍ଲେକ୍‌ଙ୍କୁ ଚତୁର୍ଥ ବିବାହ କରିଛନ୍ତି।

୧୧

୧୪

ନରିନ୍ଦର ବାତ୍ରାଙ୍କ ଘରେ ସିବିଆଇ ଚଢ଼ାଉ

ବରିଷ୍ଠ କ୍ରୀଡ଼ା ପ୍ରଶାସକ ନରିନ୍ଦର ବାତ୍ରା ଏଫ୍‌ଆଇଏଚ୍‌ର ସଭାପତି ପଦବୀରୁ ଇସ୍ତଫା ଦେବା ପରେ ତାଙ୍କ ଘରେ ସିବିଆଇ ଚଢ଼ାଉ କରିଛି।



ଦହି, ପନିର, ଘୋଳଦହି ଆଦି ଉପରେ ୫% ଜିଏସ୍‌ଟି ଲାଗୁକୁ ବିରୋଧ କରି ସୋମବାର ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରାରେ ଦୁଗ୍ଧଚାଷୀମାନେ ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ ଜଣାଉଛନ୍ତି।

ବାଲଟ ବାକ୍ସରେ ଭାଗ୍ୟ

ସରିଲା ରାଷ୍ଟ୍ରପତି ନିର୍ବାଚନ

ଦ୍ରୌପଦୀ ମୁର୍ମୁ



ଯଶୱନ୍ତ ସିହ୍ନା

- ୯୯.୧୮% ମତଦାନ
- ଗୁରୁବାର ଗଣତିକୁ ଅପେକ୍ଷା
- ଭୋଟ ଦେଲେନି ୮ ଏମ୍‌ପି
- ବିଭିନ୍ନ ରାଜ୍ୟରେ କ୍ରସ୍‌ଭୋଟିଂ

ନୂଆଦିଲ୍ଲୀ,୧୮।୭

ଦେଶର ପଞ୍ଚଦଶ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପାର୍ଲାମେଣ୍ଟ ହାଉସ୍ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାରେ ଭୋଟ ଗ୍ରହଣ କରାଯାଇଛି। ଇଲେକ୍ଟୋରାଲ କଲେଜର ମୋଟ ଭୋଟ ସଂଖ୍ୟା ୧୦,୮୬,୪୩୧ ଥିବାବେଳେ ୯୯.୧୮% ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ପି.ସି. ମୋଦି ସୂଚନା ଦେଇଛନ୍ତି। ଏଥିସହ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ (୬୪) ଓ ବିରୋଧୀଙ୍କ ମିଳିତ ପ୍ରାର୍ଥୀ ଯଶୱନ୍ତ ସିହ୍ନା(୮୪)ଙ୍କ ଭାଗ୍ୟ ବାଲଟ ବାକ୍ସରେ ବନ୍ଦ ହୋଇଯାଇଛି। ଆସନ୍ତା ୨୧ ତାରିଖ (ଗୁରୁବାର) ଭୋଟ ଗଣତି କରାଯିବ। ଦ୍ରୌପଦୀଙ୍କ ପଲା ଭାରି ଥିବାରୁ ସେ ପ୍ରାୟ ଦୁଇ-ତୃତୀୟାଂଶ ଭୋଟ ସହ ପ୍ରଥମ ଆଦିବାସୀ ମହିଳା ରୂପେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିବେ। ଏଥିସହ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିବେ। ☞ପୃଷ୍ଠା-୪

ବିଧାନସଭାରେ ପଡ଼ିଲା ୧୪୫ ଭୋଟ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ରାଷ୍ଟ୍ରପତି ପଦବୀ ପାଇଁ ସୋମବାର ଭୋଟ ଗ୍ରହଣ ହୋଇଛି। ଓଡ଼ିଶା ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ପୂର୍ବାହ୍ନ ୧୦ଟାରୁ ମତଦାନ ଆରମ୍ଭ ହୋଇଥିଲା। ଜଣକ ପରେ ଜଣେ ବିଧାୟକ ମତଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ବିଜେଡିର ୧୧୨ ଜଣ ବିଧାୟିକାବିଧାୟକ ଓ ଦଳରୁ ନିଲମ୍ବିତ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମତଦାନ କରିଥିଲେ। ମାତ୍ର ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭୋଟ ଦେବାକୁ ☞ପୃଷ୍ଠା-୪

ଦଳ ନିଷ୍ପତ୍ତି ବିରୋଧରେ ଭୋଟ ଦେଲେ ମୋକିମ

ବିବେକ ଅନୁସାରେ ନିଷ୍ପତ୍ତି ନେଇଛି

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ କଟକ-ବାରବାଟୀ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି, ଯାହାକୁ ନେଇ କଂଗ୍ରେସରେ ଏକ ଝଡ଼ ସୃଷ୍ଟି ହୋଇଛି। ଦଳ ବିରୋଧରେ ଯାଇ କାର୍ଯ୍ୟ କରିଥିବାରୁ କଂଗ୍ରେସ ନେତାମାନେ ଅସନ୍ତୋଷ ପ୍ରକାଶ ☞ପୃଷ୍ଠା-୪

ରୁଚିକାଙ୍କୁ ନ୍ୟାୟ: ଆଜି ଓଡ଼ିଶା ବନ୍ଦ

ଭୁବନେଶ୍ୱର,୧୮।୭(ବ୍ୟୁରୋ): ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ରାଜ୍ୟରେ ବନ୍ଦ ଡାକରା ଦିଆଯାଇଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଗଠନର କର୍ମକର୍ତ୍ତା ପିକେଟିଂ କରିବା ସହ ରାସ୍ତାରୋକୋ ଆନ୍ଦୋଳନ କରିବେ। ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଓ ଗାଡିମୋଟର ଚଳାଚଳ ବନ୍ଦ ରଖିବାକୁ ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି। ତେବେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଯାନଗୁଡ଼ିକୁ ଧର୍ମଘଟରୁ ବାଦ୍ ଦିଆଯାଇଥିବା ସଂଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି। ବନ୍ଦ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଜଣାଇ ଦିଆଯାଇଥିବା ସେ କହିଛନ୍ତି। ଏହି ଧର୍ମଘଟକୁ ☞ପୃଷ୍ଠା-୪

ଆଶ୍ରୟ ଦେଇ ନାବାଳିକାଙ୍କୁ ବଳାତ୍କାର

ଗଣବଳାତ୍କାରରୁ ବର୍ତ୍ତିବା ପାଇଁ ସ୍କୁଲ ଛାତରୁ ଡେଇଁଲେ ପୀଡ଼ିତା

କଳିଙ୍ଗନଗର ୧୮।୭ (ଡି.ଏନ୍.ଏ.)

ବର୍ଷା ଭିଜା ରାତିରେ ଆଶ୍ରୟ ଦେବାକୁ ଡାକି ନେଇ ଜଣେ ଆଦିବାସୀ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଛି। ତେବେ ଗଣବଳାତ୍କାରରୁ ବର୍ତ୍ତିବା ପାଇଁ ନାବାଳିକା ଜଣକ ଛାତରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ବଳାତ୍କାର କରିବା ପୂର୍ବରୁ ପୀଡ଼ିତାଙ୍କ ବଡ଼ଭାଇ(୧୭)ଙ୍କୁ ଅଭିଯୁକ୍ତମାନେ ନିର୍ଦ୍ଦୟ ମାଡ଼ ମାରି ତଡ଼ି ଦେଇଥିଲେ। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ରବିବାର ରାତିରେ ଘଟିଛି ଏହି ଘଟଣା।

ସୂଚନା ମୁତାବକ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ତିଲଝରି ଅଞ୍ଚଳର ଅନାଥ ନାବାଳିକା ଏବଂ ତାଙ୍କ ବଡ଼ ଭାଇ ଟାଟା ଖଣି ଅଞ୍ଚଳରେ ବିବାହ କରିଥିବା ବଡ଼ ଭଉଣୀ ଘରକୁ ଯିବା ପାଇଁ ରବିବାର ସନ୍ଧ୍ୟାରେ ଡୁବୁରି ଛକରେ ଗାଡ଼ିକୁ ଅପେକ୍ଷା କରିଥିଲେ। ଡୁହାକୁଡୁହା ପ୍ରବଳ ବର୍ଷା ହେଉଥିବାରୁ ଖଣି ଅଞ୍ଚଳକୁ ସେମାନେ ଗାଡ଼ି ପାଇ ନ ଥିଲେ। ଶେଷରେ ଚାଲି ଚାଲି ଯିବାକୁ ବାହାରିଥିବାବେଳେ ପଛରୁ ଅନୁସରଣ କରୁଥିବା କେତେଜଣ ଅସାମାଜିକ ଯୁବକ ସେମାନଙ୍କୁ ବାଟରେ ଅଟକାଇ ବିସ୍କୁଟ ଖାଇବାକୁ ଦେଇଥିଲେ। ଅସହାୟ ବୋଲି ଜାଣିବା ପରେ ସେମାନଙ୍କୁ ବାଟରେ ଥିବା ତିଳେଶ୍ୱର ଶିବମନ୍ଦିର ନିକଟରେ ଆଶ୍ରୟ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ମାଙ୍କଡ଼ଡିଆଁ

ସ୍ତ୍ରୀ, ଶ୍ୱଶୁର ଓ ଶଳାଙ୍କୁ କାର୍ ମଡ଼ାଇ ହତ୍ୟା ଉଦ୍ୟମ

ପୃଷ୍ଠା-୩

୨୫ କେଜି ଯାଏ ପ୍ୟାକେଟ ଉପରେ ୫ % ଜିଏସ୍‌ଟି

ଭୁବନେଶ୍ୱର,୧୮।୭

ଜୁଲାଇ ୧୮ରୁ ସାରା ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ପରିବର୍ତ୍ତିତ ହାର ଲାଗୁକୁ ନେଇ ଦେଶବାସୀଙ୍କ ମନରେ ରହିଥିବା ଦ୍ୱନ୍ଦ୍ୱଙ୍କୁ ଦୂର କରିବା ପାଇଁ ସୋମବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ୨୫ କିଲୋଗ୍ରାମ୍ ଯାଏ ପ୍ୟାକେଟ ହୋଇଥିବା ସାମଗ୍ରୀ ଯଥା- ଡାଲି, ଚାଉଳ, ଗହମ, ଅଟା ଭଳି ଖାଦ୍ୟସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ। ସେହିଭଳି ୨୫ ଲିଟରରୁ ଅଧିକ ପରିମାଣରେ ପ୍ୟାକେଟ୍ ହୋଇଥିବା ତରଳ ପଦାର୍ଥ ଉପରେ ମଧ୍ୟ ଏହି ନୂତନ ହାର ଲାଗୁ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ନୂତନ ଜିଏସ୍‌ଟି ହାର ସମ୍ପର୍କରେ ବିସ୍ତୃତ ତଥ୍ୟ ଉଲ୍ଲେଖ କରାଯାଇଛି। ଉଦାହରଣ ସ୍ୱରୂପ ଖାଉଟିଙ୍କ ନିମନ୍ତେ ଖୁଚୁରା ବଜାରରେ ବିକ୍ରୟ ନିମନ୍ତେ ବସ୍ତା ହୋଇଥିବା ୨୫ କିଲୋ ଅଟା ନିମନ୍ତେ ଖାଉଟି ୫% ଜିଏସ୍‌ଟି ଦେବେ, କିନ୍ତୁ ବସ୍ତାରେ ସେହି ଏକା ସାମଗ୍ରୀ ୩୦ କିଲୋ ଥିଲେ ଅଧିକ ଜିଏସ୍‌ଟି ଲାଗିବ। ପୂର୍ବରୁ ପ୍ୟାକ୍ ହୋଇ ଲେବୁଲ୍ ଲଗାଯାଇଥିବା ୨୫କି.ଗ୍ରା. ବିଶିଷ୍ଟ ☞ପୃଷ୍ଠା-୪

ରାଷ୍ଟ୍ରପତି ନିର୍ବାଚନବେଳେ ପାର୍ଲାମେଣ୍ଟ ହାଉସରେ ଭୋଟ ଦେବା ପରେ ବିଜୟ ସଙ୍କେତ ଦେଖାଉଛନ୍ତି ମଥୁରା ଏମ୍‌ପି ହେମା ମାଲିନୀ।

ବାଲଟ ବାକ୍ସରେ ଭୋଟ ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

ହୁଇଲ୍ ଚେୟାରରେ ଆସିଲେ ମନମୋହନ ସିଂ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟରେ ଏକ ହୁଇଲ୍ ଚେୟାରରେ ଦେଖିବାକୁ ମିଳିଥିଲା। ଅସୁସ୍ଥ ଥିବା ଏହି ୮୯ ବର୍ଷୀୟ କଂଗ୍ରେସ ନେତାଙ୍କୁ ଭୋଟ ଦେବା ପାଇଁ ସକାଳେ ଏକ ହୁଇଲ ଚେୟାରରେ ନିଆଯାଇଥିଲା। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଓ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପାର୍ଲାମେଣ୍ଟ ହାଉସ୍ ଫାଷ୍ଟ ଫ୍ଲୋରର ରୁମ୍ ନମ୍ବର ୬୩କୁ ଭୋଟ ଦେବାକୁ ଯାଇଥିଲେ। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସହ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ଜୟରାମ ରମେଶ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବାକୁ ପହଞ୍ଚିଥିଲେ।

୧୧ ରାଜ୍ୟରେ ୧୦୦% ମତଦାନ

> ମୁଁ ମୋ କର୍ମ କରିଛି। ଲୋକେ ମୋତେ ଭଲପାଇବା ଏବଂ ସମର୍ଥନ ଦେଇଛନ୍ତି। ଶିବଶମ୍ଭୁ ମୋ ବିଜୟକୁ ସୁନିଶ୍ଚିତ କରିବେ।
>
> **–ଦ୍ରୌପଦୀ ମୁର୍ମୁ, ଏନ୍‌ଡିଏ ପ୍ରାର୍ଥୀ**

ନୂଆଦିଲ୍ଲୀ,୧୮।୭: ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ସୋମବାର ଅନୁଷ୍ଠିତ ନିର୍ବାଚନରେ ଏନ୍‌ଡିଏର ଦ୍ରୌପଦୀ ମୁର୍ମୁଓ ବିରୋଧୀଙ୍କ ପକ୍ଷରୁ ଯଶୱନ୍ତ ସିହ୍ନା ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ପଞ୍ଚଦଶ ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ୪,୮୦୦ ନିର୍ବାଚିତ ଏମ୍‌ପି-ବିଧାୟକଙ୍କ ମଧ୍ୟରୁ ୯୯.୧୮% ସାମିଲ ହୋଇ ଗୁପ୍ତ ବାଲଟ ଜରିଆରେ ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ପାଇଁ ସୋମବାର ୯୯%ରୁ ଊର୍ଦ୍ଧ୍ୱ ମତଦାନ ହୋଇଛି। ମୋଟ ୪୭୯୬ ଅର୍ଥାତ୍ ମତଦାତା ଭୋଟ ଦେଇଛନ୍ତି। ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ୧୦୦% ମତଦାନ ହୋଇଥିବା ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଜଣାପଡ଼ିଛି। ଇସି ଏକ ବିବୃତିରେ ଜଣାଇଛନ୍ତି ଯେ, ପାର୍ଲାମେଣ୍ଟ ହାଉସ୍ ସହ ୩୦ ବିଧାନସଭାରେ ମୁକ୍ତ, ଅବାଧ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ମତଦାନ ହୋଇଛି। ପାର୍ଲାମେଣ୍ଟର ୫ ଆସନ ଖାଲିପଡ଼ିଥିବାବେଳେ ୭୭୧ ସଦସ୍ୟ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିପରି ବିଧାନସଭାଗୁଡ଼ିକରେ ୬ ଆସନ ଖାଲିପଡ଼ିଥିବାବେଳେ ୨ ବିଧାୟକ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ୪୦୨୫ ସଦସ୍ୟ ମତଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୯% ଭୋଟ ଦେଇଥିଲେ। ଛତିଶଗଡ଼, ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ, କେରଳ, କର୍ନାଟକ, ମଧ୍ୟପ୍ରଦେଶ, ମଣିପୁର, ସିକିମ, ତାମିଲନାଡୁ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ସମସ୍ତ ବିଧାୟକ ଭୋଟ ଦେଇଥିବା ଇସିଙ୍କ ପକ୍ଷରୁ କୁହାଯାଇଛି। ୪ ଏମ୍‌ପିଙ୍କୁ ସେମାନଙ୍କ ମୁଖ୍ୟାଳୟରେ ଭୋଟ ଦେବାକୁ ଅନୁମତି ମିଳିଥିଲା। ୯ ବିଧାୟକ ପାର୍ଲାମେଣ୍ଟ ହାଉସ୍‌ରେ ଭୋଟ ଦେଇଥିବାବେଳେ ୨ ବିଧାୟକ ଅନ୍ୟ ରାଜ୍ୟର ମୁଖ୍ୟାଳୟରେ ମତଦାନ କରିଥିଲେ।

> ମୁଁ କେବଳ ରାଜନୈତିକ ଯୁଦ୍ଧ ଲଢୁନାହିଁ। ଏହି ଲଢ଼େଇ ସରକାରଙ୍କ ବିରୋଧରେ। ସେମାନେ ଅଧିକ ଶକ୍ତିଶାଳୀ ହୋଇ ବିଭିନ୍ନ ଦଳ ଭାଙ୍ଗୁଛନ୍ତି, ଭୋଟ ପାଇଁ ଲୋକଙ୍କୁ ବାଧ୍ୟ କରୁଛନ୍ତି। ମୋତେ ପରାଜିତ କରିବା ପାଇଁ ଅର୍ଥବଳ ବ୍ୟବହାର ହୋଇଛି। ଦେଶରେ ଗଣତନ୍ତ୍ର ତିଷ୍ଠିରହିବ କି ନା ତାହା ଏହି ନିର୍ବାଚନରୁ ସ୍ପଷ୍ଟ ହେବ।
>
> **–ଯଶୱନ୍ତ ସିହ୍ନା, ବିରୋଧୀ ପ୍ରାର୍ଥୀ**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଭୋଟ ଦେବା ପାଇଁ ବିଧାନସଭାରେ ପହଞ୍ଚିଛନ୍ତି।

ପଶ୍ଚିମବଙ୍ଗ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ପାର୍ଲାମେଣ୍ଟ ହାଉସ୍‌ରେ ଆସିକା ଏମ୍‌ପି ପ୍ରମିଳା ବିଶୋଇ।

ନିୟମ ଭାଙ୍ଗିଛନ୍ତି ଅଭିଷେକ: ଭାଜପା

ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂ ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀ ନିୟମ ଭାଙ୍ଗିଥିବା ଭାଜପା ଅଭିଯୋଗ ଆଣିଛି। ଭାଜପା ବିଧାୟକ ସୁଦୀପ ମୁଖାର୍ଜୀ ଅଭିଷେକଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଷେକ ଦଳଗତ ଭାବେ ୧୫ଟି କାର୍‌ରେ ବିଧାନସଭା ପରିସର ମଧ୍ୟକୁ ପ୍ରବେଶ କରିଥିଲେ। ନିୟମ ଅନୁଯାୟୀ, ବିଧାୟକ ଏବଂ ଏମ୍‌ପିମାନେ କେବଳ ଡ୍ରାଇଭରଙ୍କ ସହ ଗାଡ଼ିରେ ସେଠାକୁ ଆସିପାରିବେ। ଏପରି କି ସେମାନଙ୍କ ସୁରକ୍ଷାକର୍ମୀଙ୍କୁ ମଧ୍ୟ ଏହି ଅନୁମତି ମିଳି ନ ଥାଏ। ଅଭିଷେକ ଏହାକୁ ନ ମାନି ବିଧାନସଭା ଗେଟ୍ ଭିତରକୁ ୧୫ଟି ଗାଡ଼ି ସହ ଦଳବଳ ହୋଇ ଆସିଥିବା ସୁଦୀପ କହିଛନ୍ତି।

ଭୋଟ ଦେଲେ ଦିଲ୍ଲୀର ୬୮ ବିଧାୟକ

ନୂଆଦିଲ୍ଲୀ

ଦିଲ୍ଲୀ ବିଧାନସଭାରେ ୭୦ ବିଧାୟକଙ୍କ ମଧ୍ୟରୁ ୬୮ ଜଣ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ସତ୍ୟେନ୍ଦ୍ର ଜୈନ ଏବଂ ହାଜି ୟୁନୁସ୍ ସେମାନଙ୍କ ମତଦାନ କରିପାରିନାହାନ୍ତି। ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଏବେ ମନଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଉତ୍ତରପୂର୍ବ ଦିଲ୍ଲୀର ମୁସ୍ତାଫାବାଦ୍ ବିଧାୟକ ହାଜି ୟୁନୁସ୍ କାହିଁକି ଭୋଟ ଦେଇନାହାନ୍ତି ତାହା ଜଣାପଡ଼ିନାହିଁ।

ପାର୍ଲାମେଣ୍ଟ ହାଉସରେ କେନ୍ଦ୍ରାପଡ଼ାର ବିଜେଡି ଏମ୍‌ପି ଅନୁଭବ ମହାନ୍ତି ଓ ଅନ୍ୟ ସଦସ୍ୟମାନେ।

ପାର୍ଲାମେଣ୍ଟରେ ଏସ୍‌ଏଡି ମୁଖ୍ୟ ସୁଖବୀର ସିଂ ବାଦଲ ଓ ତାଙ୍କ ସ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ହରସିମ୍‌ରତ କୌର ବାଦଲ ଭୋଟ ଦେଉଛନ୍ତି।

ପାର୍ଲାମେଣ୍ଟରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର।

ପିପିଇ କିଟ୍ ପିନ୍ଧି ଭୋଟ ଦେଉଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ।

ପିତା ନୁହେଁ, ପାର୍ଟି ବଡ଼

ବିରୋଧୀଙ୍କ ପକ୍ଷରୁ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଯଶୱନ୍ତ ସିହ୍ନାଙ୍କ ପୁଅ ତଥା ଝାଡ଼ଖଣ୍ଡର ହଜାରିବାଗରୁ ପ୍ରତିନିଧିତ୍ୱ କରୁଥିବା ଭାଜାପା ଏମ୍‌ପି ଜୟନ୍ତ ସିହ୍ନା ପାର୍ଲାମେଣ୍ଟ ହାଉସରେ ଭୋଟ ଦେଉଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟନ୍ତଙ୍କ ମତରେ ସେ ପିତା ନୁହଁ, ପାର୍ଟି ପ୍ରତି ପ୍ରତିଶ୍ରୁତିବଦ୍ଧ।

କେନ୍ଦ୍ରୁଝର ଲୋକ ସଭା ଆସନର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ରାଜ୍ୟସଭା ସଦସ୍ୟ ମୁନା ଖାନ୍‌ଙ୍କ ସହ ଅନ୍ୟ ଏମ୍‌ପିମାନେ ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ଏସ୍‌ପି ବିଧାୟକଙ୍କ କ୍ରସ୍ ଭୋଟିଂ

ଉତ୍ତରପ୍ରଦେଶ ବରେଲିର ଭୋଜିପୁରା ବିଧାୟକ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଶାହଜିଲ୍ ଇସ୍‌ଲାମ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ କ୍ରସ୍ ଭୋଟିଂ କରିଛନ୍ତି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ବିରୋଧୀଙ୍କ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବା ପାଇଁ ଘୋଷଣା କରିଥିବାବେଳେ ତାଙ୍କ ଦଳର ଏହି ବିଧାୟକ ଦ୍ରୌପଦୀଙ୍କୁ ସମର୍ଥନ ଦେଇଛନ୍ତି। ଦେଶରେ ଜଣେ ଏପରି ରାଷ୍ଟ୍ରପତି ରହିବା ଆବଶ୍ୟକ ଯିଏ ତଳଗାମୀ ଅର୍ଥନୀତି, ଦୁର୍ବଳ ହେବାରେ ଲାଗିଥିବା ଟଙ୍କା ଏବଂ ଲୋକଙ୍କ ଦୁରବସ୍ଥା ବାବଦରେ ସରକାରଙ୍କୁ ଜଣାଇପାରିବେ ବୋଲି ଅଖିଳେଶ ସୋମବାର କହିଥିଲେ।

ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି। ନିକଟରେ ଅଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଅର୍ଜୁନରାମ ମେଘୱାଲ ଏବଂ ଭି. ମୁରଲିଧରନ୍।

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୬,୭୯,୫୪,୭୫୨	୬୩,୮୮,୦୩୫	୫୩,୯୦,୮୭,୭୨୫
ଭାରତ	୪,୩୭,୬୭,୫୩୪	୫,୨୫,୭୬୦	୪,୩୦,୯୭,୫୧୦
ଓଡ଼ିଶା	୧୨,୯୯,୯୨୮	୯୧୨୯(+୫୩)	୧୨,୮୫,୩୭୪

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ସ୍ତ୍ରୀ, ଶ୍ୱଶୁର ଓ ଶଳାଙ୍କୁ କାର୍ ମଡ଼ାଇ ହତ୍ୟା ଉଦ୍ୟମ

ଓକିଲ ଭାଇଙ୍କ ବର୍ବରକାଣ୍ଡ

■ ଭାଙ୍ଗିଲା ଏସ୍‌ପିଙ୍କ ଆବାସିକ ପାଚେରି

■ ଜିଲା ଓକିଲ ସଂଘରୁ ପଞ୍ଚାନନ ନିଲମ୍ବିତ

ସମ୍ବଲପୁର,୧୮।୭(ବ୍ୟୁରୋ)

ସମ୍ବଲପୁର ଏସ୍‌ପି ଅଫିସ ସମ୍ମୁଖରେ ସୋମବାର ଏକ ପାରିବାରିକ କଳହର ଭୟାବହ ରୂପ ଦେଖିବାକୁ ମିଳିଛି। ଓକିଲ ପଞ୍ଚାନନ ଦାସ ସବୁ ସୀମା ଟପି ଶ୍ୱଶୁରଘର ପରିବାର ସଦସ୍ୟଙ୍କୁ ଦିନ ଦ୍ୱିପ୍ରହରରେ କାର୍ ଚଢ଼ାଇ ହତ୍ୟା ଉଦ୍ୟମ କରିଛନ୍ତି। ଘଟଣାରେ ସ୍ତ୍ରୀ ଚିନ୍ମୟୀ ମହାପାତ୍ର ଓ ଶ୍ୱଶୁର ରାମଚନ୍ଦ୍ର ମହାପାତ୍ର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଶଳା ସୌମ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି ଓ ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ପଞ୍ଚାନନ କାର୍ ଚଳାଇ ଦ୍ରୁତଗତିରେ ପ୍ରଥମେ ସ୍ତ୍ରୀ ଓ ଶ୍ୱଶୁରଙ୍କୁ ଧକ୍କା ଦେବା ପରେ ବାଇକ୍‌ରେ ଯାଉଥିବା ସୌମ୍ୟଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲେ। ପରେ ଡାହାଣ ପାର୍ଶ୍ୱରେ ଥିବା ଏସ୍‌ପିଙ୍କ ଆବାସିକ ପାଚେରିରେ କାର୍‌ଟି ପିଟି ହୋଇଯାଇଥିଲା। ଏଥିରେ କାନ୍ଥ ଭାଙ୍ଗିଯିବା ସହ ଏକ ବାଇକ୍ ବୁର୍‌ମାର ହୋଇଯାଇଛି।

ଘଟଣା ପୂରା ସିନେମା ଢଙ୍ଗରେ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। କାର୍ ପ୍ରଥମେ ସ୍ତ୍ରୀ ଓ ଶ୍ୱଶୁର ଏବଂ ଶଳାଙ୍କୁ ଧକ୍କା ଦେବା ପରେ କାନ୍ଥରେ ପିଟି ହେବାସହ ଅଟକିଯାଇଥିଲା। କାର୍ ଭିତରୁ ପଞ୍ଚାନନ ବାହାରି ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ମାମଲା(ନଂ.୨୭୪/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ପଞ୍ଚାନନଙ୍କୁ ଥାନାରେ ଅଟକ ରଖାଯାଇଛି। ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇ ରହିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଏହି ଘଟଣା ପରେ ଜିଲା ଓକିଲ ସଂଘରୁ ପଞ୍ଚାନନଙ୍କୁ ନିଲମ୍ବନ କରାଯାଇଛି। ଏହା ସହ କାରଣଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓକିଲ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

କାର୍ ଧକ୍କାରେ ଭାଙ୍ଗିଥିବା ଏସ୍‌ପି ଅଫିସ ପାଚେରି ।

ସୂଚନା ମୁତାବକ ବୁର୍ଲାରେ ପରିବାର ସହ ରହୁଥିବା ପଞ୍ଚାନନ ଓ ତାଳଚେର ନିବାସୀ ଚିନ୍ମୟୀଙ୍କ ମଧ୍ୟରେ ପ୍ରାୟ ୧୦ବର୍ଷ ପୂର୍ବରୁ ବିବାହ ହୋଇଥିଲା। ସେମାନଙ୍କର ୭ ବର୍ଷର ପୁଅ ଓ ୫ବର୍ଷର ଗୋଟିଏ ଝିଅ ଅଛନ୍ତି। ଏକ ଜନସେବା କେନ୍ଦ୍ର ଖୋଲି ଚିନ୍ମୟୀ ମଧ୍ୟ ରୋଜଗାର କରୁଥିଲେ। ପଞ୍ଚାନନ ସମ୍ବଲପୁରରେ ଓକିଲାତି କରୁଥିଲେ। ଏପରିସ୍ଥଳେ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଚିନ୍ମୟୀ ବୁର୍ଲା ଥାନାରେ ୬ମାସ ପୂର୍ବରୁ ଅଭିଯୋଗ କରିଥିଲେ। ସେହିଦିନଠାରୁ ଚିନ୍ମୟୀ ଦୁଇ ପିଲାଙ୍କ ସହ ବାପଘରେ ରହିଆସୁଥିଲେ। ସେ ପିଲାଙ୍କ ପାଠପଢ଼ା ପାଇଁ ଆର୍ଥିକ ସହାୟତା ଦେବାକୁ ପଞ୍ଚାନନଙ୍କ ପାଖରେ ଦାବି କରିଥିଲେ। ଏପରି କି ଓକିଲ ଜରିଆରେ ନୋଟିସ୍ ମଧ୍ୟ କରିଥିଲେ। ଆର୍ଥିକ ସହାୟତା ନ ଦେଲେ ଜନସେବା କେନ୍ଦ୍ର ଅନ୍ୟତ୍ର ନେଇ ନିଜେ ପରିଚାଳନା କରିବେ ବୋଲି ସ୍ଥିର କରିଥିଲେ। ସେଠାରୁ କିଛି ରୋଜଗାର ହେଲେ ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ଆଶା କରିଥିଲେ। ତେଣୁ ସୋମବାର ଚିନ୍ମୟୀ, ତାଙ୍କ ବାପା ଓ ଭାଇ ପଞ୍ଚାନନଙ୍କୁ ଭେଟି ଆଲୋଚନା କରିବା ପାଇଁ ଜିଲା କୋର୍ଟ ପରିସରକୁ ଆସିଥିଲେ। ହେଲେ ପଞ୍ଚାନନ ଚିନ୍ମୟୀଙ୍କ ପରିବାରକୁ ନ ଭେଟି କୁଆଡେ ଚାଲିଯାଇଥିଲେ। ଫଳରେ ସେମାନେ ନିରାଶ ହୋଇ ଏସ୍‌ପିଙ୍କ ବାସଭବନ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ପଞ୍ଚାନନ ତାଙ୍କ କାର୍ (ନଂ.ଓଡି୧୫ଏମ-୦୩୩୪)ରେ ଆସି ହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।

ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

୫ ଗେଟ୍‌ରେ ୧ଲକ୍ଷ ୧୬ ହଜାର କ୍ୟୁସେକ ଜଳ ପ୍ରବାହିତ

ସମ୍ବଲପୁର,୧୮।୭(ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରୁ ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରେ ବନ୍ଧ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତିବର୍ଷ ଭଳି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା। ଧୀରେ ଧୀରେ ଅନ୍ୟ ୪ ସ୍ଲୁଇସ ଗେଟ୍ ଖୋଲି ଦିଆଯାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ୬୧୩.୨୭ ଫୁଟ୍ ରହିଥିଲା। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୮ହଜାର ୫୧୫ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୧୬ ହଜାର ୫୪୧ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୩୪ ହଜାର କ୍ୟୁସେକ, ପର୍ଥଲାରେ ୭୧ ହଜାର ୭୧୩, ଖଇରମାଲରେ ୧ ଲକ୍ଷ ୩୮ ହଜାର, ବରମୁଲାରେ ୧ ଲକ୍ଷ ୯୭ ହଜାର ଓ ମେଣ୍ଡୋଲିରେ ୧ ଲକ୍ଷ ୭୨ ହଜାର ୪୫୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ ଗତବର୍ଷ ଜୁଲାଇ ୧୧ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା। ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବାରୁ ଡ୍ୟାମ୍‌କୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଏଥିଯୋଗୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ ବୋଲି ବନ୍ଧ କର୍ତ୍ତୃପକ୍ଷ ସ୍ଥିର କରିଥିଲେ। ଏ ନେଇ ସର୍ବସାଧାରଣରେ ନୋଟିସ ମଧ୍ୟ କରାଯାଇଥିଲା। ବନ୍ୟାଜଳ ନିଷ୍କାସନ ଦୃଶ୍ୟ ଦେଖିବା ପାଇଁ ମହାନଦୀ ତଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ଜିଏସ୍‌ଟିକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ବିରୋଧ

କ୍ଷୀର ଢାଳି ପ୍ରତିବାଦ ଜଣାଇଲେ ଚାଷୀ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

କେନ୍ଦ୍ର ସରକାର ଦହି, ପନିର, ଘୋଳଦହି ଆଦି ଉପରେ ଜିଏସ୍‌ଟି ଲାଗୁ କରିଛନ୍ତି। ଏହାକୁ ବିରୋଧ କରି ସୋମବାର ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ରାସ୍ତାକୁ ଓହ୍ଲାଇଛି। ଦୁଗ୍ଧ ଚାଷୀମାନେ କ୍ଷୀର କେନ୍ ଧରି ମାଷ୍ଟର କ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରା କରି ପିଏମ୍‌ଜି ଛକ ଅଭିମୁଖେ ଆସୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଦୁଗ୍ଧଚାଷୀମାନେ ରାସ୍ତା ଉପରେ କ୍ଷୀର ଢାଳି ପ୍ରତିବାଦ ଜଣାଇଥିଲେ। ମହାସଂଘ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଶୋଭାଯାତ୍ରାରେ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ଶତାଧିକ ଚାଷୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ କୃଷିମନ୍ତ୍ରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ୫% ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ବ୍ୟାପକତର କରାଯାଇ ସଂସଦ ଭବନ ସମ୍ମୁଖରେ ଦୁଗ୍ଧଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

କରୋନା ପାଇଁ ଦେଶର ୯ କୋଟି ଦୁଗ୍ଧଚାଷୀଙ୍କ ଜୀବନ ଜୀବିକା ବିପନ୍ନ ହୋଇଥିଲାବେଳେ ୫% ଜିଏସ୍‌ଟି ଲାଗୁ ଫଳରେ ଦୁଗ୍ଧଜାତ ଦ୍ରବ୍ୟ ଦରଦାମ୍ ଆହୁରି ବୃଦ୍ଧି ପାଇବ। ସେମାନଙ୍କ ଜୀବନ ଜୀବିକା ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେବ। ଖାଲି ଦୁଗ୍ଧଜାତ ଦ୍ରବ୍ୟ ନୁହେଁ, ଚାଉଳ, ଅଟା, ଡାଲି ସମେତ ମୁଢି, ଚୁଡ଼ା, ଖଇ ଓ ଗୁଡ଼ ଉପରେ ୫% ଜିଏସ୍‌ଟି ଲାଗୁ ହେବା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆହୁରି ବଢିଯିବ। ଏହି ଜିଏସ୍‌ଟି ଯୋଗୁ ଦୁଗ୍ଧଚାଷୀଙ୍କ ସହ ସାଧାରଣ ଖାଉଟି ଓ ଛୋଟ ଛୋଟ ବେପାରୀଙ୍କ ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯିବ। କେନ୍ଦ୍ର ସରକାର ପେଟ୍ରୋଲ୍, ଡିଜେଲ୍‌କୁ ଜିଏସ୍‌ଟି ପରିସରଭୁକ୍ତ କରିବା ପରିବର୍ତ୍ତେ ଡାଲି, ଚାଉଳ, ଅଟା ଓ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସ୍‌ଟି ଲାଗୁ କରିବା ଦୁର୍ଭାଗ୍ୟଜନକ ବୋଲି ସଭାପତି ରବି ବେହେରା ମତବ୍ୟକ୍ତ କରିଛନ୍ତି। ମହାସଂଘ ସମ୍ପାଦକ ନାରାୟଣ ଡାଲୁଆ, ସ୍ୱୟଂପ୍ରଭା ସାହୁ, ଦୁଗ୍ଧଚାଷୀ ମାନସ ମହାନ୍ତି, ଗୌରାଙ୍ଗ ରାଉତ, ଯାଦବ ମହାସଭା ସର୍ବଭାରତୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ସମାଜବାଦୀ ପାର୍ଟି ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ପ୍ରମୁଖ ଏହାକୁ ନିନ୍ଦା କରିଛନ୍ତି। ତୁରନ୍ତ ଜିଏସ୍‌ଟି ପ୍ରତ୍ୟାହାର ନ ହେଲେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଆସନ୍ତା ସପ୍ତାହରେ ଦେଶବ୍ୟାପୀ ଆନ୍ଦୋଳନ

ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ଆଦାୟକୁ ବିରୋଧ

ନୂଆଦିଲ୍ଲୀ,୧୮।୭: ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧିରେ ଦେଶବାସୀ ଘାଣ୍ଟି ହେଉଥିବାବେଳେ ସୋମବାରଠାରୁ ପୂର୍ବରୁ ପ୍ୟାକ୍ ହୋଇଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଯଥା କ୍ଷୀର, ଦହି, ପନିର, ମାଛ, ମାଂସ, ଚୁଡ଼ା, ମୁଢ଼ି ଏବଂ ନନ୍‌ବ୍ରାଣ୍ଡେଡ୍ ଅଟା, ଚାଉଳ ଉପରେ କେନ୍ଦ୍ର ସରକାର ୫% ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଲାଗୁ କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଦେଶର ବ୍ୟବସାୟୀ ଏବଂ ଦୋକାନୀମାନେ ଆସନ୍ତା ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଗ୍ରଣୀ ବ୍ୟବସାୟୀ ଗୋଷ୍ଠୀର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କଠାରୁ ଜଣାପଡ଼ିଛି।

ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍‌ବ୍ରାଣ୍ଡେଡ୍ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଗଭୀର ପ୍ରଭାବ ପଡ଼ିବ। ଘରୋଇ ଏଲ୍‌ପିଜି, ସବୁପ୍ରକାର ଘରକରଣା ଓ ପ୍ରତିଦିନ ଆବଶ୍ୟକ ହେଉଥିବା ସାମଗ୍ରୀର ମୂଲ୍ୟ ନିୟମିତ ବଢ଼ିଚାଲିଛି। ଫଳରେ ଉଭୟ ଖାଉଟି ଏବଂ ବ୍ୟବସାୟୀ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଥିବାବେଳେ ପୁଣି ଉପରୋକ୍ତ ଜିଏସ୍‌ଟି ଲାଗୁ ଚିନ୍ତା ବଢ଼ାଇଛି ବୋଲି କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସଭାପତି ପରବିନ୍ ଖଣ୍ଡେଲୱାଲ କହିଛନ୍ତି। ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ପ୍ରତିନିଧିତ୍ୱ କରୁଥିବା ସିଏଆଇଟିର ସଭାପତି ଖଣ୍ଡେଲୱାଲ କହିଛନ୍ତି ଯେ, ଦେଶବ୍ୟାପୀ କ୍ରମାଗତ ପ୍ରତିବାଦ ଆନ୍ଦୋଳନ କରାଯିବ। ଏନେଇ ଆସନ୍ତା ୨୬ ତାରିଖରେ ଭୋପାଳରେ ବିଭିନ୍ନ ରାଜ୍ୟର ବ୍ୟବସାୟୀ ସଂଘ ସଦସ୍ୟଙ୍କ ବୈଠକ ହେବ ବୋଲି ଖଣ୍ଡେଲୱାଲ କହିଛନ୍ତି।

DSPL - 108

ଜଳସମ୍ପଦ ବିଭାଗ

ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;

✓ ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ବ୍ୟବହାର କରନ୍ତୁ ।
- ଟେଲିଭିଜନ୍, ରେଡିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

✗ ଏଭଳି କରନ୍ତୁ ନାହିଁ

- ବୁଡ଼ି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।

ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟତ କରନ୍ତୁ ନାହିଁ

ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ

ଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ଜୀବନସୁରକ୍ଷା ଜ୍ୟାକେଟ୍ ବ୍ୟବହାର କରନ୍ତୁ

ସର୍ବୋଚ୍ଚ ଯନ୍ତ୍ରୀ,
ଜଳସମ୍ପଦ ବିଭାଗ

OIPR-32001/13/0001/2223

ଆଜିର ମନ୍ତବ୍ୟ

ଶ୍ରୀଲଙ୍କା ଭଳି ଉଚ୍ଚ ଋଣରେ ବୁଡ଼ି ସୀମିତ ନୀତି ଆପଣାଇଥିବା ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅନୁରୂପ ଦଶା ଭୋଗିପାରନ୍ତି।

– କ୍ରିଷ୍ଟାଲିନା ଜର୍ଜିଭା, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମୁଖ୍ୟ

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗାଆଁ ମୁଣ୍ଡେ କଲି ଘର;
ଗେରସ୍ତ ମୋହର ପରବାସିଆ ଲୋ,
ମତେ ନିଇତି ମାଡ଼ଇ ଡର।

ଗାଆଁ ମୁଣ୍ଡରେ ଘର, ଆଖପାଖରେ ଘର ନ ଥିବାରୁ ରାତିବେଳା ନିଛାଟିଆ ଲାଗିବା ସ୍ୱାଭାବିକ। ଏପରିସ୍ଥଳେ ଚିର ପ୍ରବାସୀ ସ୍ୱାମୀର ଅନୁପସ୍ଥିତିରେ ତରୁଣୀ ସ୍ତ୍ରୀଟି ସଦାସର୍ବଦା ଭୟ ଏବଂ ଆଶଙ୍କା ମଧ୍ୟରେ ସମୟ ଅତିବାହିତ କରିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଗେରସ୍ତ ବାପୁଡ଼ା ମାଇଗୁଲିଆ,
ମାଇପ ଟାଣରେ ହୁଏ ହାଲିଆ।।

ସ୍ତ୍ରୀ ବୁଦ୍ଧିରେ ବାଟ ଚାଲୁଥିବା ବ୍ୟକ୍ତି ନିଜସ୍ୱ ମତ ଜାହିର କରିପାରି ନ ଥାଏ। ସ୍ତ୍ରୀ ଯାହା କହିଥାଏ ସେ ତାହା ହିଁ କରିବାକୁ ଏକରକମ ବାଧ୍ୟ ହୋଇଥାଏ। ସ୍ତ୍ରୀର ବୋଲକରା ବ୍ୟକ୍ତି ନାନା ହଇରାଣ ହରକତ ହେବା ସହ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

କାଶୀପୁରରେ ବ୍ୟାପିଛି ଭିବ୍ରିଓ କଲେରା

ରାୟଗଡ଼ା ଅଫିସ,୧୮।୭

ସମସ୍ତ ପଞ୍ଚାୟତରେ ଚାଲିଛି ସଚେତନତା କାର୍ଯ୍ୟକ୍ରମ: ଜିଲାପାଳ

ରାୟଗଡ଼ା ଜିଲା କାଶୀପୁରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ସୋମବାର ଆର୍‌ଏମ୍‌ଆର୍‌ସି ଲ୍ୟାବ୍‌ର ମଳ ରିପୋର୍ଟ ପହଞ୍ଚିଛି। ଅଞ୍ଚଳବାସୀ ଭିବ୍ରିଓ କଲେରାରେ ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ସ୍ୱଷ୍ଟ ହୋଇଥିବା ଜିଲାପାଳ ସ୍ୱଧା ଦେବ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଝାଡ଼ାବାନ୍ତିରେ ମୃତ୍ୟୁ ସଂଖ୍ୟା ୭ ଥିବାବେଳେ ଏବେ ବି ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଜିଲାର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

କଲେରାକୁ ପ୍ରତିହତ କରିବା ପାଇଁ କାଶୀପୁର ବ୍ଲକର ସମସ୍ତ ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଯାଉଛି। ଅନ୍ୟ ଲୋକମାନେ ଯେପରି ଆକ୍ରାନ୍ତ ନ ହେବେ ଏବଂ ଚକିତ୍ସାଧୀନ ଆକ୍ରାନ୍ତ ଯେପରି ଗୁରୁତର ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ କହିଛନ୍ତି। ଲକ୍ଷଣ ଦେଖାଯିବା ମାତ୍ରେ ସେମାନଙ୍କ ଚିକିତ୍ସା କରାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ଟିମ୍ ଜଳ ନମୁନା ସଂଗ୍ରହ କରୁଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଏକ ହେଲ୍ପଲାଇନ ନମ୍ବର ୯୪୩୭୪୪୮୭୪୭ ଜାରି କରାଯାଇଛି। ଆଶା, ଅଙ୍ଗନୱାଡି କର୍ମୀମାନେ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରୁଛନ୍ତି। ନଦୀ ଏବଂ କୂଅର ଦୂଷିତ ପାଣି ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ପାନୀୟ ଜଳର ସୁବିଧା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଛି। ଗ୍ରାମରେ ଥିବା ସମସ୍ତ ଜଳ ଉତ୍ସରୁ ଜଳର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଆଗାମୀ ୩ ଦିନରେ ରିପୋର୍ଟ ଆସିବ। ଯେଉଁ ଉତ୍ସର ପାଣି ପିଇବା ଯୋଗ୍ୟ ଜଣାପଡ଼ିବ, ପରେ ତାହାକୁ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯିବ ବୋଲି ଜିଲାପାଳ ସିଂ କହିଛନ୍ତି। ଏହା ବ୍ୟତୀତ ଗ୍ରାମବାସୀଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଉଛି। ବିଶେଷକରି ସର୍ବାଧିକ ଆକ୍ରାନ୍ତ ହୋଇଥିବା ଡୁଡୁକାବାହାଲ ଗ୍ରାମର ଲୋକେ ସୁଷମ ଖାଦ୍ୟ ଖାଇବା ସହ କିପରି ବିଶୁଦ୍ଧ ଜଳ ବ୍ୟବହାର କରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା କୁହାଯାଇଛି। ସେହିପରି ସିଡିଏମ୍‌ଓ ଲାଲମୋହନ ରାଉତରାୟ ସୂଚନା ଦେଇ କହିଛନ୍ତି, ଏକାଧିକ ସ୍ୱାସ୍ଥ୍ୟ ଟିମ୍ ପଠାଯାଇଛି। ମଙ୍ଗଳବାର ଠାରୁ ଅସ୍ଥାୟୀ ଶିବିର କରି ଚିକିତ୍ସା କରାଯିବ ବୋଲି ରାଉତରାୟ କହିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟା ସୁଧାରିବାର ପ୍ରଯତ୍ନ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବା ସକାଶେ ମନ ବଳାଇପାରନ୍ତି।

ବୃଷ

ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

ମିଥୁନ

ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା କଳହର ସମ୍ମୁଖୀନ ହେବେ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କଚେରି ମାମଲାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

କର୍କଟ

କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା ପାରିବାରିକ ପରିସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ବନ୍ଧୁଙ୍କ ନିକଟରୁ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବ। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

ସିଂହ

ଆଜିର କର୍ମକ୍ଷେତ୍ରରେ ମନ ବୁଝିଲାଭଳି କଥା କହି କାମ ହାସଲ କରିବେ। ଅର୍ଥ ଯୋଗାଡ଼ ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ପରିବାରର ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

କନ୍ୟା

ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା ଆଚରଣ କରିବେ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

ତୁଳା

ପରିବାରରେ କାହା ମନ କାହା ସଙ୍ଗରେ ମିଶିବନି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ଆଶା ରହିଛି।

ବିଛା

ଆରମ୍ଭ କରିଥିବା କାର୍ଯ୍ୟଟିକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ ଘଟିପାରେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ପୂର୍ବରାଗକ୍ରମରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। ମହିଳାମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ।

ଧନୁ

ଭାବୁଥିବା କଥାଟି ଆଜି ଯଥାସମୟରେ ହୋଇଯିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

ମକର

ଖର୍ଚ୍ଚାନ୍ତ ହୋଇ ସ୍ଥଗିତ ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବେ। ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ ଓ ସୁନାମ ମଧ୍ୟ ପାଇବେ।

କୁମ୍ଭ

ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

ମୀନ

ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ସୁଧାରି ନେବେ। ଆଜି ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ବ୍ୟସ୍ତତାର କାରଣ ହୋଇପାରେ। ଶୁଭକାର୍ଯ୍ୟରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

classifieds Everyday
0674-2580101, 2549302

real estate

SALE

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ଫ୍ଲାଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452. D-73938

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ଫ୍ଲାଟ୍ ବିକ୍ରିହେବ। 9827119799. D-73842

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଲକାଟିରେ **sqft.1000/-.8114929186.** D-73541

Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854. D-73274

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ଫ୍ଲାଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ **30ft. road,** ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ଫ୍ଲାଟ୍ **sqft.-320/-, 850/-**ରେ ମିଳୁଛି। **9668344479, 9437607388.** D-73268

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277

construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73278

healthcare

Refreshing your mind and body with the best therapy, 7873794731. D-872

Newly open full body massage ladies and gents. 7846923244. D-73939

Relax, Refresh your body, Mind at Saikrupa Spa with best therapies. 8984068077. D-980

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Newly open SPA positively health benifit with expert. Contact: 7749976301. D-73845

Newly open full body massage ladies and gents. 8327740003, 8093860513. D-73937

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of affidavit sworn before Executive Magistrate, Bhubaneswar I, Preeti Ranjan Jena, R/o Vill/ P.S.- Badagada, P.O.- Badagada Brit Colony, Bhubaneswar, want to change name of my minor Daughter from "Shreyanvi Jena" to "Shivanya Jena". Henceforth my minor Daughter will be known as "Shivanya Jena" for all purposes. Her date of Birth is 19.12.2020 and Birth registration Number is 24013/2020 dated 27.12.2020. D-73709

Before Notary Sri Binayak Sahu Govt. of Odisha, Khalikote, Ganjam I, K. Gurumurty Patra, S/o- Late K. Trinath Patra, Mother- K. Puni Patra, Vill- Manapalli, PO.- Kairasi, P.S.- Tahasil, khalikote. In my School leaving Certificate (T.C) and my Birth Certificate mentioned as K. Gurumurty Patra, but in my Aadhaar Card wrongly mentioned as B. Bhikari Patra, S/o- B. Trinath Patra. Which is my nick name necessary to Produce before competent authority to record my name as per my Transfer Certificate of School and Birth Certificate and issue new Aadhaar Card in my above name and for Odisha gazette. D-1036

By virtue an affidavit before Notary Public, Bhubaneswar, I Ajay Kumar Agarwal, S/o- Banarasi Das Agarwal, At- Bhabanipur, PO./ P.S.- Pipili, Dist.- Puri- 752104, Odisha. That in my School leaving Certificate (T.C.) and Passport my name mentioned as AJAYA KUMAR AGRAWALLA, S/o- BANARASI DAS AGRAWALLA. Now I am keep up my name as AJAY KUMAR AGARWAL, S/o- Banarasi Das Agarwal for all purpose. D-1033

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପ୍ରଥମ ପୃଷ୍ଠାରୁ...

ବାଲଟ ବାକ୍ସରେ...

ରାଷ୍ଟ୍ରପତି ନିର୍ବାଚନ ସହ ସୋମବାର ସପ୍ତଦଶ ପାର୍ଲାମେଣ୍ଟର ନବମ ଅଧିବେଶନ ଆରମ୍ଭ ହୋଇଛି। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ହାଉସ୍‌ର ରୁମ୍ ନମ୍ବର ୬୩ରେ ମତଦାନ ପାଇଁ ସବୁ ବ୍ୟବସ୍ଥା କରାଯାଇଥିଲା। ସଦସ୍ୟମାନେ ସୁବିଧାରେ ଭୋଟ ଦେଇପାରିବେ ବୋଲି ଲୋକ ସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ମୋଟ ୭୨୭ ଏମ୍‌ପି ଏବଂ ୯ ବିଧାୟକଙ୍କୁ ଭୋଟ ଦେବା ପାଇଁ ନିର୍ବାଚନ କମିଶନ ଅନୁମତି ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୧୯ ଏମ୍‌ପି ଏବଂ ସମସ୍ତ ୯ ବିଧାୟକ ମତାଧିକାର ସାବ୍ୟସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ୮ ଏମ୍‌ପି ମତଦାନରୁ ବିରତ ରହିଥିଲେ। ସେମାନଙ୍କ ମଧ୍ୟରେ ଭାଜପା ଏବଂ ଶିବସେନାର ଦୁଇଜଣ ଲେଖାଏ ଓ କଂଗ୍ରେସ, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି, ଏଆଇଏମ୍‌ଆଇଏମ୍‌ର ଜଣେ ଲେଖାଏ ସଦସ୍ୟ ଅଛନ୍ତି। ଦ୍ରୌପଦୀଙ୍କୁ ଭାଜପା ସମେତ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ଏବଂ ବିଜେଡି, ବିଏସ୍‌ପି, ଶିରୋମଣି ଅକାଳୀ ଦଳ, ଶିବସେନା, ଟିଡିପି, ୱାଇଏସ୍‌ଆର୍‌ସିପି, ଜେଡିଏସ୍, ଜେଏମ୍‌ଏମ୍ ସମର୍ଥନ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଯଶୱନ୍ତଙ୍କୁ ତୃଣମୂଳ କଂଗ୍ରେସ, ଜାତୀୟତାବାଦୀ କଂଗ୍ରେସ ପାର୍ଟି, କଂଗ୍ରେସ, ଡିଏମ୍‌କେ, ଆର୍‌ଜେଡି, ଏଆଇୟୁଏମ୍‌ଏଲ୍, ଏଏପି ସମେତ ଅନେକ ବିରୋଧୀ ଦଳ ଭୋଟ ଦେବାକୁ ପୂର୍ବରୁ ସ୍ୱଷ୍ଟ କରିଥିଲେ। ଅନ୍ୟପକ୍ଷରେ କେତେକ ରାଜ୍ୟ ବିଧାନସଭାରେ ଅନେକ ବିଧାୟକ ଦ୍ରୌପଦୀଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ଓ ଗୁଜରାଟର ଜଣେ ଲେଖାଏ ଏନ୍‌ସିପି ବିଧାୟକ ଏବଂ ଓଡ଼ିଶା ଓ ହରିୟାଣାର ଜଣେ ଲେଖାଏ କଂଗ୍ରେସ ବିଧାୟକ ଅଛନ୍ତି।

ପଞ୍ଜାବର ଜଣେ ଅକାଳୀ ଦଳ ବିଧାୟକ ତାଙ୍କ ରାଜ୍ୟରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉ ନ ଥିବା ଦର୍ଶାଇ ଭୋଟ ବର୍ଜନ କରିଥିଲେ। ଆସାମରେ ଆଇୟୁଡିଏଫ୍ ବିଧାୟକ କରିମୁଦ୍ଦିନ ବଡ଼ଭୂୟାଁ କହିଛନ୍ତି, ରାଜ୍ୟର ପ୍ରାୟ ୨୦ କଂଗ୍ରେସ ବିଧାୟକ ଦ୍ରୌପଦୀଙ୍କୁ ଭୋଟ ଦେଇଛନ୍ତି। ଯଶୱନ୍ତ ସିହ୍ନା ଏକଦା ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ଓ ତାଙ୍କ ଦଳକୁ ଆଇଏସ୍‌ଆଇ ଏଜେଣ୍ଟ କହିଥିବାରୁ ତାଙ୍କ ଭାଇ ଶିବପାଳ ଯାଦବ ବିରୋଧୀ ପ୍ରାର୍ଥୀଙ୍କ ବିରୋଧରେ ଭୋଟ ଦେଇଥିବା କହିଛନ୍ତି। ଗତମାସରେ ରାଜ୍ୟ ସଭା ନିର୍ବାଚନ ବେଳେ କ୍ରସ୍‌ଭୋଟିଂ କରିଥିବା ହରିୟାଣା କଂଗ୍ରେସ ବିଧାୟକ କୁଲଦୀପ ବିଷ୍ଣୋଇ ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ନିଜ ବିବେକାନୁମୋଦିତ ଭୋଟ ଦେଇଥିବା ପ୍ରକାଶ କରିଛନ୍ତି। କଟକ-ବାରବାଟୀର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ଦ୍ରୌପଦୀଙ୍କୁ 'ଓଡ଼ିଶାର ଝିଅ' କହି ତାଙ୍କ ସପକ୍ଷରେ ଭୋଟ ଦେଇଥିବା କହିଛନ୍ତି। ଝାଡ଼ଖଣ୍ଡରେ ଏନ୍‌ସିପି ବି

୬୫ ଛାତ୍ରୀଛାତ୍ର ଅସୁସ୍ଥ

ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ଯାଜପୁର ଅଫିସ/
କାଳିଆପାଣି(ଡି.ଏନ.ଏ.),୧୮।୭

ମଧ୍ୟାହ୍ନ ଭୋଜନରେ ଝିଟିପିଟି

ବାଧିଲୋ ଭାସ୍କର ନୋଡାଲ ୟୁପି ସ୍କୁଲ

ଯାଜପୁର ଜିଲା ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତ ଅନ୍ତର୍ଗତ ବାମ୍ପିଲୋ ଭାସ୍କର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନଭୋଜନରେ ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ୬୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ୧ମରୁ ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଉଥିଲା। ଏହି ସମୟରେ ଡାଲମାରେ ଝିଟିପିଟି ପଡ଼ିଥିବା ଜଣାପଡ଼ିବା ପରେ ଖାଦ୍ୟ ପରଷିବା ବନ୍ଦ କରିଦିଆଯାଇଥିଲା। ତେବେ ଖାଦ୍ୟ ପରଷିବା ବନ୍ଦ ପୂର୍ବରୁ ଛାତ୍ରୀଛାତ୍ର ଅଧା ଖାଦ୍ୟ ଖାଇସାରିଥିଲେ। କିଛି ସମୟ ମଧ୍ୟରେ ସେମାନଙ୍କ ପେଟ ଯନ୍ତ୍ରଣା ହେବା ସହ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଏବଂ ଘରୋଇ ବୋଲେରୋ ଜରିଆରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ବେହେରା ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜୟଦେବ ନନ୍ଦ ଏବଂ ଡାକ୍ତର ସୂର୍ଯ୍ୟନାରାୟଣ ମହାପାତ୍ର ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆଶୁ ଚିକିତ୍ସା କରିଥିଲେ। ବ୍ଲକ ମଧ୍ୟାହ୍ନଭୋଜନର ନୋଡାଲ ଅଧିକାରୀ ଗୟାଧର ପରିଡ଼ା ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ଘଟଣାର ଯାଞ୍ଚ କରିଥିବା ଜଣାପଡ଼ିଛି। କୁହିକା ସରପଞ୍ଚ ଅଶ୍ୱିନୀ ପରିଡା ଏବଂ ସମିତି ସଭ୍ୟ ରଞ୍ଜନ କୁମାର ନାୟକ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଅନ୍ୟପକ୍ଷେ ସ୍କୁଲର ପ୍ରଧାନ ଶିକ୍ଷକ ପାଣ୍ଡବ ହେମ୍ବ୍ରମ ଅନୁପସ୍ଥିତ ଥିବା ଜଣାପଡିଛି।

ବ୍ରାହ୍ମଣୀରେ ପ୍ରଥମ ବନ୍ୟା

ଧର୍ମଶାଳା,୧୮।୭(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅଞ୍ଚଳଦେଇ ପ୍ରବାହିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। କିଛି ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗିରହିବା ଫଳରେ ବିଭିନ୍ନ ନଦୀରେ ଜଳପତନ ବୃଦ୍ଧି ପାଇଛି। ସେହି ଅନୁପାତରେ ବ୍ରାହ୍ମଣୀ ନଦୀରେ ସୋମବାର ବନ୍ୟାଜଳ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁ ସମଲ ବ୍ୟାରେଜର ଗେଟ୍ ଖୋଲାଯିବାରୁ ବ୍ରାହ୍ମଣୀରେ ବନ୍ୟାଜଳ ପ୍ରବେଶ କରିଛି। ତେବେ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ଲଗାଯାଇଥିବା ଗେଜଠାରୁ ନିମ୍ନରେ ବନ୍ୟାଜଳ ପ୍ରବାହିତ ହେଉଛି। ଆଗାମୀ ୨ରୁଣୀ ଦିନ ବ୍ରହ୍ମଣୀ ନଦୀରେ ଏଭଳି ସାମାନ୍ୟ ବନ୍ୟାଜଳ ପ୍ରବାହିତ ବୋଲି ଜାରକା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆଗକୁ ରେଙ୍ଗଲି ଡ୍ୟାମ୍‌ରେ ଗେଟ ଖୋଲିବା ସମ୍ଭାବନା ଥିବାରୁ ବ୍ରାହ୍ମଣୀରେ ବନ୍ୟାଜଳ ବୃଦ୍ଧି ପାଇବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ କବଜାରେ ୨ ଲୁଟେରା

ଭୁବନେଶ୍ୱର,୧୮।୭(ବ୍ୟୁରୋ) କ୍ୟାପିଟାଲ ହସ୍ପିଟାଲର ଶିଶୁରୋଗ ବିଭାଗରୁ ମୋବାଇଲ ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ନୟାଗଡର ବୃନ୍ଦାବନ ପଟ୍ଟନାୟକ ଓ ରଞ୍ଜନ ପ୍ରଧାନ। ତାଙ୍କଠାରୁ ଗୋଟିଏ ବାଇକ୍ ଓ ୨ ମୋବାଇଲ ଫୋନ ଜବତ କରାଯାଇଛି। ମାମଲା (ନଂ ୪୧୧/୨୨) ରେ ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.ELS-ANGL-OT-22-23-01

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS), ଅନୁଗୋଳର WAG-7 ଇଂଜିନ୍ (ଲୋକୋମୋଟିଭ) ନିମନ୍ତେ BT ଦ୍ୱାରା ନିର୍ମିତ ତିନି ଗୋଟି N-32 ଟାଇପ୍ ଟ୍ୟାପ୍ ଟେଞ୍ଜରସୁଦୃଢ଼କରଣ ମରାମତି, ରିହାବିଲିଟେସନ୍, ରିକଣ୍ଡିସନିଂ, ପରୀକ୍ଷଣ ଏବଂ ଯୋଗାଣ ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 60,32,507.07, EMD (ଟଙ୍କାରେ): 1,20,700/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.07.2022ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.08.2022 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS), ଅନୁଗୋଳ
PR-298/N/22-23

ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୪୨-ଜିଆର୍‌ସି-ସିଇ-ସି-ଏସ୍‌ଓ-୨୪-୨୦୨୨, ତାରିଖ: ୧୫।୦୭।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ରାଉରକେଲା-ବଣ୍ଡମୁଣ୍ଡା ୪ର୍ଥ ଲାଇନ୍: ରାଉରକେଲା-ବଣ୍ଡମୁଣ୍ଡା ମଧ୍ୟରେ ଫର୍ମେଶନରେ ମାଟିକାମ, ଛୋଟ ସେତୁ ନିର୍ମାଣ, ପି.ଓ୍ୱେ ସଂଯୋଗୀକରଣ କାର୍ଯ୍ୟ, ପି.ଓ୍ୱେ ଫିଟିଂସ୍ ଯୋଗାଣ, ପି.ଓ୍ୱେ ସାମଗ୍ରୀର ପରିବହନ, ବାଲାଷ୍ଟର ଯୋଗାଣ କାର୍ଯ୍ୟ ନିର୍ବାହ । ଆନୁମାନିକ ମୂଲ୍ୟ: ₹୨୮.୦୨ କୋଟି । ବିଡ୍ ଅମାନତ: ₹୧୫,୫୧,୨୦୦/- । ସମାପ୍ତି ଅବଧି: ୧୮ ମାସ । ସମାପ୍ତି ତାରିଖ: ୦୮।୦୮।୨୦୨୨ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-343)

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2022-11, ତା.15.07.2022ରିଖ

କାର୍ଯ୍ୟର ନାମ : 03 (ତିନି) ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଯାତ୍ରୀ ସୁବିଧା ପ୍ରଣାଳୀ (ସେଲଫୁର ଷ୍ଟେସନର ପ୍ଲାଟଫର୍ମ-1ସ୍ଥିତ CGDB ଏବଂ ରେଡ଼ାଖୋଲ, ସମ୍ବଲପୁର ସିଟି, ହୀରାକୁଦ, ବରପାଲି, ଅମ୍ବେଭଳା, ମୁନିଗୁଡ଼ା, ଭବାନୀପାଟଣା, କୁମାରଡ଼ କୋଡ଼, ଖରିଆର ରୋଡ଼, ବାଗବହରା ଏବଂ ମହାସମୁନ୍ଦ ଷ୍ଟେସନଗୁଡ଼ିକ ଠାରେ 3 ଲାଇନ୍ TIBs) ନିମନ୍ତେ ବ୍ୟାପକ ଅନ୍ ସାଇଟ୍ (On site) ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 32,30,384.30, EMD (ଟଙ୍କାରେ) : 64,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.08.2022 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-302/N/22-23

OFFICE OF THE PRINCIPAL
S.B.R. GOVT. WOMEN'S (AUTO.) COLLEGE, BERHAMPUR
GANJAM- 760001

Sealed quotations are invited preferably from Women's SHG to run the College Canteen by 30th of July 2022. The quotations will be opened on 1st of August at 4 P.M. in presence of parties if any.

Principal

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

QUOTATION CALL NOTICE FOR SUPPLY OF CLASSROOM BENCH AND DESK AT NLUO CUTTACK

Sealed quotations in prescribed format are invited for Supply of Classroom Bench and Desk at NLUO Cuttack. Last date & time of receipt is **25.07.22** at **11.00AM.** For details please visit website- www.nluo.ac.in.

Sd/-
Registrar

ଏସ୍‌ଏଲ୍‌ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୦୫/୦୬-୨୨ ତାରିଖ: ୧୩।୦୭।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ http://www.ireps.gov.in/ websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଭିପିଗୁଡ଼ିକର ଲିଜିଂ । **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.: (୧)** ଲିଜ୍-କେଜିପି-୦୫-୨୨ । **ନିଲାମ ତାରିଖ:** ୨୮।୦୭।୨୦୨୨ । **(୨)** ଲିଜ୍-କେଜିପି-୦୬-୨୨ । **ନିଲାମ ତାରିଖ:** ୨୯।୦୭।୨୦୨୨ । **ନିଲାମ ଆରମ୍ଭ ସମୟ:** ଉଭୟ କାଟାଲଗ୍ ନଂ. ପାଇଁ ୧୧.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ଉଭୟ କାଟାଲଗ୍ ନଂ. ପାଇଁ ୧୩.୧୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ୱୀକୃତିକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-346) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

ପୂର୍ବ ତଟ ରେଳପଥ

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପେ ଆଣ୍ଡ ୟୁଜ୍(Pay & Use) ଶୌଚାଳୟଗୁଡ଼ିକର ଇ-ନିଲାମ

କ୍ରମ ସଂ.	ଷ୍ଟେସନ ଏବଂ ସ୍ଥାନ	ନିଲାମ ଶେଷ ତାରିଖ ଓ ସମୟ
1	ଖୋର୍ଦ୍ଧା ରୋଡ଼ (ପ୍ଲାଟଫର୍ମ-1ରେ, ଭଦ୍ରକ ଆଡ଼କୁ)	29.07.2022, 1030 ଘଟିକା
2	ବ୍ରହ୍ମପୁର (ପ୍ଲାଟଫର୍ମ-1ରେ, ବିଶାଖାପାଟଣା ଆଡ଼କୁ)	29.07.2022, 1040 ଘଟିକା
3	ଭଦ୍ରକ (ପ୍ଲାଟଫର୍ମ-1ଏବଂ 2ରେ, ମଧ୍ୟବର୍ତ୍ତୀ)	29.07.2022, 1050 ଘଟିକା
4	ଭୁବନେଶ୍ୱର (ପ୍ଲାଟଫର୍ମ-6 ବାହାରେ)	29.07.2022, 1100 ଘଟିକା
5	ଖଲିକୋଟ (ପରିଚାଳନ କ୍ଷେତ୍ରରେ)	29.07.2022, 1110 ଘଟିକା
6	ଢେଙ୍କାନାଳ (ପ୍ଲାଟଫର୍ମ-1ରେ, ଅନୁଗୋଳ ଆଡ଼କୁ)	29.07.2022, 1120 ଘଟିକା
7	ଯାଜପୁର କେନ୍ଦୁଝର ରୋଡ଼ (ପ୍ଲାଟଫର୍ମ-1ରେ, ହାଓଡ଼ା ଆଡ଼କୁ)	29.07.2022, 1130 ଘଟିକା
8	ପାରାଦ୍ୱୀପ (ପ୍ଲାଟଫର୍ମ-1ସଂଲଗ୍ନ ଗୁଡ୍‌ସ କାର୍ଯ୍ୟାଳୟ ନିକଟରେ)	29.07.2022, 1140 ଘଟିକା
9	ଅନୁଗୋଳ (ପ୍ଲାଟଫର୍ମ-1ରେ, ତାଳଚେର ରୋଡ଼ ଆଡ଼କୁ)	29.07.2022, 1150 ଘଟିକା
10	ପଲାସା (ପ୍ଲାଟଫର୍ମ-2 ଏବଂ 3ରେ, ବୁକିଙ୍ଗ୍ କାର୍ଯ୍ୟାଳୟ ନିକଟରେ)	29.07.2022, 1200 ଘଟିକା
11	ଭୁବନେଶ୍ୱର (ପ୍ଲାଟଫର୍ମ-1ରେ, କଟକ ଆଡ଼କୁ)	29.07.2022, 1210 ଘଟିକା
12	କଟକ (ପ୍ଲାଟଫର୍ମ-1ରେ, ଭଦ୍ରକ ଆଡ଼କୁ)	29.07.2022, 1220 ଘଟିକା
13	ଇନ୍ଦ୍ରାପୁରମ୍ (ପ୍ଲାଟଫର୍ମ-1ରେ, ମଧ୍ୟବର୍ତ୍ତୀ)	29.07.2022, 1230 ଘଟିକା

ଆସେଟ୍ ବିବରଣୀ : ପେ ଆଣ୍ଡ ୟୁଜ୍ ଶୌଚାଳୟ (କ୍ରମ ସଂ.1 ଠାରୁ 13 ପାଇଁ), ନିଲାମ ଆରମ୍ଭ ତାରିଖ ଓ ସମୟ : 29.07.2022, 1000 ଘଟିକା (କ୍ରମ ସଂ.1 ଠାରୁ 13 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

PR-301/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼

SHRI JAGANNATH SANSKRIT UNIVERSITY
SHRI VIHAR, PURI
No.Exam. 1446/2022, S.J.S.U., Puri, Date:16.07.22

NOTIFICATION

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୨ ମସିହାର ଶାସ୍ତ୍ରୀ ପ୍ରଥମ ବର୍ଷ (Regular/Back/ Improvement) ପରୀକ୍ଷା ପାଇଁ ସଂପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯିବ ।

ଶାସ୍ତ୍ରୀ ପ୍ରଥମବର୍ଷ– ଫର୍ମ ପୂରଣ କରିବା ପୂର୍ବରୁ କଲେଜ କର୍ତ୍ତୃପକ୍ଷ ଶାସ୍ତ୍ରୀ ପ୍ରଥମ ବର୍ଷ ନିୟମିତ ଛାତ୍ରଛାତ୍ରୀମାନଙ୍କର Registration No. ବିଶ୍ୱବିଦ୍ୟାଳୟ Website: www.sjsv.nic.inରୁ ତା.୧୯.୦୭.୨୦୨୨ ରିଖଠାରୁ download କରିପାରିବେ । E-admission ମାଧ୍ୟମରେ ନାମ ଲେଖାଇ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀ ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ନିମନ୍ତେ Form fill-up କରିବା ଅନିବାର୍ଯ୍ୟ ଅଟେ । ନଚେତ୍ ସେମାନଙ୍କର ଛାତ୍ରାବସ୍ଥା ସ୍ୱତଃ ରଦ୍ଦ ହୋଇଯିବ ।

ପୂରଣ ହୋଇଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ଆବେଦନ ପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ ।
୧.(କ) ୨୦୨୨ ମସିହା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ପାଇଁ ଛାତ୍ର ଉପସ୍ଥାନ କରିବା ନିମନ୍ତେ ସରକାରଙ୍କଠାରୁ ପ୍ରାପ୍ତ Permanent Recognition/Temporary Recognition/Examination Permission ସଂପର୍କିତ ଆଦେଶର ନକଲ ।
(ଖ) e-admission ଜରିଆରେ ପ୍ରାପ୍ତ ହୋଇଥିବା ପଞ୍ଜୀକରଣ ତାଲିକାର ନକଲ ।
(ଗ) N.S.S. ଦେୟ ଦାଖଲ କରାଯାଇଥିବା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର N.S.S. wingରୁ ପ୍ରାପ୍ତ Clearance Certificateର ନକଲ ।
(ଘ) ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସହବନ୍ଧନ Affiliation ସମ୍ପର୍କିତ ପ୍ରମାଣପତ୍ରର ନକଲ ।

ଅନୁଷ୍ଠାନର ଅଧ୍ୟକ୍ଷମାନେ ଶାସ୍ତ୍ରୀ ପ୍ରଥମବର୍ଷର ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website:www.sjsv.nic.inରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣ କରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ Bank Draft drawn in favour of Comptroller of Finance, S.J.S.V., Puri ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ ।

ବି.ଦ୍ର. ଡାକଯୋଗେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

କାର୍ଯ୍ୟସୂଚୀ

୧. ବିଶ୍ୱବିଦ୍ୟାଳୟର Website ରୁ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ଓ ନିୟମାବଳୀ ପାଇବା ତାରିଖ	From dt.19.07.2022 to 29.07.2022
୨. ବିନା ବିଳମ୍ବ ଶୁଳ୍କରେ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ଓ ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ	From dt.19.07.2022 to 25.07.2022
୩. ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ	From dt.26.07.2022 to 27.07.2022
୪. ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହ

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ବୃତାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। –ଶ୍ରୀମା

ମାଙ୍କଡ଼ଡିଆଁ

କେରଳର କନ୍ନୁରଠାରେ ୧୮ ଜୁଲାଇରେ ୩୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କଠାରେ ଦେଶର ଦ୍ୱିତୀୟ ମଙ୍କିପକ୍ସ ଭୂତାଣୁ ଠାବ ହୋଇଛି। ସେ ୧୩ ଜୁଲାଇରେ ଦୁବାଇରୁ ଆସି କର୍ନାଟକର ମାଙ୍ଗାଲୋର ବିମାନବନ୍ଦରରେ ଓହ୍ଲାଇଥିଲେ। ତାଙ୍କଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଦେବା ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ନମୁନା ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯିବା ପରେ ସେ ପଜିଟିଭ୍ ଥିବା ଜଣାପଡ଼ିଛି। ଜୁଲାଇ ୧୪ରେ ଏହାର ପ୍ରଥମ କେସ୍ ସେହି କେରଳର କୋଲାମ ଜିଲାରେ ଦେଖାଦେଇଥିଲା। ସେହି ବ୍ୟକ୍ତି ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଆଇ)ରୁ ଆସିଥିଲେ। ଏହି ଦୁଇଟି ଘଟଣାକୁ ଦେଖିଲେ ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କଠାରେ ମଙ୍କିପକ୍ସ ଭୂତାଣୁ ଦେଖାଦେଇଛି। ଏଠାରେ ଉଲ୍ଲେଖ କରାଯାଇପାରେ, କୋଭିଡ୍–୧୯ କେରଳ ବାଟ ଦେଇ ଭାରତକୁ ପ୍ରବେଶ କରିଥିଲା। ସେତେବେଳେ କେନ୍ଦ୍ର ସରକାର ତାହାକୁ ହାଲୁକା ଭାବେ ନେଇ ଅନ୍ତର୍ଜାତୀୟ ଉଡ଼ାଣ ଉପରେ ତତ୍‌କ୍ଷଣାତ୍ ପ୍ରତିବନ୍ଧକ ଲଗାଇ ନ ଥିଲେ। କେବଳ ସେତିକି ନୁହେଁ, କୋଭିଡ୍‌ର କେନ୍ଦ୍ରସ୍ଥଳ ଚାଇନାର ଉହାନରୁ ମଧ୍ୟ ବିମାନଭର୍ତ୍ତି ଭାରତୀୟଙ୍କୁ ବୋହି ଅଣାଯାଇଥିଲା। 'ଚୋର ପଳାଇଗଲା ପରେ ବୁଦ୍ଧି ବାହାରେ' ନ୍ୟାୟରେ ଯେତେବେଳେ ସରକାର ବିଦେଶ ବିମାନ ଯାତ୍ରା ଉପରେ ରୋକ୍ ଲଗାଇଲେ, ସେତେବେଳକୁ କୋଭିଡ୍ ଭୂତାଣୁ ଭାରତ ସାରା ଚରିଯାଇଥିଲା। ଏଠାରେ ଏହା ମଧ୍ୟ ମନେପକାଇ ଦିଆଯାଇପାରେ, ଯେତେବେଳେ କୋଭିଡ୍–୧୯ ସଂକ୍ରମଣ ଶୀର୍ଷ ଛୁଇଁଥିଲା ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିନା କୌଣସି ପୂର୍ବ ସୂଚନା ଦେଇ ଯେଉଁ ଲକ୍‌ଡାଉନ୍ ଘୋଷଣା କରିଦେଲେ, ତାହା ଫଳରେ ଦେଶବାସୀ ଅତ୍ୟନ୍ତ କଷ୍ଟ ସମୟର ସମ୍ମୁଖୀନ ହେଲେ। କାମଧନ୍ଦା ନ ପାଇବାରୁ ସହରରେ ବାସ କରୁଥିବା ଲୋକମାନେ ଗାଁମୁହାଁ ହୋଇଥିଲେ। ଅସଂଖ୍ୟ ଲୋକ ଭିଡ଼ରେ ଯାତ୍ରା କରିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ମଙ୍କିପକ୍ସ ଭୂତାଣୁ ଯେଭଳି ବିସ୍ତାର ନ କରିବ ସେଥିପ୍ରତି ସର୍ବାଧିକ ଧ୍ୟାନ ଦେବା ଦରକାର। ଭାରତରେ ପ୍ରଥମ ଘଟଣା ଦେଖାଦେବା ପରେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ନିୟମାବଳୀ ଘୋଷଣା କରିଥିଲେ। ଦ୍ୱିତୀୟ ମାମଲା ଆସିବା ପରେ ଜୁଲାଇ ୧୮ରେ ରାଜ୍ୟ, ବିମାନବନ୍ଦର ଓ ବନ୍ଦରର ସ୍ୱାସ୍ଥ୍ୟ ଅଧିକାରୀମାନେ ଯେଭଳି ବିଦେଶ ଫେରନ୍ତାଙ୍କ ଉପରେ କଡ଼ା ନଜର ରଖିପାରିବେ ସେ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ମଙ୍କିପକ୍ସର ଇତିହାସ ଦେଖିଲେ ୧୯୫୮ ମସିହାରେ ଡେନ୍‌ମାର୍କ ରାଜଧାନୀ କୋପେନ୍‌ହାଗେନ୍‌ଠାରେ ଏକ ପରୀକ୍ଷାଗାରରେ ମାଙ୍କଡ଼ଙ୍କ ଶରୀରରେ ଏହି ଭୂତାଣୁକୁ ପ୍ରଥମେ ଠାବ କରାଯାଇଥିଲା। ହେଲେ ୧୯୭୦ରେ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ଜଣେ ୯ ମାସର ଶିଶୁଠାରେ ଏହା ଦେଖାଦେଇଥିବାରୁ ତାହାକୁ ମଣିଷ ଦେହରେ ମଙ୍କିପକ୍ସ ପ୍ରଥମେ ଆବିଷ୍କାର କରାଯାଇଥିଲା ବୋଲି କୁହାଯାଉଛି। ସେବେଠାରୁ ୨୦୨୨ ଜାନୁୟାରୀ ଯାଏ କେବଳ ୧୧ଟି ଆଫ୍ରିକୀୟ ଦେଶରେ ଏହି ଭୂତାଣୁ ସୀମିତ ଥିଲା। କିନ୍ତୁ ଏବେ ୟୁଏଇ, ଚେକ୍ ରିପବ୍ଲିକ୍, ସୁଇଡେନ୍ ସମେତ ୪୫ ରାଷ୍ଟ୍ରରେ ଏହା କାୟା ବିସ୍ତାର କରିସାରିଲାଣି। ଏଭଳି ସ୍ଥଳେ ଜନବହୁଳ ରାଷ୍ଟ୍ର ଭାରତରେ ଏହାର ପଦାର୍ପଣ ଏକ ବିପଦର ସଙ୍କେତ ଦେଇଛି। ରକ୍ତ, ଶ୍ୱାସପ୍ରଶ୍ୱାସ କିମ୍ବା ଶରୀରରୁ ନିର୍ଗତ ଲାଳ ମାଧ୍ୟମରେ ଏହା ସଂକ୍ରମିତ ହୋଇଥାଏ। ଏହାଦ୍ୱାରା ଜ୍ୱର, ଗଣ୍ଠି ଫୁଲିଯିବା, ଦେହରେ ଫୋଟକା ଭଳି ବାହାରିବା ଲକ୍ଷଣ ଦେଖାଦେଇଥାଏ। ଏବେ ମଙ୍କିପକ୍ସର ନୂଆ ରୂପ ଦେଖାଦେଇଥିବାରୁ ତାହା କ୍ଷତିକାରକ ହେବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ତେବେ ଏହି ଭୂତାଣୁ ଯୋଗୁ ମୃତ୍ୟୁହାର ୩ରୁ ୬ ପ୍ରତିଶତ ଅର୍ଥାତ୍ ସଂକ୍ରମିତ ୧୦୦ ଜଣଙ୍କ ମଧ୍ୟରେ ୩ରୁ ୬ ଜଣ ମରିବେ। ଭାରତ ଭଳି ଦେଶରେ ଅଧିକାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବା ଦେଖାଯାଉଥିବାରୁ ମଙ୍କିପକ୍ସ ଭୂତାଣୁ ବ୍ୟାପିବା ଆରମ୍ଭ କଲେ ତାହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର। ଏଭଳି ସମୟରେ ସରକାର ଭୂତାଣୁ ଠାବ ଓ ନିରୀକ୍ଷଣ କ୍ଷମତାକୁ ବୃଦ୍ଧି କରିବା ଦରକାର। ସନ୍ଦେହ କରାଯାଉଥିବା ରୋଗୀଙ୍କୁ ସ୍ମଲ୍‌ପକ୍ସ ବା ବସନ୍ତ ରୋଗ ଲାଗି ଉଦ୍ଦିଷ୍ଟ ଟିକାକୁ ପ୍ରତିଷେଧକ ଭାବେ ଦିଆଯାଇପାରିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ତେଣୁ ଏବେଠାରୁ ସରକାରୀ ସ୍ତରରେ ପ୍ରସ୍ତୁତି ହେବା ଆବଶ୍ୟକ। କୋଭିଡ୍–୧୯ ଦ୍ୱିତୀୟ ଲହର ସମୟରେ ଭାରତରେ ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଅଭାବ ଯୋଗୁ ଘଟିଥିଲା। ଆବଶ୍ୟକତା ଅନୁଯାୟୀ ଅମ୍ଳଜାନ ସିଲିଣ୍ଡର ନ ମିଳିବା, ରୋଗୀଙ୍କ ପାଇଁ ଡାକ୍ତରଖାନାରେ ଶଯ୍ୟା ଏବଂ ଔଷଧର ଅଭାବ ସ୍ଥିତିକୁ ଗମ୍ଭୀର କରିଦେଇଥିଲା।

କୋଭିଡ୍–୧୯ ଯୋଗୁ ବିଭିନ୍ନ ଅବ୍ୟବସ୍ଥା ଦେଇ ଗତିକରି ଦୁଃଖ ସହିଥିବା ଦେଶବାସୀଙ୍କ ପାଇଁ ଆଉ ଏକ ମହାମାରୀ ମଙ୍କିପକ୍ସ ମାଧ୍ୟମରେ ଆସିଲେ ଭାରତର ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇଯିବ । ତେଣୁ ତୃଣମୂଳ ସ୍ତରରୁ ଏହା ଉପରେ ବ୍ୟାପକ ସଚେତନତା ହେବା ଜରୁରୀ ହୋଇପଡ଼ିଲାଣି। ଉଲ୍ଲେଖଯୋଗ୍ୟ ଯେ, ମଙ୍କିପକ୍ସ ଯୋଗୁ ଅତ୍ୟଧିକ ମାତ୍ରାର ମୃତ୍ୟୁ ଘଟୁନାହିଁ। ଭାରତରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁ ନ ଥିବାରୁ ମଙ୍କିପକ୍ସ ଭଳି ଭୂତାଣୁର ସାମ୍ନା କରିବାକୁ ହେଲେ ଉଚିତ ମାନର ପଦକ୍ଷେପ ନେବାର ସମୟ ଆସିଗଲାଣି। ତାହା ମଧ୍ୟ ଭାରତବର୍ଷରେ ପରିବର୍ତ୍ତନ ଆଣିପାରିବ ନାହିଁ ବୋଲି କୋଭିଡ୍ ସମୟରୁ ଜଣାପଡ଼ିଲାଣି। ଏଭଳି ପ୍ରଚ୍ଛଦପଟରେ ଦେଖିଲେ ବେଳ ଥାଉ ଥାଉ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ନ ହେଲେ ମଙ୍କିପକ୍ସ ମାଙ୍କଡ଼ ଭଳି ଡିଆଁ ମାରି ଚାରିଆଡ଼େ କ୍ଷେପିଯିବ ।

ଉଡ଼ତା ଓଡ଼ିଶା

ଅନିଲ ବିଶ୍ୱାଳ

୨୦୧୬ରେ ବଲିଉଡ୍‌ରେ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ଯାହାର ନାଁ ଥିଲା ଉଡ଼ତା ପଞ୍ଜାବ। ଚଳଚ୍ଚିତ୍ରଟି ଏକପ୍ରକାର ବ୍ୟବସାୟିକ ସଫଳତା ତ ପାଇଥିଲା କିନ୍ତୁ ସେହି ଚଳଚ୍ଚିତ୍ରଟିର କାହାଣୀ ଯେଉଁ ପୃଷ୍ଠଭୂମିରେ ହୋଇଥିଲା ସେହି ସମସ୍ୟାରୁ ଆଜି ପର୍ଯ୍ୟନ୍ତ ପଞ୍ଜାବ ମୁକୁଳିପାରିଲା ନାହିଁ। ଏବେ ସେହି ପଞ୍ଜାବ ରାସ୍ତାରେ ଓଡ଼ିଶା। ପଞ୍ଜାବରେ ଯୁବଗୋଷ୍ଠୀଙ୍କୁ କିପରି ବ୍ରାଉନସୁଗାର, ଡ୍ରଗ୍ସରେ କବଳିତ କରାଯାଉଛି ତାହାକୁ ଚଳଚ୍ଚିତ୍ର ମାଧ୍ୟମରେ ଦେଖାଯାଇଥିଲା। ପୋଲିସ, ରାଜନେତାମାନେ କିଭଳି ଡ୍ରଗ୍ସ ବେପାରରେ ସାମିଲ ରହୁଛନ୍ତି ତାହା ବି ଦେଖିବାକୁ ମିଳିଥିଲା ଚଳଚ୍ଚିତ୍ରରେ। କିପରି ପାକିସ୍ତାନରୁ ବିଭିନ୍ନ ରାସ୍ତା ଦେଇ ପଞ୍ଜାବକୁ ଡ୍ରଗ୍ସ ଆସୁଛି ତାହା ଏହି ଚଳଚ୍ଚିତ୍ରରେ ନଜରକୁ ଆସିଥିଲା। ଏବେ କଳାଟଙ୍କାର କାରବାର ସମ୍ପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳର ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ ଓଡ଼ିଶାରେ ବ୍ରାଉନସୁଗାର ଓ ଅନ୍ୟ ଡ୍ରଗ୍ସ ମାମଲାରେ କଳାଟଙ୍କାର ବିନିଯୋଗ କଥା କହିଛନ୍ତି।

ଆମେ ଏଠାରେ ଉଡ଼ତା ଓଡ଼ିଶା କଥା ଏଇଥିପାଇଁ କହୁଛୁ ଯେ ଓଡ଼ିଶାରେ ବାର୍ଷିକ ବ୍ରାଉନସୁଗାର ବେପାର କେତେ ଟଙ୍କାର ହେବ ତା' ଆକଳନର ପରିମାଣ ଦେଖିଲେ ମୁଣ୍ଡ ଘୂରିଯିବ। ଓଡ଼ିଶାରେ ବାର୍ଷିକ ୭୦୦କୋଟି ଟଙ୍କାର ବ୍ରାଉନ ସୁଗାର ବ୍ୟବସାୟ ହେଉଛି ବୋଲି କେତେଜଣ ବିଶେଷଜ୍ଞ ଆକଳନ କରୁଛନ୍ତି। ଏକଥା ଅସତ୍ୟ ହୋଇ ନ ଥିବ, କାରଣ ଏହି ନିଶା ଏବେ ଗାଁଠୁ ସହର ସବୁଆଡ଼େ ବ୍ୟାପିଗଲାଣି। ରାଜ୍ୟରେ ୧ ଲକ୍ଷରୁ ଅଧିକ ଯୁବତୀ ଯୁବକ ଉକ୍ତ ନିଶା କବଳରେ ଆକ୍ରାନ୍ତ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ପଞ୍ଜାବ ଭଳି ଓଡ଼ିଶା ବ୍ରାଉନସୁଗାର ପାଇଁ ଉଜୁଡ଼ିବାକୁ ଯାଉଛି। କିଲେ ବ୍ରାଉନସୁଗାରର ଦାମ ଏକ କୋଟି ଟଙ୍କା। ନୂଆ ନୂଆ ବ୍ରାଉନସୁଗାର ନିଶା ସେବନ କରୁଥିବା ଜଣେ ଲୋକ ଦିନକୁ ୨୦ଗ୍ରାମ ଖାଉଥିବା ବେଳେ ଏଥିରେ ଅଭ୍ୟସ୍ତ ହୋଇଗଲେ ଏହାର ପରିମାଣ ବଢ଼ି ବଢ଼ି ୬୦ ଗ୍ରାମ ହୋଇଯାଉଛି। ବ୍ରାଉନସୁଗାରର ଯେଉଁ ପୁଡ଼ିଆ ନିଶାଡ଼ିମାନଙ୍କୁ ବିକ୍ରି କରାଯାଉଛି ତାହା ହେଉଛି ୨୦ ଗ୍ରାମର, ଯାହାର ଦାମ ୪୦୦ରୁ ୫୦୦ ଟଙ୍କା ଭିତରେ। ଯଦି ଆମେ ହାରାହାରି ନିଶା ସେବନର ପରିମାଣକୁ ୨୦ ଗ୍ରାମ ଧରିବା ତାହାହେଲେ ଓଡ଼ିଶାରେ ସର୍ବନିମ୍ନ ଦୈନିକ ୨ କିଲୋ ବ୍ରାଉନସୁଗାର ବିକ୍ରି ହେଉଛି। ଦୈନିକ ୨ କିଲୋ ବ୍ରାଉନସୁଗାର ହେଲେ ବାର୍ଷିକ ଏହାର ପରିମାଣ ହେବ ୭୦୦ କିଲୋରୁ ଅଧିକ ଅର୍ଥାତ୍ ୭୦୦ କୋଟି ଟଙ୍କାର। ଆଉ ଏହି ଅର୍ଥ ସିଧାସଳଖ ରାଜ୍ୟର ନିଶା ବେପାରୀଙ୍କ ମାଧ୍ୟମରେ ବିଭିନ୍ନ ସ୍ତର ଦେଇ ଶେଷକୁ ପହଞ୍ଚୁଛି ପାକିସ୍ତାନ ଓ ଆଫଗାନିସ୍ତାନର ନିଶା ଉତ୍ପାଦନକାରୀମାନଙ୍କ ପାଖେର।

ବ୍ରାଉନସୁଗାର ଓ ଅନ୍ୟ ଡ୍ରଗ୍ସ ବ୍ୟବସାୟର ମୂଳ ଚେର ହେଉଛି ଆଫଗାନିସ୍ତାନ। ସେଠାରୁ ଏହା ଆସୁଛି ପାକିସ୍ତାନ। ପରେ ପାକିସ୍ତାନରୁ ନେପାଳ ଆସୁଛି ଓ ନେପାଳରୁ ବାଂଲାଦେଶ ହୋଇ ପଶ୍ଚିମବଙ୍ଗର ମେଦିନିପୁର, ମୁର୍ଶିଦାବାଦ ଦେଇ ଓଡ଼ିଶାର ଜଳେଶ୍ୱରକୁ ପଶୁଛି। ଜଳେଶ୍ୱର ହେଉଛି ଓଡ଼ିଶାର ବ୍ରାଉନସୁଗାରର ପେଣ୍ଠସ୍ଥଳ ଓ ପ୍ରବେଶସ୍ଥାନ। ଜଳେଶ୍ୱରରେ ଆଜି ନୁହେଁ, ବର୍ଷ ବର୍ଷ ହେଲାଣି ବ୍ରାଉନସୁଗାରର ମୁଖ୍ୟ ଗୋଦାମ ହୋଇଥିବା ବେଳେ କେଜାଣି କାହିଁକି ସେଠାରେ ତାହା ଉପରେ ରୋକ ଲାଗିପାରୁନି ସେନେଇ ପୋଲିସର ଅପାରଗତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅତୀତରେ ଜଣେ ପୋଲିସ ଅଫିସର ବ୍ରାଉନସୁଗାର ବ୍ୟବସାୟୀଙ୍କୁ ୭୦ ହଜାର ଟଙ୍କା ଲାଞ୍ଚ ମାଗୁଥିବାର ଫୋନ ରେକର୍ଡ ଭାଇରାଲ ହୋଇଥିଲା। ବ୍ରାଉନସୁଗାର ନିଶା, ଯାହା ଦିନେ ସହରାଞ୍ଚଳର ନିଶା ଭାବରେ ଜଣାଥିଲା ଏବେ ତାହା ଗ୍ରାମାଞ୍ଚଳରେ ମିଳିଲାଣି। ବ୍ରାଉନସୁଗାର ବେପାରୀମାନେ ଏବେ ପୂରା ଗାଁମୁହାଁ ହୋଇସାରିଲେଣି।

ଯେମିତି ଅନ୍ୟ କୌଣସି ସାଧାରଣ ବ୍ୟବସାୟରେ ହୋଲ୍‌ସେଲର, ଡ୍ରିଷ୍ଟ୍ରିବ୍ୟୁଟର ଓ ରିଟେଲରମାନେ ଥାଆନ୍ତି ଠିକ୍ ସେମିତି ହେଉଛି ବ୍ରାଉନ ସୁଗାର ବ୍ୟବସାୟରେ। ଜଳେଶ୍ୱରରୁ ବ୍ରାଉନସୁଗାର ଏକ କିଲୋ ନ ହେଲେ ଅଧକିଲୋ ପ୍ୟାକେଟରେ ବିଭିନ୍ନ ଜିଲାକୁ ଆସୁଛି। ସେଠାରେ ରହିଥିବା ଡ୍ରିଷ୍ଟ୍ରିବ୍ୟୁଟରମାନେ ତାହାକୁ ବିଭିନ୍ନ ନିଶା ବେପାରୀଙ୍କୁ ଆହୁରି ଛୋଟ ଛୋଟ ପ୍ୟାକେଟ କରି ପଠାଉଛନ୍ତି। ଏହି ନିଶା ବେପାରରେ ବେପାରୀମାନେ ଯେତିକି ମୂଳଧନ ସେତିକି ଲାଭ ଆକାରରେ ପାଉଛନ୍ତି। ତା'ଛଡ଼ା କିଛି ନିଶା ଖାଉଥିବା ଯୁବକ ନିଜେ ଡ୍ରଗ୍ସ ଖାଇବା ପାଇଁ ଅର୍ଥ ଆବଶ୍ୟକ ପଡୁଥିବାରୁ ସେମାନେ ବି ଏହି ବେପାରରେ ମାତିଛନ୍ତି।

ତିନି ପ୍ରକାରର ନିଶା ବର୍ତ୍ତମାନ ଯୁବଗୋଷ୍ଠୀଙ୍କୁ ବେଶି ଆକ୍ରାନ୍ତ କରୁଛି। ଗୋଟିଏ ହେଲା ମଦ, ତା'ପରେ ବ୍ରାଉନ ସୁଗାର, ତା'ପରେ ଗଞ୍ଜେଇ। ମଦ ନିଶା ସର୍ବାଧିକ ସଂଖ୍ୟାରେ ଯୁବଗୋଷ୍ଠୀଙ୍କୁ ଆକ୍ରାନ୍ତ କରିଥିଲେ ମଧ୍ୟ ଏହା ବ୍ରାଉନସୁଗାର ତୁଳନାରେ କମ୍ ଭୟଙ୍କର। ଗଞ୍ଜେଇ ହେଉ କିମ୍ବା ମଦ ସେହି ଦୁଇଟି ନିଶାକୁ ଛାଡ଼ିବା ସମ୍ଭବ। କିନ୍ତୁ ବ୍ରାଉନସୁଗାର ଯିଏ ଥରେ ଖାଇଛି ତାକୁ ଛାଡ଼ିବା ସହଜ ନୁହେଁ। ମଦ ବିକ୍ରି ପାଇଁ ବେପାରୀମାନଙ୍କୁ କିଛି ବିଶେଷ ଯୋଜନା କରିବାକୁ ପଡୁନାହିଁ କାରଣ ଏଥିପାଇଁ ସରକାର ଅନୁମତି ଦେଉଛନ୍ତି। ହେଲେ ବ୍ରାଉନସୁଗାର ହେଉ ବା ଗଞ୍ଜେଇ ଏହି ବେପାର ଚଳାଇବା ପାଇଁ ନିଶା ବେପାରୀମାନେ ପୂରା ଗ୍ୟାଙ୍ଗ ଗଢ଼ିଛନ୍ତି। କାରବାର ବଢ଼ାଇବା ପାଇଁ ପ୍ରଥମେ ଯୁବ ପିଲାମାନଙ୍କୁ ଏହି ନିଶା ଖୁଆଇ ଦେଉଛନ୍ତି ଓ ପରେ କେମିତି ସେମାନେ ବ୍ରାଉନସୁଗାରରେ ଅଭ୍ୟସ୍ତ ହୋଇଯିବେ ସେଥିପାଇଁ ଷଡ଼ଯନ୍ତ୍ର ରଚୁଛନ୍ତି।

ବ୍ରାଉନସୁଗାରର କାୟା ସାରା ଦେଶରେ ବ୍ୟାପିଥିବା ବେଳେ ଏ ସମ୍ପର୍କରେ କିଛି ଦିନ ତଳେ କେରଳର ଜଣେ ଖ୍ରୀଷ୍ଟିଆନ ବିଶପ ଜୋଶେଫ କଳାରଙ୍ଗାଟ ଏକ ଅଭିଯୋଗ ଆଣିଥିଲେ। ସେ ଗୋଟିଏ ନୂଆ ଶବ୍ଦ କହିଥିଲେ, ଯାହା ହେଉଛି 'ନାର୍କୋଟିକ୍‌ସ ଜିହାଦ'। ସେ କହିଥିଲେ, କେରଳରେ ମୁସଲମାନମାନେ ଯୋଜନାବଦ୍ଧ ଭାବରେ ବ୍ରାଉନସୁଗାର ବିକ୍ରି କରୁଛନ୍ତି। ତାଙ୍କ କହିବାନୁସାରେ ନିଶା ମାଧ୍ୟମରେ ଅନ୍ୟମାନଙ୍କ ଜୀବନ ନଷ୍ଟ କରିବା ହେଉଛି ନାର୍କୋଟିକସ ଜିହାଦ। ତାଙ୍କ ବୟାନକୁ ନେଇ ସେତେବେଳେ ବହୁତ ବିତର୍କ ହୋଇଥିଲା। ତାଙ୍କର ସେହି ଅଭିଯୋଗ ପରେ ଆସାମ ଓ ମଣିପୁରରେ ସମାନ ଅଭିଯୋଗ ବିଭିନ୍ନ ସଙ୍ଗଠନମାନେ କରିଥିଲେ। ଆମେ ଏଠାରେ କେଉଁ ସମୁଦାୟ ଉପରେ ଦୋଷ ଦେବା ଠିକ୍ ହେବ ନାହିଁ କିନ୍ତୁ ଯେହେତୁ ବିଭିନ୍ନ ରାଜ୍ୟରେ ଅଭିଯୋଗମାନ ଆସୁଛି ତେଣୁ ଯଦି ପୋଲିସର ତଦନ୍ତ ସେଦିଗକୁ ଯାଆନ୍ତା ତା'ହେଲେ ହୁଏତ ଏହାର ପ୍ରବେଶ ସ୍ଥାନ, ଆଡ଼ୁ ଉପରେ ରୋକ ଲାଗିଯାଆନ୍ତା। କାରଣ ଏବେ ଓଡ଼ିଶାରେ ବ୍ରାଉନସୁଗାର ଏଭଳି ବ୍ୟାପକ ମାତ୍ରାରେ ଚାଲିଲାଣି ଯେ ଏହା ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଯେଉଁମାନେ ଓଡ଼ିଶାରେ ବ୍ରାଉନସୁଗାରକୁ ପ୍ରବେଶ କରାଉଛନ୍ତି ସେମାନଙ୍କୁ ଗିରଫ କରିବାକୁ ପଡ଼ିବ।

ରାଜ୍ୟ ସରକାରଙ୍କ ନିଶା ନିବାରଣର ଯାହା ବି ଅଳ୍ପ କିଛି ସରକାରୀ ପ୍ରୟାସ ଅଛି ତାହା କେବଳ ମଦକୁ ନେଇ। ହେଲେ ବ୍ରାଉନସୁଗାର ଭଳି ନିଶାର ନିବାରଣ ନେଇ ସେପରି କିଛି ଯୋଜନା ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ହୋଇନାହିଁ।

ହରିରାଜପୁର, ପୁରୀ

ଭଲ ଲୋକଙ୍କର ଭୟ

ଡା. ରାମଚନ୍ଦ୍ର ରାଉତ

ଭଲ ଲୋକଟିଏ ଏବେ ଖୋଜି ପାଇବା ମୁସ୍କିଲ। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି– ସ, ମହାତ୍ମା ଦୁର୍ଦ୍ଦଳ୍ଲଭ– ଅର୍ଥାତ୍ ସେପରି ବ୍ୟକ୍ତି ଅତ୍ୟନ୍ତ ଦୁର୍ଲଭ। ପ୍ରସିଦ୍ଧ କବି ନରସିଂହ ମେହେତା ମଧ୍ୟ ତାଙ୍କର ପ୍ରସିଦ୍ଧ ଭଜନ 'ବୈଷ୍ଣବ ଜନ ତୋ.....'ରେ ପ୍ରାଞ୍ଜଳ ଭାବେ କହିଛନ୍ତି– ଯେ ପରର କଷ୍ଟ ଜାଣିପାରେ ଓ ତା' ଦୁଃଖରେ ଦୁଃଖୀ ହୁଏ ସେଇ ହିଁ ପ୍ରକୃତରେ ବିଷ୍ଣୁଙ୍କୁ ଉପଲବ୍ଧି କରିଥିବା ବୈଷ୍ଣବ ଜନ! ଜଣେ ବିଖ୍ୟାତ ଦାର୍ଶନିକ ମଧ୍ୟ ଦିନରେ ଲଣ୍ଠନ ଧରି 'ଭଲ' ଲୋକଟିଏ ଖୋଜୁଥିଲେ ଓ ଉପହସିତ ହୋଇଥିଲେ।

ଭଲ ଲୋକ ଆମେ ବର୍ତ୍ତମାନ ସମୟରେ କାହାକୁ କହିପାରିବା। ଏହା ସମ୍ଭବତଃ ଏହିପରି ହେବ– ଯେଉଁ ବ୍ୟକ୍ତି ଅନ୍ୟର କୌଣସି କ୍ଷତି କରେନାହିଁ, ଦୁଃଖୀର ଉପକାର କରେ, ଦେଶର ହିତ କରେ, ପ୍ରାଣୀମାନଙ୍କର ମଙ୍ଗଳ କରେ ଓ କୌଣସି ଅନୁଚିତ କାର୍ଯ୍ୟ କରେ ନାହିଁ। ଏହା ସହିତ ଯୋଡ଼ିପାରିବା ସେ ସମସ୍ତ ନୀତିନିୟମ ଓ ଆଇନକାନୁନକୁ ସମ୍ମାନ ଦେଖାଇ ପାଳନ ମଧ୍ୟ କରେ। କିନ୍ତୁ ଆଜିକାଲି ଦୁନିଆରେ ସତ କହିବା ଓ ଭଲ ଲୋକ ହେବା ବହୁତ ବିପଦପୂର୍ଣ୍ଣ କାମ। ଜଣେ ଯଦି ସଦାସର୍ବଦା ସତ କହିବା ଆରମ୍ଭ କରେ ସେ ସମସ୍ତଙ୍କର ଶତ୍ରୁ ହୋଇଯାଏ ଓ ସମସ୍ତେ ତାକୁ ଘୃଣା କରନ୍ତି। କୁହନ୍ତି , ସଂସାରରେ ଏହି ଜଣେ ମାତ୍ର 'ସତିଆ' ଆଉ ସବୁ ମିଛୁଆ। ସତ କହିଲେ ଆପଣ ପ୍ରଥମେ ପରିବାରରେ, ତା'ପରେ କାର୍ଯ୍ୟକ୍ଷେତ୍ରରେ ଓ ସମାଜରେ ଅପ୍ରିୟ ହେବେ, ଆପଣଙ୍କର ଜୀବନ କଷ୍ଟ ଓ ଦୁଃଖମୟ ହୋଇଯିବ।

କେହି ଜଣେ କହିଥିଲେ, ଗୀତା/ଧର୍ମପୁସ୍ତକ ଉପରେ ହାତ ରଖି ସତ କହିବା ପାଇଁ ତିନିଥର ଶପଥ ନେଲାପରେ କୋର୍ଟ କଚେରିରେ ସବୁଠାରୁ ଅଧିକ ମିଛ କୁହାଯାଇଥାଏ। ମାତ୍ର ମଦ ଗ୍ଲାସ୍‌ରେ ବରଫଖଣ୍ଡ ପକାଇ ପିଇବା ପରେ ବ୍ୟକ୍ତି ଜଣକ ସବୁ ସମୟରେ ସତ ହିଁ କହିଥାଆନ୍ତି। ବହୁ ଲୋକଙ୍କ ସମ୍ମୁଖରେ ହତ୍ୟା ଓ ଚୋରି ହୋଇଥିଲେ ମଧ୍ୟ

ରାଷ୍ଟ୍ରପତି ନିର୍ବାଚନ ଲାଗି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସୋମବାର ମତଦାନ ସାବ୍ୟସ୍ତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ(ବାମରୁ), ବାଚସ୍ପତି ବିକ୍ରମ କେଶରୀ ଆରୁଖ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ।

ଗରିବଙ୍କ ଖାଦ୍ୟ ଉପରେ ଜିଏସ୍‌ଟି ମାଡ଼

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ଧନୀ, ଗରିବ ସମସ୍ତ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଚୁଡ଼ା, ମୁଢ଼ି ଓ ଖଇ। ଏହା ଏବେ ମହଙ୍ଗା ହୋଇଯାଇଛି। କେନ୍ଦ୍ର ସରକାର ଏହି ଖାଦ୍ୟ ସାମଗ୍ରୀ ଉପରେ ୫% ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲଗାଇଛନ୍ତି। କେବଳ ଏହି ୩ଟି ଖାଦ୍ୟ ସାମଗ୍ରୀ ନୁହେଁ, ପ୍ୟାକେଟ୍ ଦହି, ଲସି, ପନିର, ଗହମ, ଚାଉଳ, ବାର୍ଲି, ଓଟ୍ସ ଉପରେ ମଧ୍ୟ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ଫଳରେ ଖାଉଟିଙ୍କୁ ମୋଟା ଅଙ୍କର ଟିକସ ଗଣିବାକୁ ପଡ଼ିବ। ଏହାକୁ ନେଇ ସୋମବାର ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ଗରିବଙ୍କ ଖାଦ୍ୟ ଉପରୁ ତୁରନ୍ତ ଜିଏସ୍‌ଟି ପ୍ରତ୍ୟାହାର କରିବା ଦାବିରେ କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି। ହଙ୍ଗାମା ଯୋଗୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଲେ,

କେନ୍ଦ୍ର ସରକାର ଚୁଡ଼ା, ମୁଢ଼ି, ଦହି, କ୍ଷୀର ଭଳି ଗରିବଙ୍କ ଖାଦ୍ୟ ଉପରେ ଜିଏସ୍‌ଟି ଲଗାଇଛନ୍ତି। ଆମ ସମସ୍ତଙ୍କର ଏହା ପ୍ରିୟ ଖାଦ୍ୟ। କେନ୍ଦ୍ର ସରକାର ତୁରନ୍ତ ଏହା ଉପରୁ ଜିଏସ୍‌ଟି ହଟାନ୍ତୁ। ଦଳଗତ ନିର୍ବିଶେଷରେ ସମସ୍ତ ବିଧାୟକଙ୍କୁ ନେଇ ଏକ କମିଟି ଗଢ଼ାଯାଉ। ସେହି କମିଟି ଦିଲ୍ଲୀରେ ଜିଏସ୍‌ଟି କାଉନସିଲ ଅଧ୍ୟକ୍ଷ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଗରିବଙ୍କ ଖାଦ୍ୟ ଉପରୁ ଜିଏସ୍‌ଟି ହଟାଇବାକୁ ଦାବି କରିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ସମସ୍ତେ ଚୁଡ଼ା, ମୁଢ଼ି ଖାଆନ୍ତି। ଏହା

ବିଧାନସଭାରେ ଚୁଡ଼ା, ମୁଢ଼ି ଝଡ଼

- ଗର୍ଜିଲା କଂଗ୍ରେସ
- ହଙ୍ଗାମା, ଗୃହ ମୁଲତବୀ
- ଅର୍ଥମନ୍ତ୍ରୀଙ୍କ ବିବୃତି ଦାବି କଲେ ଶାସକ ସଭ୍ୟ
- ଖୋଲା ବିକ୍ରି ହେଉଥିବା ମୁଢ଼ି ଉପରେ ଜିଏସ୍‌ଟି ଲାଗିବ ନାହିଁ: ଅର୍ଥମନ୍ତ୍ରୀ

ସମସ୍ତଙ୍କର ପ୍ରିୟ ଖାଦ୍ୟ। ବାଲେଶ୍ୱର, ବାରିପଦାରେ ମୁଢ଼ି ଏକ ନିତିଦିନିଆ ଖାଦ୍ୟ। ମୟୂରଭଞ୍ଜରୁ ଭାଜପାର ଅଧିକ ବିଧାୟକ ନିର୍ବାଚିତ ହୋଇ ଆସିଛନ୍ତି। ସେଠାରେ ଚିକେନ, ମଟନ ସହ ମୁଢ଼ି ଗୋଳାଇ ଖିଆଯାଏ। କ୍ଷୀର, ଦହି ଉପରେ ମଧ୍ୟ ଜିଏସ୍‌ଟି ଲାଗୁ କରାଯାଇଛି। କେବଳ ଖାଦ୍ୟ ସାମଗ୍ରୀ ନୁହେଁ ଚାଷୀମାନେ ବ୍ୟବହାର କରୁଥିବା ପମ୍ପସେଟ୍ ଉପରେ କେନ୍ଦ୍ର ସରକାର ୧୨% ଜିଏସ୍‌ଟି ଲାଗୁ କରିଛନ୍ତି। ତୁରନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଟିକସ ଉଠାଯାଉ। ନଚେତ୍ ଗରିବ ଲୋକମାନେ ଚୁଡ଼ା, ମୁଢ଼ି, କ୍ଷୀର, ଦହି ଖାଇପାରିବେ ନାହିଁ। ବିଜେଡି ସଭ୍ୟ ଅମର ଶତପଥୀ କହିଛନ୍ତି ଯେ ଜିଏସ୍‌ଟି ଲଗାଇବା ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ମତାମତ ନେଇଛନ୍ତି କି? ସାଧାରଣ ଖାଉଟିମାନଙ୍କ ଉପରେ ଟିକସ ଭାର ପଡ଼ିବ। ରାଜ୍ୟର କେଉଁ କେଉଁ ସାମଗ୍ରୀ ଉପରେ ଜିଏସ୍‌ଟି କେତେ ପ୍ରତିଶତ ନିଆଯାଉଛି ସେ ନେଇ ଅର୍ଥମନ୍ତ୍ରୀ ଗୃହରେ ଏକ ବିବୃତି ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ଚୁଡ଼ା, ମୁଢ଼ି ଉପରେ ଶେଷରେ ମୋଦି ସରକାର ଜିଏସ୍‌ଟି ଲଗାଇ ଦେଲେ। ତୁରନ୍ତ ଏହାକୁ ଉଠାଯାଉ ବୋଲି ସେ ଶୂନ୍ୟକାଳରେ ଦାବି କରିଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ଚୁଡ଼ା, ମୁଢ଼ି ଉପରୁ ଜିଏସ୍‌ଟି ତୁରନ୍ତ ହଟାଯାଉ ବୋଲି ଦାବି କରିଥିଲେ। ପ୍ରବଳ ହଙ୍ଗାମା ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ ସ୍ୱାଭାବିକ ହୋଇଥିଲା।

ପ୍ରଶ୍ନକାଳରେ ସୁରେଶ ରାଉତରାୟ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଯଦି କେନ୍ଦ୍ର ସରକାର ଏହା ଉପରେ ଜିଏସ୍‌ଟି ଲଗାଉଛନ୍ତି ତେବେ ରାଜ୍ୟ ସରକାର ଏହାକୁ ଓଡ଼ିଶାରେ ନ ଲଗାନ୍ତୁ ବୋଲି ସେ ଦାବି କରିଛନ୍ତି। ଯଦି ଲାଗୁ କରିବେ ତେବେ ନିଜେ ରାଜ୍ୟ ସରକାର ଏହି ଟିକସ ଭାର ବହନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଜିଏସ୍‌ଟି ଉପରେ ରାଜ୍ୟ ସରକାର କିଛି କରିପାରିବେ ନାହିଁ। ଏହା ଜିଏସ୍‌ଟି କାଉନସିଲ ପରିସରଭୁକ୍ତ। ତେବେ ଗାଁ ଗହଳିରେ କିମ୍ବା ଖୋଲାରେ ବିକ୍ରି ହେଉଥିବା ଚୁଡ଼ା, ମୁଢ଼ି ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ। ଏହା କେବଳ ପ୍ୟାକେଟରେ ବିକ୍ରି ହେଉଥିବା ଚୁଡ଼ା, ମୁଢ଼ି ଆଦି ଉପରେ ଲାଗୁହେବ। ଏକନାଥଙ୍କ ଦଳ ପୁରୁଣା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କମିଟିକୁ ବରଖାସ୍ତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କୁ ଶିବସେନାର ମୁଖ୍ୟ ନେତା ଭାବେ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଶିବସେନା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ପଦ ଚୟନ ହୋଇନାହିଁ। ତେବେ ଦଳର ମୁଖପାତ୍ର ଭାବେ ବିଧାୟକ ଦୀପକ କେସରକରଙ୍କୁ ନିଯୁକ୍ତ କରାଯାଇଛି। ସୋମବାର ମୁମ୍ବାଇର ଏକ ହୋଟେଲରେ ଶିବସେନା ଶିନ୍ଦେ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିବସେନାର ୧୨ ବିଦ୍ରୋହୀ

ଶପଥ ନେଲେ ସସ୍ମିତ ପାତ୍ର

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ବିଜେଡି ରାଜ୍ୟ ସଭା ସଦସ୍ୟ ଭାବେ ସସ୍ମିତ ପାତ୍ର ଦ୍ୱିତୀୟ ଥର ପାଇଁ ଶପଥ ନେଇଛନ୍ତି। ସୋମବାର ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସେ ଓଡ଼ିଆରେ ଶପଥପାଠ କରିଥିଲେ। ରାଜ୍ୟ ସଭା ନିର୍ବାଚନ ପାଇଁ ଖାଲି ପଡ଼ିଥିବା ୩ଟି ଆସନରେ ବିଜେଡିରୁ ମାନସ ମଙ୍ଗରାଜ, ସୁଲତା ଦେଓ ଓ ସସ୍ମିତ ପାତ୍ର ନିର୍ବାଚିତ ହୋଇଥିଲେ। ପୂର୍ବରୁ ମାନସ ମଙ୍ଗରାଜ ଓ ସୁଲତା ଦେଓ ରାଜ୍ୟ ସଭାର ସଦସ୍ୟ ଭାବେ ଶପଥ ନେଇଥିବା ବେଳେ ସସ୍ମିତ ପାତ୍ର ସୋମବାର ଶପଥ ନେଇଛନ୍ତି।

ଶିନ୍ଦେ ଗୋଷ୍ଠୀ ବୈଠକରେ ବିଦ୍ରୋହୀ ଏମ୍‌ପି

ମୁମ୍ବାଇ,୧୮।୭

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକରେଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଉଦ୍ଧବ ଶାସନ କ୍ଷମତା ହରାଇଥିବା ବେଳେ ବର୍ତ୍ତମାନ ଦଳକୁ ବଞ୍ଚାଇବା ପାଇଁ ସଂଗ୍ରାମ ଚଳାଇଛନ୍ତି। ସୂଚନା ଅନୁସାରେ, ଶିବସେନାର କେତେକ ଏମ୍‌ପି ଏବେ ଶିନ୍ଦେଙ୍କ ସମର୍ଥନରେ ରହିଛନ୍ତି। ଅନ୍ୟପଟେ ଏକନାଥ ଶିନ୍ଦେ ଗୋଷ୍ଠୀ ଶିବସେନାର ନୂତନ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଘୋଷଣା କରିଛନ୍ତି।

ଉଦ୍ଧବଙ୍କୁ ଝଟକା

ଉଦ୍ଧବ ଠାକରେ

ଏମ୍‌ପି ଅନ୍‌ଲାଇନରେ ଉପସ୍ଥିତ ଥିଲେ। ଏହି ଘଟଣା ଉଦ୍ଧବଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଶିବସେନାର ୫୫ ବିଧାୟକ ଦୁଇଟି ଦଳରେ ବାଣ୍ଟି ହୋଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱକୁ ୪୦ଜଣ ବିଧାୟକଙ୍କ ସମର୍ଥନ ଥିବା ବେଳେ ୧୫ ବିଧାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେଙ୍କ ସହ ରହିଛନ୍ତି। ଏଥିସହ ବର୍ତ୍ତମାନ ୧୨ ଏମ୍‌ପି ତାଙ୍କ ସମର୍ଥନରେ ରହିଛନ୍ତି ବୋଲି ଶିନ୍ଦେ ଦଳ ଦାବି କରିଛି।

୩ବର୍ଷରେ ୨୧୧ଜଣଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୮।୭(ବ୍ୟୁରୋ): ଗତ ୩ବର୍ଷରେ ୨୧୧ଜଣ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଭିଜିଲାନ୍ସ ମକଦ୍ଦମାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ସମ୍ପୃକ୍ତ କର୍ମଚାରୀଙ୍କ ଅଫିସ/ବିଭାଗକୁ ସୁପାରିଶ କରିଥାଏ। ଉକ୍ତ ସୁପାରିଶ ଆଧାରରେ ସମ୍ପୃକ୍ତ ଅଫିସ/ବିଭାଗ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁର୍ନୀତି ନିବାରଣ ବିଭାଗକୁ ଜଣାଇଥାନ୍ତି। ଗତ ୩ବର୍ଷ ଅର୍ଥାତ୍ ୨୦୧୯ ରୁ ୨୦୨୧ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗ ୪୬୬ଜଣ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ଅଫିସ/ବିଭାଗକୁ ସୁପାରିଶ କରିଛି। ସେଥିମଧ୍ୟରୁ ୨୧୧ଜଣଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ପ୍ରାପ୍ତ ହୋଇଛି। ଅବଶିଷ୍ଟ ୨୫୫ଜଣଙ୍କ ବାବଦରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସୂଚନା ପାଇଁ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ ଧନକରଙ୍କ ନାମାଙ୍କନପତ୍ର ଦାଖଲ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ।

ନାମାଙ୍କନପତ୍ର ଦାଖଲ କଲେ ଧନକର

ନୂଆଦିଲ୍ଲୀ,୧୮।୭

ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ ଧନକର ସୋମବାର ସଂସଦ ଭବନରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଜେଡ଼ିୟୁ ନେତା ଲଲନ ସିଂ, ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ରଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପଶୁପତି କୁମାର ପାରସ, ଅନୁପ୍ରିୟା ପଟେଲ, ରାମଦାସ ଅଠାୱାଲେ ପ୍ରମୁଖ ଉପସ୍ଥିତ ଥିଲେ। ଧନକରଙ୍କ ପ୍ରଥମ ପ୍ରସ୍ତାବକ ଭାବେ ପ୍ରଧାନମନ୍ତ୍ରୀ ମୋଦି ଦସ୍ତଖତ କରିଥିବା ବେଳେ ପ୍ରାର୍ଥୀପତ୍ରକୁ ଲୋକସଭା ସେକ୍ରେଟାରି ଜେନେରାଲ ତଥା ରିଟର୍ଣ୍ଣିଂ ଅଫିସର ଉତ୍ପଳ କୁମାର ସିଂଙ୍କୁ ହସ୍ତାନ୍ତର କରାଯାଇଛି। ନାମାଙ୍କନ ଦାଖଲ ପରେ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଧନକର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

୨୮ ମାସରେ ୭,୨୭୯ ବଳାତ୍କାର ମାମଲା

ଭୁବନେଶ୍ୱର, ୧୮।୭(ବ୍ୟୁରୋ): ରାଜ୍ୟରେ ୨୦୨୦ରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ୭,୧୭୯ଟି ବଳାତ୍କାର ମାମଲା ପଞ୍ଜୀକରଣ ହୋଇଛି। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତ ବେହେରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୦ରେ ୨,୯୮୪ଟି, ୨୦୨୧ରେ ୩୩୨୭ ଏବଂ ୨୦୨୨ ଏପ୍ରିଲ ମଧ୍ୟରେ ୮୬୮ଟି ବଳାତ୍କାର ମାମଲା ହୋଇଛି। ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ୨୦୨୦ରେ ୩୧୫, ୨୦୨୧ରେ ୪୦୯ ଏବଂ ୨୦୨୨ ଏପ୍ରିଲ ମଧ୍ୟରେ ୧୦୨ଟି ମାମଲା ରୁଜୁ ହୋଇଛି।

ପାନୀୟ ଜଳ ଝାଡ଼ାବାନ୍ତିର କାରଣ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

କାଶୀପୁର ଝାଡ଼ାବାନ୍ତିଜନିତ ମୃତ୍ୟୁ ପ୍ରସଙ୍ଗ

ବିଧାନସଭାରେ ବିବୃତି ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

ପ୍ରତିଦିନ ପାଣିର ନମୁନା ଓ ମଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି। କୂଅ କିମ୍ବା ଘରେ ସାଇତା ଯାଇଥିବା ୯ଟି ପାଣି ନମୁନାରୁ ୩ଟି ଜୀବାଣୁ ଦ୍ୱାରା ପ୍ରଦୂଷିତ ହୋଇଛି। କାଶୀପୁରରେ ଝାଡ଼ାବାନ୍ତି ଏହି ଦୂଷିତ ପାନୀୟ ଜଳ ଯୋଗୁ ହୋଇଛି। ରାୟଗଡ଼ା ଜିଲା କାଶୀପୁର ଝାଡ଼ାବାନ୍ତି ମୃତ୍ୟୁ ଘଟଣା ଉପରେ ଏଭଳି ବିବୃତି ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟ ଶନିବାର ବିଧାନସଭାରେ କାଶୀପୁର ମୃତ୍ୟୁ ଆମ୍ବ ଟାକୁଆ ଓ ଅଖାଦ୍ୟ ଖାଇ ହୋଇଛି ବୋଲି ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏହି ପ୍ରସଙ୍ଗ ଉପରେ ଏକ ବିବୃତି ଦେବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ କହିଛନ୍ତି, କାଶୀପୁର ଝାଡ଼ାବାନ୍ତି ଏକ ସ୍ୱାସ୍ଥ୍ୟ ସମସ୍ୟା। ସରକାର ଏହା ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଏହାର ନିରାକରଣ ପାଇଁ ସମସ୍ତ ପଦକ୍ଷେପ ଜରୁରିକାଳୀନଭିତ୍ତିରେ ନିଆଯାଉଛି। ରାୟଗଡ଼ା ଜିଲାରେ ୨,୫୨,୮୬୦ ପରିବାରର ୮,୩୮,୮୭୫ ଜଣ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା , ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରିହାତି ଦରରେ ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି। ଏହି ଜିଲାର କାଶୀପୁର ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ୪୩,୧୪୨ ପରିବାରର ୧,୩୬,୯୦୭ ସଦସ୍ୟ ସାମିଲ ଅଛନ୍ତି, ଯାହାକି ୨୦୧୧ ଜନଗଣନା ଅନୁଯାୟୀ ଉକ୍ତ ବ୍ଲକର ମୋଟ ଜନସଂଖ୍ୟାର ୯୭% ଅଟେ। କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମପଞ୍ଚାୟତର ୩,୪୦୫ ପରିବାରର ୧୦,୫୧୪ ସଦସ୍ୟଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରାଯାଇ ଖାଦ୍ୟ ନିରାପତ୍ତା ଯୋଗାଇଦିଆଯାଇଛି। ସେହିପରି ମୃତ ୭ ଜଣ ପରିବାର ମଧ୍ୟରୁ ୬ଟି ପରିବାରକୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ମାସିକ ରାଶନ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି। ଉପରୋକ୍ତ ପରିବାରକୁ ନିୟମିତ ମାସିକ ରାଶନ ସାମଗ୍ରୀ ବ୍ୟତୀତ କୋଭିଡ୍ ମହାମାରୀ ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗତ ୨୫ ମାସ ଧରି ଅତିରିକ୍ତ ଖାଦ୍ୟଶସ୍ୟ ସହିତ ଡାଲି ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି। ଏହାଛଡ଼ା, ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୧୦୦୦ଟଙ୍କା ଲେଖାଏ ଜୀବିକା ନିର୍ବାହ ସହାୟତା ଯୋଗାଇ ଦେଇଛନ୍ତି। କାଶୀପୁର ବ୍ଲକର ଟିକିରି ଗ୍ରାମରେ ଝାଡ଼ାବାନ୍ତି ହେବା ଖବର ଜୁଲାଇ ୧୨ ତାରିଖରେ ମିଳିଲା ପରେ ସ୍ୱାସ୍ଥ୍ୟ ବିଭାଗର ଆରଆରଟି ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲେ। ଜିଲାପାଳ ସିଡିଏମ୍‌ଓ, ମେଡିକାଲ ଟିମ୍ ସହ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସମସ୍ତ ପଦକ୍ଷେପ ନେଉଛନ୍ତି। ଜିଲା ଏବଂ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷ ଏବଂ ସମସ୍ତ ପ୍ରଭାବିତ ଗ୍ରାମରେ ସାମୟିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ୫ଟି ମେଡିକାଲ ଟିମ୍‌କୁ ମୁତୟନ କରାଯାଇ ଯୁଦ୍ଧକାଳୀନଭିତ୍ତିରେ ଚିକିତ୍ସା ଯୋଗାଇ ଦିଆଯାଉଛି। ପ୍ରଭାବିତ ଗ୍ରାମରେ ୪ଟି ଆମ୍ବୁଲାନ୍ସ ମୁତୟନ କରାଯାଇଛି। ଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ସମସ୍ତ ଗ୍ରାମରେ ଯୋଗାଇ ଦିଆଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ, କୋରାପୁଟରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମଧ୍ୟ କାଶୀପୁରରେ ମୁତୟନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ସାଇବର ଅପରାଧ: ୧୬ ମାସରେ ୩୫ କୋଟି ଠକେଇ

ଭୁବନେଶ୍ୱର, ୧୮।୭(ବ୍ୟୁରୋ): ସାଇବର ଅପରାଧ ଏକ ଅନ୍ତର୍ଜାତୀୟ ସମସ୍ୟା ପାଲଟିଛି। ଓଡ଼ିଶାରେ ଏହି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୬ମାସ ମଧ୍ୟରେ ଅର୍ଥାତ୍ ୨୦୨୦ ରୁ

ଆଜି କ'ଣ କେଉଁଠି

ଧର୍ମଶାଳା

- ଯାଜପୁର ଜିଲା ସମିଲ ମାଲିକ ସଂଘ ପକ୍ଷରୁ ଚାରାରୋପଣ, ସ୍ଥାନ: ପଣ୍ଡୁଆସ୍ଥିତ ସମିଲ କ୍ଲଷ୍ଟର ପରିସର, ସମୟ ପୂର୍ବାହ୍ନ ୧୧ଟା।

ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳଲାଗି କଲେ ୩ ହଜାର କାଉଡ଼ିଆ

ପୁରୁଣା ଭୁବନେଶ୍ୱର,୧୮।୭(ଡି.ଏନ୍.ଏ.): ଶ୍ରାବଣର ପ୍ରଥମ ସୋମବାର ପାଇଁ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଭୋର ୩ଟା ରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦ୍ୱାର ଖୋଲାଯାଇ ଆଳତି, ଅବକାଶ ଓ ଅନ୍ୟାନ୍ୟ ନୀତି ପରେ ୩ଟା ୩୦ରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ବ୍ୟାରିକେଟ୍ ଦେଇ କାଉଡ଼ିଆମାନେ ଧାଡ଼ିରେ ଆସି ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ୟାମ୍ପରୁ ୧୦ଟଙ୍କାରେ ଟିକେଟ କାଟି ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ। ଗର୍ଭଗୃହରେ ଥିବା କୋନାକାର ପାତ୍ରରେ କାଉଡ଼ିଆମାନେ ଜଳଲାଗି କରିବା ପରେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଶ୍ରୀଲିଙ୍ଗଜଙ୍କ ପୀଠରେ ୩ହଜାର କାଉଡ଼ିଆ ଜଳଲାଗି କରିଥିବା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ର କହିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଗତ ଦୁଇ ବର୍ଷ ଧରି କରୋନା କଟକଣା ପାଇଁ ବୋଲବମ ଯାତ୍ରା ବନ୍ଦ ରହିଥିବା ବେଳେ, ଚଳିତ ବର୍ଷ ଜଳଲାଗି କରିଥିବାରୁ କାଉଡ଼ିଆଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି।

ଏସ୍‌ସିବି ମେଡିକାଲ ଆଟେଣ୍ଡାଣ୍ଟ ପାସ୍, ୱାର୍ଡରେ ରକ୍ତ ନମୁନା ସଂଗ୍ରହ ଆରମ୍ଭ

କଟକ ଅଫିସ, ୧୮।୭- କଟକ ଏସ୍‌ସିବି ମେଡିକାଲରେ ସୋମବାରଠାରୁ ପାସ୍ ବ୍ୟବସ୍ଥା ଏବଂ ୱାର୍ଡରେ ରକ୍ତ ନମୁନା ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏହି ବ୍ୟବସ୍ଥା ୯୦ ପ୍ରତିଶତ ସଫଳ ହୋଇଥିବା ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛି । ସେ କହିଛନ୍ତି, ୱାର୍ଡ ଭିତରୁ ଗହଳି କମାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଜଣେ ରୋଗୀଙ୍କୁ ଗୋଟିଏ ଆଟେଣ୍ଡାଣ୍ଟ ପାସ୍ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏସ୍‌ସିବି ମେଡିକାଲର ମେଡିସିନ୍ ବିଭାଗରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଜଣେ ରୋଗୀଙ୍କ ପାଇଁ ଜଣେ ଆଟେଣ୍ଡାଣ୍ଟ ରହିବେ। ଯଦି କୌଣସି ରୋଗୀଙ୍କ ପାଇଁ ଅଧିକ ଆଟେଣ୍ଡାଣ୍ଟ ଆବଶ୍ୟକ ଥିବା ଡାକ୍ତର ଓ ନର୍ସ ରିପୋର୍ଟ ଦେଲେ ଅଧିକ ଆଟେଣ୍ଡାଣ୍ଟ ପାସ୍ ପ୍ରଦାନ କରାଯିବ । ଏଥିସହ ସୋମବାରଠାରୁ ୱାର୍ଡରେ ରକ୍ତ ନମୁନା ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହୋଇଛି । ୱାର୍ଡରେ ଥିବା ରୋଗୀଙ୍କଠାରୁ ରକ୍ତ ନମୁନା ସଂଗ୍ରହ ସହ ପରୀକ୍ଷା ରିପୋର୍ଟ ଆସି ରୋଗୀଙ୍କ ନିକଟରେ ପହଞ୍ଚିବ। ଏହି ବ୍ୟବସ୍ଥା ଦ୍ୱାରା ରୋଗୀଙ୍କ ନିକଟରେ ଅଧିକ ସମ୍ପର୍କୀୟଙ୍କ ରହିବା ଆବଶ୍ୟକତା ନାହିଁ ବୋଲି ରାଉତ କହିଛନ୍ତି।

ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ

ବରୀ,୧୮।୭(ଡି.ଏନ.ଏ.)

ସରକାରୀ ବଜାର ଗୃହକୁ ବେଆଇନ ଭାବେ ଦଖଲ କରିଥିବା ବ୍ୟକ୍ତିଙ୍କୁ ବରୀ ବ୍ଲକ ପ୍ରଶାସନ ନୋଟିସ କରି ୭ଦିନ ଭିତରେ ଗୃହ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି। ୭ଦିନ ମଧ୍ୟରେ ଗୃହ ଖାଲି ନ କଲେ ପରବର୍ତ୍ତୀ ସମୟରେ ତାହାକୁ ଭାଙ୍ଗି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ମାତ୍ର ଉକ୍ତ ନିର୍ଦ୍ଦେଶକୁ ୭ ଦିନରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ଗୃହଗୁଡ଼ିକ ଏବେବି ଜବରଦଖଲରେ ରହିଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ କେବଳ ନୋଟିସରେ ସୀମିତ ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁସାରେ, ବରୀ ବ୍ଲକ୍ ଅଧୀନ ଦରଘା ଛକରେ ଥିବା ଗୃହ ମଧ୍ୟରୁ ଧୀରେନ୍ଦ୍ର ସାହୁ ୧ ନମ୍ବର, ରମାକାନ୍ତ ମଲିକ ୫ ନମ୍ବର ଓ ମନୋରଞ୍ଜନ ଦାଶ ୪ କୋଠରିକୁ ଜବରଦଖଲ କରିଛନ୍ତି। ସେହିପରି ଉତ୍ତର ବରୀଠାରେ ଥିବା ଗୃହ ମଧ୍ୟରୁ ୧,୨, ଓ ୩ ନମ୍ବର କୋଠରିକୁ ପ୍ରଶାନ୍ତ ଯାଦବ ଜବରଦଖଲ କରି ରଖିଛନ୍ତି ବୋଲି ଅଭିଯୋଗ ହୋଇ ଆସୁଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ସରପଞ୍ଚ ସୋନାଲ ସଂ ବରୀ ବିଡିଓଙ୍କୁ ଜଣାଇଥିଲେ। ଏହାକୁ ନେଇ ବିଡିଓ ଜବରଦଖଲକାରୀଙ୍କୁ ଘର ଛାଡିବା ପାଇଁ ନୋଟିସ୍ ଜାରି କରିଛନ୍ତି। ଚିଠି ନଂ.୨୫୪୫ ତା ୦୫।୦୭।୨୦୨୨ରେ ଉକ୍ତ ନୋଟିସ ଜାରି କରାଯାଇଛି। ତେବେ ଜବରଦଖଲକାରୀ ସରକାରୀ ନିୟମକୁ ଉଲ୍ଲଙ୍ଘନ କରିବା ପରେ ବି ବ୍ଲକ୍ ପ୍ରଶାସନ ତରଫରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପଛରେ ରାଜନୈତିକ ଚାପ ରହିଛି ବୋଲି

ଜବରଦଖଲରେ ଥିବା ସରକାରୀ ବଜାର ଗୃହ।

ସରକାରୀ ବଜାର ଗୃହ ଜବରଦଖଲ ଉଚ୍ଛେଦ କରିପାରୁନି ବ୍ଲକ ପ୍ରଶାସନ

ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ବରୀ ଭାରପ୍ରାପ୍ତ ବିଡିଓ ମାନସ ରଞ୍ଜନ ଭୋଇଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରୀ ନିୟମ ଉଲ୍ଲଂଘନ ଏକ ଧର୍ତ୍ତବ୍ୟ ଅପରାଧ। ନୋଟିସ ଜାରି ପରେ ଯେଉଁମାନେ ଗୃହ ଖାଲି କରିନାହାନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ବ୍ଲକ୍ ପ୍ରଶାସନର ନୋଟିସ ମୁତାବକ ଜବରଦଖଲ କରିଥିବା ଯାଦବଙ୍କୁ ପଚାରିବାରେ ସେ କୁହନ୍ତି, କୋର୍ଟର ଆଶ୍ରୟ ନେଇଛି। କୋର୍ଟର ନିର୍ଦ୍ଦେଶ ନ ଆସିବା ପୂର୍ବରୁ ଏଭଳି ନୋଟିସ ଜାରି କରାଯିବା ସମ୍ପୂର୍ଣ୍ଣ ବେଆଇନ। ସେହିପରି ଜବରଦଖଲକାରୀ ମଲ୍ଲିକ କହିଛନ୍ତି, ସରକାରୀ ନିୟମ ମୁତାବକ କୋଠରି ଭଡ଼ା ସୂତ୍ରରେ ନିଆଯାଇଛି। ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ।

ପ୍ରଧାନ ଶିକ୍ଷକ ନିଲମ୍ବିତ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୮।୭(ଡି.ଏନ.ଏ./ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାହାଦୁରନଗରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେତେଜଣ ଛାତ୍ରଙ୍କୁ ବିଦ୍ୟାଳୟ ମରାମତି କାର୍ଯ୍ୟରେ ନିୟୋଜିତ କରିଥିବା ଅଭିଯୋଗରେ ସୋମବାର ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସଙ୍କୁ ନିଲମ୍ବନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ପତ୍ର ସଂଖ୍ୟା ୧୪୫୯ରେ ଏନେଇ ନିର୍ଦ୍ଦେଶନାମା ଜାରି ରକିଛନ୍ତି। ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୮୩୩୪ରେ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ସେ ଚାରିନଙ୍ଗଳସ୍ଥିତ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ଉପସ୍ଥିତ ରହିବେ। ସୂଚନାଥାଉକି, ଗତ ୧୫ ତାରିଖରେ ବିଦ୍ୟାଳୟରେ ଶିକ୍ଷାଦାନ ସମୟରେ ଦାସ ବସିରହିଥିବା ବେଳେ ଛାତ୍ରମାନଙ୍କୁ ଶ୍ରେଣୀଗୃହ ମରାମତି କାର୍ଯ୍ୟରେ ନିୟୋଜିତ କରିଥିଲେ। ଏହି ଭିଡିଓ ଓ ଫଟୋ ବିଭିନ୍ନ

ଛାତ୍ରଙ୍କୁ ଶ୍ରମିକ ସଜାଇବା ମହଙ୍ଗା ପଡ଼ିଲା

ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିସହିତ ଆଇନଜୀବନୀ ଉଦୟ ନାଥ ସାହୁ ଏନେଇ ଯାଜପୁର ଜିଲାପାଳ ଓ ଶିଶୁ ସୁରକ୍ଷା ଆୟୋଗଙ୍କୁ ଟୁଇଟ୍ କରି ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ମେଲ୍‌ଯୋଗେ ଅବଗତ କରାଇଥିଲା। ପରେ ଏ ସମ୍ପର୍କରେ 'ଧରିତ୍ରୀ' ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟରେ ହେଉଥିବା ମରାମତି କାର୍ଯ୍ୟର ସବିଶେଷ ଜନସାଧାରଣଙ୍କ ଆଗକୁ ଆଣିବାକୁ ଦାବି ହୋଇଛି। ଏହା ହେଲେ ସମ୍ପୃକ୍ତ ପ୍ରଧାନଶିକ୍ଷକ କାହିଁକି ପିଲାମାନଙ୍କୁ କାମ କରାଉଥିଲେ ତାହା ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲା ଶିକ୍ଷାଧିକାରୀ ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି।

୨୯ରେ ପିସିସି ସଭାପତିଙ୍କ ଯାଜପୁର ଗସ୍ତ

ଯାଜପୁର ଟାଉନ,୧୮।୭(ଡି.ଏନ.ଏ.)

ଆସନ୍ତା ୨୯ ତାରିଖରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯାଜପୁର ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏନେଇ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲା କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ପଟ୍ଟନାୟକଙ୍କ ଗସ୍ତକୁ ନେଇ ବିସ୍ତୃତ ଆଲୋଚନା କରାଯାଇଛି। ତାଙ୍କୁ ଯାଜପୁର ପ୍ରବେଶ ପଥଠାରୁ ସ୍ୱାଗତ କରିବାକୁ ଯୋଜନା କରାଯାଇଛି। ତେଣୁ ଚଣ୍ଡିଖୋଲଠାରୁ ବାଇକ ଶୋଭାଯାତ୍ରାରେ ଯାଜପୁର ଅଣାଯିବ। ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବ୍ଲକରୁ ଆସିଥିବା କଂଗ୍ରେସ ସଭାପତିମାନେ କିପରି ଏହି କାର୍ଯ୍ୟକ୍ରମକୁ ସଫଳ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ।

ବୈଠକରେ ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାରେ ୭୫ କିମି କଂଗ୍ରେସ ପଦଯାତ୍ରା କରିବ ବୋଲି କୁହାଯାଇଛି। ପ୍ରସ୍ତୁତି ବୈଠକରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ସନ୍ତୋଷ ନନ୍ଦ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଅଜୟ ସାମଲ, ବଳଭଦ୍ର ଦାସ, ସନ୍ତୋଷ କୁମାର ବେହେରା, ପ୍ରତିମା କର, ଶିଶିର ନାୟକ, ଦିଗମ୍ବର କର, ଦୁର୍ଯ୍ୟୋଧନ ବେହେରା, ପ୍ରଶାନ୍ତ କୁମାର ସାହୁ, କନକଲତା ରାଉତ, କନକଲତା ମଲିକ, ଆଲୋକ ବେହେରା, ରାଜୀବ ମହାପାତ୍ର, ସନ୍ତୋଷ ବେହେରା, ରଣଜିତ ରାଜ, ମିହିର ମିଶ୍ର, ଉମେଶ ଜେନା, ଦିଲୀପ ମଲ୍ଲିକ, ନାରାୟଣ ସାମନ୍ତ, କିଷାନ ପଣ୍ଡା, ଗଦାଧର ଦାସ, ଶ୍ୟାମସୁନ୍ଦର କର, ମନୋଜ ଦାଶ, ବିଭୂତି ମହାପାତ୍ର, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ମତ ରଖିଥିଲେ।

ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମୀ।

ଛତ୍ରପଡ଼ାରେ ରାଜଲକ୍ଷ୍ମୀ, ମଙ୍ଗଳପୁରରେ ସୁଜାତା ନିର୍ବାଚିତ

କର୍ମକର୍ତ୍ତାଙ୍କ ଗହଣରେ ଛତ୍ରପଡା ସମବାୟ ସମିତି ଉପସଭାପତି।

ମଙ୍ଗଳପୁର ସମବାୟ ସମିତି ଉପସଭାପତିଙ୍କୁ ସ୍ୱାଗତ କରାଯାଉଛି।

ଝୁମ୍ପୁରୀ,୧୮।୭(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ ଛତ୍ରପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଅନୁଷ୍ଠିତ ଉପସଭାପତି ନିର୍ବାଚନରେ ଶାସକ ଦଳ ସମର୍ଥିତ ପ୍ରାର୍ଥିନୀ ରାଜଲକ୍ଷ୍ମୀ ଦାସ ନିର୍ବାଚିତ ହୋଇଛନ୍ତି। ସେ ନିର୍ବାଚନ ଅଧିକାରୀ ମଙ୍ଗୁଳି ପ୍ରଧାନଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବାରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଦାସଙ୍କୁ ଉପସଭାପତିଭାବେ ନିର୍ବାଚିତ ଘୋଷଣା କରାଯାଇଥିଲା। ସମବାୟ ସମିତି ସମ୍ପାଦକ ଭାଗ୍ୟଧର ମଲ୍ଲିକ ନିର୍ବାଚନ ନିମନ୍ତେ ସମସ୍ତ ବ୍ୟବସ୍ଥା କରିଥିଲେ। ସମିତିର ନବନିର୍ବାଚିତ ସଭାପତି ଗଜେନ୍ଦ୍ର ସ୍ୱାଇଁ, ନକୁଳ ଚରଣ ନାୟକ, ଗୋବିନ୍ଦ ଜେନା, ବାବାଜୀ ଜେନା, ରଙ୍ଗାଧର ନାୟକ, ପଙ୍କଜ

ସମବାୟ ସମିତି ଉପସଭାପତି ନିର୍ବାଚନ

କୁମାର ଜେନା, ବିଜେଡି ବ୍ଲକ୍ ସଭାପତି ଅଜୟ କୁମାର ମହାନ୍ତି, ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମଙ୍ଗଳପୁର ପ୍ରାଥମିକ କୃଷି ସମବାୟ ସମିତିରେ ଅନୁଷ୍ଠିତ ଉପସଭାପତି ନିର୍ବାଚନରେ ଶାସକ ଦଳ ସମର୍ଥନରୁ ପ୍ରାର୍ଥିନୀ ହୋଇଥିବା ସୁଜାତା ଜେନା ନିର୍ବାଚିତ ହୋଇଛନ୍ତି। ଅନ୍ୟକେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ ବିରଜା ମିଶ୍ର ଜେନାଙ୍କୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପସଭାପତିଭାବେ ନିର୍ବାଚିତ ଘୋଷଣା କରିଥିଲେ। ମଙ୍ଗଳପୁର ସମବାୟ ସମିତିର ସର୍ବାଙ୍ଗୀନ ଉନ୍ନତି କରିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତାଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ସମିତି ସଭାପତି କେଶବ ଚନ୍ଦ୍ର ସେଠୀ, ଜୋନ୍ ସଭ୍ୟ ଅଭିମନ୍ୟୁ ମହାନ୍ତି, ଶମ୍ଭୁନାଥ ମଲ୍ଲିକ, ଅକ୍ଷୟ ସାହୁ, ଶରତ ଚନ୍ଦ୍ର ଦାସ, ଶ୍ରୀକାନ୍ତ ବିଶ୍ୱାଳ, ମାନସ ରଞ୍ଜନ ଦାସ, ପ୍ରଭାକର ମଲ୍ଲିକ, ମଙ୍ଗଳପୁର ପଞ୍ଚାୟତର ବିଜେଡି ନେତା ପ୍ରଦୀପ କୁମାର ମହାପାତ୍ର, ବ୍ଲକ୍ ଆମ୍ଭା ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା, ଦୀପକ କୁମାର ବାରିକ, ପ୍ରମୋଦ ପଣ୍ଡା, ଅଭିରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନାରେ ମଙ୍ଗଳପୁର ସମବାୟ ସମିତି ସମ୍ପାଦକ ରଞ୍ଜନ କୁମାର ପତ୍ରୀ, କର୍ମଚାରୀ ପର୍ଶୁରାମ ସାହୁ, ପ୍ରଭାସ କୁମାର ଦାସ, ବିଶ୍ୱମୋହନ ପୃଷ୍ଟି, ଜଗନ୍ନାଥ ଜେନା, ସସ୍ମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

'ନ୍ୟାୟ ପ୍ରଦାନରେ ବାର୍‌ର ସହଯୋଗ ଆବଶ୍ୟକ'

ପୋକ୍‌ସୋ କୋର୍ଟ ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି

କଟକ ଅଫିସ, ୧୮।୭

ରାଜ୍ୟର ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା ଓ କେନ୍ଦୁଝରରେ ପୋକ୍‌ସୋ କୋର୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଦିନଗୁଡ଼ିକରେ ରାଜ୍ୟରେ ବଳାତ୍କାର ଘଟଣା ବୃଦ୍ଧି ପାଇଛି। ପୀଡିତାଙ୍କୁ ନ୍ୟାୟ ପ୍ରଦାନରେ ବାର୍‌ର ସହଯୋଗ ଆବଶ୍ୟକ। ସେହିପରି ବିଚାରପତି ବିଶ୍ୱନାଥ ରଥ କହିଥିଲେ, ପୋକ୍‌ସୋ ଅଧିନିୟମ-୨୦୧୨ ଜରିଆରେ ବିଶେଷ ଅଦାଲତ ଖୋଲିବା ଦ୍ୱାରା ପୀଡିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଚାରପତି ଏସ୍. ତାଳପତ୍ରଙ୍କ ସମେତ ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲା ଓ ସେସନ୍ସ ବିଚାରପତି ଏବଂ ନ୍ୟାୟିକ ଅଧିକାରୀ, ବାର୍ ସଦସ୍ୟ, ଜିଲାପାଳ ଏବଂ ପୋଲିସ ଅଧୀକ୍ଷକ ଉପସ୍ଥିତ ଥିଲେ।

ସୂଚନା ମିଳିଲା, ଦୂର ହେଲାନି ଦ୍ୱନ୍ଦ୍ୱ

ରସୁଲପୁର,୧୮।୭(ଡି.ଏନ.ଏ.)

ଯାଜପୁର ଜିଲାର ରସୁଲପୁର ଓ ଯାଜପୁର ବ୍ଲକର ସରପଞ୍ଚମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ଜରିଆରେ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ହେଲେ ସେମାନଙ୍କ ମନରେ ଉପୁଜିଥିବା ଅସମାହିତ ପ୍ରଶ୍ନ ଓ ଯୋଜନା କାର୍ଯ୍ୟକାରିତାରେ ଉପୁଜୁଥିବା ଦ୍ୱନ୍ଦ୍ୱଦୂର ହୋଇପାରି ନାହିଁ। ସମୟର ସ୍ୱଳ୍ପତା ଯୋଗୁ ଏହା ସମ୍ଭବପର ହୋଇନାହିଁ ବୋଲି କୁହାଯାଇଛି। ସରପଞ୍ଚମାନଙ୍କ ଦକ୍ଷତାବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୨ଟି ବ୍ଲକ ମଧ୍ୟରୁ ରସୁଲପୁରରୁ ୨୮ ଓ ଯାଜପୁରରୁ ୧୬ଜଣ ସରପଞ୍ଚଙ୍କୁ ପ୍ରଶିକ୍ଷଣ ପ୍ରଦାନ

ସରପଞ୍ଚ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାଇଁ ଯାଜପୁର ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିଥିଲା। ଦକ୍ଷ ତାଲିମ ପ୍ରଦାନକାରୀମାନେ ଯୋଗଦେଇ ସରପଞ୍ଚମାନଙ୍କୁ ସରକାରଙ୍କ ୧୭ଟି ଯୋଜନା ଓ ୧୧ଟି ବିଭାଗର କାର୍ଯ୍ୟକାରିତା ଏବଂ ସରପଞ୍ଚଙ୍କ ଭୂମିକା ସମ୍ପର୍କରେ ବୁଝାଇଥିଲେ। ହେଲେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ସମୟରେ ସରପଞ୍ଚମାନେ ସମ୍ମୁଖୀନ ହେଉଥିବା ନାନା ସମସ୍ୟା ସମ୍ପର୍କରେ ତାଲିମଦାତା ଓ ବିଭିନ୍ନ ବିଭାଗର ପଦାଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ। ମାତ୍ର ସରପଞ୍ଚମାନଙ୍କ ମନରେ ଆସୁଥିବା

ସଂକ୍ଷେପରେ

ବ୍ରାଉନ୍‌ସୁଗାର ଜବତ : ୨ ଗିରଫ

ଏରସମା,୧୮।୭(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ ମହିମାଦେଇପୁର ଛକରେ ସୋମବାର ପୋଲିସ ଚଢ଼ାଉ କରି ୬ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ପୋଡାକାନ୍ଧି ଗ୍ରାମର ଆୟୁଷ କୁମାର ଲେଙ୍କା ଓ ମିଠିଲୋ ଗ୍ରାମର ଶିବ ପ୍ରସାଦ ଜେନା। ଉଭୟ ଏକ ବାଇକ୍‌ରେ ବ୍ରାଉନସୁଗାର ନେଇ ଯାଉଥିବାବେଳେ କୌଣସି ସୂତ୍ରରୁ ଖବରପାଇ ଏରସମା ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏନେଇ ଥାନାରେ ମାମଲା (ନଂ.୨୪୫/୨୨) ରୁଜୁ କରାଯାଇଛି।

ମହିଳାଙ୍କଠାରୁ ୩୬ ହଜାର ଝାମ୍ପିନେଲେ ଦୁର୍ବୃତ୍ତ

ପାରାଦୀପ,୧୮।୭(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ତାରିଣୀଗଡା ବ୍ୟାଙ୍କ ଅଫ ଇଣ୍ଡିଆ ଆଗରୁ ସୋମବାର ଅପରାହ୍ନରେ ଟଙ୍କା ଲୁଟ୍ ହୋଇଛି। ଲକ୍‌ପଡ଼ାର ଅଞ୍ଚଳ ଭାରତୀ ମଣ୍ଡଳ ନାମକ ମହିଳା ଏହି ବ୍ୟାଙ୍କରୁ ୩୬ ହଜାର ଟଙ୍କା ଉଠାଇ କେନାଲ ବନ୍ଧରେ ଯିବାବେଳେ ଜଣେ ଦୁର୍ବୃତ୍ତ ତାଙ୍କ ଟଙ୍କା ବ୍ୟାଗ ଓ ମୋବାଇଲ ଛଡ଼ାଇ ନେଇ ଚାଲିଯାଇଛନ୍ତି। ଏ ନେଇ ରାତି ୯ ଟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ତେବେ ପ୍ରାଥମିକ ସୂଚନା ଆଧାରରେ ପୋଲିସ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି ବୋଲି ସେ କହିଛନ୍ତି। ପୋଲିସ ସୂଚନା ମୁତାବକ, ଭାରତୀ ବ୍ୟାଙ୍କ ଭିତରେ ଟଙ୍କା ଉଠାଣ ଫର୍ମ ଲେଖିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ସହାୟତା କରିଥିଲେ। ପରେ ସମ୍ପୃକ୍ତ ଯୁବକ ବ୍ୟାଙ୍କ ବାହାରେ ଅପେକ୍ଷା କରିଥିଲେ। ଭାରତୀ ବ୍ୟାଙ୍କରୁ ଟଙ୍କା ଉଠଇ ରାସ୍ତା ଉପରକୁ ଗଲାବେଳେ ସମ୍ପୃକ୍ତ ଯୁବକ ତାଙ୍କ ହାତରୁ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ,ଏହି ବ୍ୟାଙ୍କ ଆଗରୁ ୨ମାସ ତଳେ ଏଭଳି ଜଣେ ବୃଦ୍ଧାଙ୍କଠାରୁ ଲୁଟ ହୋଇଥିବା ନେଇ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲା।

ଶିକ୍ଷକଙ୍କ ପରଲୋକ

ବାଲିକୁଦା,୧୮।୭(ସ୍ୱ.ପ୍ର.): ବାଲିକୁଦା ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିବା ପରେ ଚଅଁରପୁର ପ୍ରାଥମିକ ବିଦ୍ୟାଳୟରୁ ଚାକିରିରୁ ଅବସର ଗ୍ରହଣ କରିଥିବା କୃତୀ ଶିକ୍ଷକଙ୍କ ସୋମବାର ପରଲୋକ ଘଟିଛି। ସେ ହେଲେ ଅନିରୁଦ୍ଧ ପ୍ରଧାନ(୮୪)। ଶାରୀରିକ ଅସୁସ୍ଥତା କାରଣରୁ ସେ କଟକରେ ପୁଅ ପାଖରେ ରହି ଚିକିତ୍ସିତ ହେଉଥିଲେ । ତାଙ୍କ ମରଶରୀରକୁ ଅରିଲୋ ପଞ୍ଚାୟତର ଶଙ୍ଗାଳୋସ୍ଥିତ ଜନ୍ମ ସ୍ଥାନକୁ ନିଆଯାଇ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

୧୯ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜଗତ୍‌ସିଂହପୁର ଅଫିସ, ୧୮।୭

ଚାଷ, ଚାଷୀ ଓ ବେକାର ସୁରକ୍ଷା ଆଦି ୧୯ ଦଫା ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅପରାହ୍ନରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଜୱାଦ ଓ ୨୦୨୧ ସେପ୍ଟେମ୍ବର ବର୍ଷାରେ କ୍ଷତିର ସମ୍ମୁଖୀନ ହୋଇଥିବା ଚାଷୀଙ୍କୁ ସହାୟତା ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅବଶିଷ୍ଟ ଦାବିଗୁଡିକ ଉପରେ ସରକାରୀସ୍ତରରେ ଆଲୋଚନା ଚାଲିଥିବା କହିବାପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ମଙ୍ଗଳବାର ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବାରୁ ଏହାକୁ ସଫଳ କରିବା ପାଇଁ ପ୍ରତ୍ୟେକ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମୟରେ ଗାଡ଼ିମୋଟର ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିବ ବୋଲି କୁହାଯାଇଛି । ସଙ୍ଗଠନ ପକ୍ଷରୁ କୁହାଯାଇଛି ଚାଷ ଓ ବେକାରି ସମସ୍ୟାର ବିଭିନ୍ନ ଦାବି ନେଇ ସରକାର ଓ ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇଆସିଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକାର ହୋଇପାରିନାହିଁ। ଫଳରେ ଚାଷୀ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି। ଏନେଇ ସୋମବାର ପୂର୍ବାହ୍ନରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସତ୍ୟାଗ୍ରହ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କଲେଜ ଛକ ନିକଟରୁ ଚାଷୀଙ୍କ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଚାଷୀ ନେତାମାନେ ସରକାରୀ ଉଦାସୀନତା ଉପରେ ବର୍ଷିଥିଲେ। ବିଶେଷକରି ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଉ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଏହି ଅବସରରେ ଚାଷୀଙ୍କୁ ମାସକୁ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା, ବୃଦ୍ଧା, ବୃଦ୍ଧ ଓ ଭିନ୍ନକ୍ଷମମାନଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ବ୍ରିଟିଶ୍ ଅମଳରୁ ଥିବା ରିଲିଫ କୋଡ୍‌କୁ ସଂଶୋଧନ, ଅଦିନିଆ ବର୍ଷା, ବାତ୍ୟା ଓ ଅନ୍ୟ ବିପର୍ଯ୍ୟୟ ସହାୟତା ରାଶି ଚାଷୀଙ୍କୁ ତୁରନ୍ତ ପ୍ରଦାନ, ଉପଯୁକ୍ତ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ, ଜଳସେଚନ, ଜଳ ନିଷ୍କାସନ ବ୍ୟବସ୍ଥା ଯଥାଶୀଘ୍ର କରାଇବା ପାଇଁ ଦାବି ହୋଇଥିଲା। ସେହିପରି ବିହନ, ସାର ଓ କୀଟନାଶକ ଯୋଗାଣରେ ସ୍ୱଚ୍ଛତା, ମୁଗ, ପନିପରିବା ମଣ୍ଡି, ସରକାରୀ ଶୀତଳ ଭଣ୍ଡାର ସ୍ଥାପନ, ଖରିଫ ଧାନ କିଣାରେ ମିଲର ଓ ସମବାୟ ସମିତି ସମ୍ପାଦକଙ୍କ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ, ଷଣ୍ଢ ଓ ମାଙ୍କଡ଼ ଉପଦ୍ରବରୁ ଚାଷୀଙ୍କୁ ସୁରକ୍ଷା ଦେବା, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ବେକାରି ଓ ବେରୋଜଗାରୀ ଦୂର କରିବା, ସବୁ ଚାଷୀଙ୍କଠାରୁ ବଳକା ଧାନ କିଣିବାର ସୁବନ୍ଦୋବସ୍ତ କରିବା ଆଦି ଦାବି ପୂରଣ ଉପରେ ଜୋର ଦିଆଯାଇଥିଲା। ସରକାର ଏସବୁ ଦାବି ପୂରଣ ନ କଲେ ଅକ୍ଟୋବର ୧୪ରେ ରାଜଧାନୀରେ ପ୍ରାୟ ୫ ଲକ୍ଷ ଚାଷୀ ପହଞ୍ଚି ସତ୍ୟାଗ୍ରହ କରିବେ ବୋଲି ନବନିର୍ମାଣ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ସଙ୍ଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ହେଉଛି ଆମର ମୁଖ୍ୟ ଦାବି । ଏଥିସହ ଧାନର ସହାୟକ ମୂଲ୍ୟ କେନ୍ଦ୍ର ସରକାର ୧୯୩୦ ଟଙ୍କାକୁ ବୃଦ୍ଧି କରିଥିବାବେଳେ ରାଜ୍ୟ ସରକାର ନୀରବ ରହିବା ଦୁଃଖଦାୟକ। ତେଣୁ ରାଜ୍ୟ ସରକାର କୁଇଣ୍ଟାଲ ପିଛା ଅତି କମରେ ୧,୦୦୦ ଟଙ୍କା ବୃଦ୍ଧି କରିବାକୁ ଅକ୍ଷୟ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭରେ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ କମିଟି ସଭ୍ୟ ଦେବୀ ପ୍ରସାଦ ମହାରଣା, ଜିଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ନେତା ଓ ଚାଷୀ ଉପସ୍ଥିତ ଥିଲେ ।

ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

- ଦାବି ପୂରଣ ନ ହେଲେ ଅକ୍ଟୋବର ୧୪ରେ ରାଜଧାନୀରେ ସତ୍ୟାଗ୍ରହ ପାଇଁ ଚେତାବନୀ
- ଆଜି ଓଡ଼ିଶା ବନ୍ଦ

ଗୋରେଖନାଥ ପୀଠରେ କାଉଡ଼ିଆଙ୍କ ଜଳଲାଗି

ଗୋରେଖନାଥ ପୀଠରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଲମ୍ବାଧାଡ଼ି।

ରଘୁନାଥପୁର, ୧୮।୭ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପାଖରେ ଶ୍ରାବଣ ମାସର ପ୍ରଥମ ସୋମବାରରେ କାଉଡ଼ିଆମାନେ ଜଳ ଲାଗି କରିଛନ୍ତି। ଏନେଇ ପ୍ରାୟ ୩ ହଜାର କାଉଡ଼ିଆ ଦୂରଦୂରାନ୍ତରୁ ମାନସିକ ଜଳ କାନ୍ଧରେ ନେଇ ରବିବାର ରାତି ସୁଦ୍ଧା ପୀଠରେ ପହଞ୍ଚିଥିଲେ। ରାତି ୪ଟାରେ ପ୍ରଭୁଙ୍କ ମଙ୍ଗଳା ଆରତି ସମାପନ ହୋଇଥିଲା। ଏହାପରେ ପ୍ରଭୁଙ୍କ ବିଗ୍ରହ ମୂର୍ତ୍ତିରେ ଜଳ ଢାଳିବା ପର୍ବ ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିଥିଲା। ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା ହୋଇଥିଲା। ଏଥିସହ ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକ, ଫାଷ୍ଟେଡ୍ ବ୍ୟବସ୍ଥା ଓ କାଉଡ଼ିଆଙ୍କ ବିଶ୍ରାମ ନିମନ୍ତେ ଟେଣ୍ଟ ବନ୍ଧା ଯାଇଥିଲା। ଛକବଜାର ଓ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇଥିଲା। ତିର୍ତ୍ତୋଲ ପୋଲିସ ପକ୍ଷରୁ ସେଠାରେ ଆଇନ ଶୃଙ୍ଖଳା ରକ୍ଷା କରାଯାଇଥିଲା। କରୋନା କଟକଣା ଯୋଗୁ ଦୁଇବର୍ଷ ଧରି ମନ୍ଦିରରେ ଏହି ଜଳ ଲାଗି ପର୍ବ ବନ୍ଦ ରହିଥିଲା। ଏହି କଟକଣା ହଟିବା ପରେ କାଉଡ଼ିଆଙ୍କ ମଧ୍ୟରେ ପାଣି ଢାଳିବା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି।

୪ ସପ୍ତାହରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ସମୁଦ୍ର କୂଳରୁ ନାବାଳକ ନିଖୋଜ ଘଟଣା

ପାରାଦୀପ,୧୮।୭ (ସ୍ୱ.ପ୍ର.)

ପାରାଦୀପ ବତୀଘର ପାଖ ସମୁଦ୍ର କୂଳରୁ ମେ'୧୪ରେ ଛାତ୍ର ପ୍ରୀତମ ଦାସ ନିଖୋଜ ହୋଇଯାଇଥିଲେ। ଏହି ଘଟଣାର ତଦନ୍ତ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦେବା ପାଇଁ ସୋମବାର ଜାତୀୟ ମାନବିକ ଅଧିକାର କମିଶନ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରୀତମ ଓ ଅନ୍ୟ ୨ ଜଣ ଛାତ୍ର ମେ'୧୪ରେ ସ୍କୁଲ ଛୁଟି ପରେ ସମୁଦ୍ର କୂଳକୁ ବୁଲି ଯାଇଥିଲେ। ମାତ୍ର ପ୍ରୀତମ ଘରକୁ ଫେରି ନ ଥିଲେ। ସମୁଦ୍ର କୂଳରୁ ତାଙ୍କ ସ୍କୁଲ ୟୁନିଫର୍ମ, ସାଇକେଲ ଓ ଆଇଡି କାର୍ଡ ମିଳିଥିଲା। ଏନେଇ ବାପା ପ୍ରମୋଦ ଦାସ ଜଟାଧାରମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲ (ନଂ.୧୬/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମାତ୍ର ଏପର୍ଯ୍ୟନ୍ତ ନିଖୋଜ ଛାତ୍ର ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବାରୁ ଭାରତୀୟ ବିକାଶ ପରିଷଦ ସଙ୍ଗଠନର ଜିଲା ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନ ଉପରେ କମିଶନ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

୬୪ ଅଭିଯୋଗରୁ ୬୦ ବ୍ୟକ୍ତିଗତ

ଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି

ଜଗତ୍‌ସିଂହପୁର ଅଫିସ, ୧୮।୭

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଏଥିରେ ସାମିଲ ହୋଇଥିଲେ।

ଶିବିରରେ ମୋଟ ୬୪ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୬୦ କେବଳ ବ୍ୟକ୍ତିଗତ ସମସ୍ୟା ଥିଲା। ଅନ୍ୟ ୪ଟି ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବ୍ୟକ୍ତିଗତ ସମସ୍ୟାଗୁଡ଼ିକ ମଧ୍ୟରେ ଆବାସ ଯୋଜନା ସମ୍ପର୍କିତ ୧୪, ଜମିଜମା ୯, ରାଶନ କାର୍ଡ ୪, ଭତ୍ତା ୨, ପୋଲିସ ସହାୟତା ୬, ରେଡକ୍ରସ୍ ପାଣ୍ଠି ୧ ଓ ଅନ୍ୟାନ୍ୟ ୨୪ ଅଭିଯୋଗ ରହିଛି। ଶିବିରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୩ ଜଣ ଭିନ୍ନକ୍ଷମ ଶ୍ରବଣବାଧିତ ଯୁବକ ଯଥା ଆଲୋକ କୁମାର, ବିଶ୍ୱରଞ୍ଜନ ସ୍ୱାଇଁ ଓ ରତିକାନ୍ତ ସ୍ୱାଇଁଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଜିଲାପାଳ ୩ ଲାପ୍‌ଟପ୍ ପ୍ରଦାନ କରିଥିଲେ। ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡ଼ାଂଶ ଗ୍ରାମର ଫିରୋଜ ବାରିକଙ୍କ ଭିନ୍ନକ୍ଷମ ପୁଅ ସାଇରାମ ବାରିକଙ୍କୁ ସିଏସ୍‌ଆର୍ ପାଣ୍ଠିରୁ ୫୭ ହଜାର ଟଙ୍କା ମୂଲ୍ୟର ଶ୍ରବଣ ଯନ୍ତ୍ର ଦିଆଯାଇଥିଲା। ସେହିପରି ଭିନ୍ନକ୍ଷମ ମାତାପିତାଙ୍କ ଝିଅପୁଅଙ୍କୁ ଉଚ୍ଚ ଶିକ୍ଷା ନେଇ ମେଧା ବୃତ୍ତି ଯୋଜନାରେ ନାଉଗାଁ ଘୋଡ଼ାଂଶର ବର୍ଷା ଦାସଙ୍କୁ ୫୨୪୭ ଟଙ୍କା, ଏରସମା ଖଟିକୁଳଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେରାଙ୍କୁ ୮୩୨୫ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ଉପସ୍ଥିତ ରହି ଉପକରଣ ପ୍ରଦାନରେ ସହାୟତା କରିଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ମରଣଯନ୍ତା ପାଲଟିଛି ପୂର୍ତ୍ତ ବିଭାଗ ରାସ୍ତା

ନାଉଗାଁ,୧୮।୭(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ନିଆଳି –ଗଜରାଜପୁର ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଏରେଡା ଦେଇ ନିଆଳିକୁ ସଂଯୋଗ କରୁଛି। ଏହା ଦେବୀ ନଦୀବନ୍ଧ ଉପରେ ଯାଇଛି। ପୂର୍ବରୁ ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ୭ ରୁ ୮ ବର୍ଷ ତଳେ ଏହାକୁ ନିର୍ମାଣ କରାଯାଇଥିବାବେଳେ ଏବେ ଏହା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବାଟ ଦେଇ ନିଆଳି, କଟକ, ଭୁବନେଶ୍ୱର ଆଦିକୁ ଯାତାୟାତ କରିବା ସୁବିଧାଜନକ ହୋଇଥିବାବେଳେ ଗଳଦାରୀ, ଗଜରାଜପୁର, ନୂଆଗାଁ ଓ ରୋହିଆ ଆଦି ପଞ୍ଚାୟତ ପାଇଁ ଏହା ମୁଖ୍ୟ ସଂଯୋଗୀକରଣ ରାସ୍ତା। ମାତ୍ର ଦୀର୍ଘଦିନ ହେବ ଏହା ମରାମତି ହୋଇ ନ ଥିବାରୁ ଏହାର ଅବସ୍ଥା ଶୋଚନୀୟ ହୋଇଯାଇଛି। ଦେବୀ ନଦୀରେ ଥିବା ଅରଖକୁଦ, ଗଳଦାରୀ ବାଲି ସଇରାତ ଓ ନିଆଳି ବ୍ଲକରେ ଥିବା ବାଲି ସଇରାତରୁ ପ୍ରତ୍ୟହ ବାଲି ବୋଝେଇ ଗାଡି ଏହି ବାଟ ଦେଇ ଯାଇଥାଏ। ତେବେ ଆବଶ୍ୟକୀୟଠାରୁ ଅଧିକ ଓଜନର ଭାରିଯାନ ରାସ୍ତାରେ ଚଳାଚଳ କରିବା ଯୋଗୁ ଏବେ ଏହା ଖାଲଖମାରେ ପୂରି ଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବର୍ଷା ଦିନ ହୋଇଥିବାରୁ ଉକ୍ତ ଖାଲରେ ବର୍ଷା ପାଣି ଜମି ବହୁ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ରାସ୍ତାରେ ଯାତାୟାତ କରିବା ସମ୍ଭବ ହେଉନାହିଁ ବୋଲି ଜୟରୁଧର ବସ୍ତିଆ, ଅମରଜିତ ସ୍ୱାଇଁ, ମନୋଜ କୁମାର ମହାନ୍ତି, ନିହାର ରଞ୍ଜନ ସ୍ୱାଇଁ ଓ ଆର୍ତ୍ତତ୍ରାଣ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ୨୭ ଡିସେମ୍ବର ୨୦୨୧ରେ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ମାତ୍ର ଏପର୍ଯ୍ୟନ୍ତ ରାସ୍ତା ମରାମତି ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ପ୍ରଶାସନ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବଳରାମ ସ୍ୱାଇଁ କୁହନ୍ତି, ରାସ୍ତା ନିର୍ମାଣ ପାଇଁ ପ୍ରୋସେସିଂ କାର୍ଯ୍ୟ ଜାରି ରହିଛି।

ନିଆଳି -ଗଜରାଜପୁର ରାସ୍ତା

- ମରାମତି ନ ହୋଇ ଖାଲଖମାରେ ପୂରିଯାଇଛି
- ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର
- ଅଧିକ ଓଜନର ଭାରିଯାନ ରାସ୍ତାରେ ଚଳାଚଳ କରୁଛି

ନିଆଳି–ଗଜରାଜପୁର ପୂର୍ତ୍ତବିଭାଗ ରାସ୍ତା ଖାଲଖମାରେ ପୂରି ଯାଇଛି।

ବର୍ଷାରେ ଭିଜିଲେ ଛାତ୍ରୀଛାତ୍ର

ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବର୍ଷାରେ ଭିଜୁଛନ୍ତି।

ବାଲିଆ,୧୮।୭

ଠିକ୍ ସମୟରେ ବିଦ୍ୟାଳୟର ତାଲା ଖୋଲା ନ ଯିବାରୁ ପିଲାମାନେ ବର୍ଷାରେ ଭିଜିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦାୟିତ୍ୱହୀନତା ଯୋଗୁ ଛାତ୍ରୀଛାତ୍ରମାନେ ଏଭଳି ଦୁର୍ଦ୍ଦଶା ଭୋଗିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚ

ନନ୍ଦପୁରରେ ବିଷାକ୍ତ ଛତୁ ଖାଇ ଜଣେ ମୃତ,୩ ଗୁରୁତର

କୋରାପୁଟ,(ସ୍ୱ.ପ୍ର.): କୋରାପୁଟ ଜିଲାର ନନ୍ଦପୁର ବ୍ଲକର ଖୁର୍ଜି ଗ୍ରାମରେ ବିଷାକ୍ତ ଛତୁ ଖାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ୩ ଜଣ ଗୁରୁତର ହୋଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଧବୁଲୁ ଖିନବୁଡି। ଖବରରୁ ଜଣାଯାଇଛି, ଖୁର୍ଜି ପଞ୍ଚାୟତର ସଦରର ବିମଲା ଖିନବୁଡି, ଧବୁଲୁ ଖିନବୁଡି, ସୋନୁ ଖିନବୁଡି, ସଉତା ଖିନବୁଡି, ଲକ୍ଷ୍ମୀଧର ଖିନବୁଡି ପ୍ରମୁଖ ରବିବାର ଜଙ୍ଗଲରୁ ଛତୁ ଆଣି ଖାଇବା ପରେ ଅସୁସ୍ଥ ହୋଇପଡିଥିଲେ। ସମସ୍ତଙ୍କୁ ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଧବୁଲୁଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀଧର ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ଅସୁସ୍ଥ ବିମଲା, ସୋନୁ ଓ ସଉତାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେମାନଙ୍କ ଅବସ୍ଥା ସ୍ଥିରଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

ସରିଯିବ କୋଭିଶିଲ୍ଡ ଟିକା

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

କେନ୍ଦ୍ରକୁ ଚିଠି ଲେଖିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ

■ରାଜ୍ୟରୁ ଆଉ ୮୧୬ ଆକ୍ରାନ୍ତ ଚିହ୍ନଟ

■ଟେଷ୍ଟିଂ ବୃଦ୍ଧି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

କରୋନା ପ୍ରତିଷେଧକ ଭାବେ ରାଜ୍ୟରେ ବ୍ୟବହାର କରାଯାଉଥିବା କୋଭିଶିଲ୍ଡ ଟିକା ଆସନ୍ତା ଦୁଇତିନି ଦିନ ଭିତରେ ସରିଯିବ। ସବୁ ଜିଲାରେ କମ୍ ସଂଖ୍ୟକ କୋଭିଶିଲ୍ଡ ଟିକା ମହଜୁଦ ଥିବାବେଳେ ରାଜ୍ୟରେ ମାତ୍ର ୨ ଲକ୍ଷ ୨୧ ହଜାର ଡୋଜ୍ ରହିଛି। ପୂର୍ବରୁ ଭୁବନେଶ୍ୱର, କଟକ, ବ୍ରହ୍ମପୁରକୁ ବାଦ୍‌ଦେଲେ ବାକିସବୁ ସ୍ଥାନରେ କୋଭିଶିଲ୍ଡ ଟିକା ଦିଆଯାଉଥିଲା। ଏବେ ପ୍ରିକଶନ ବା ବୁଷ୍ଟର ଡୋଜ୍ ପାଇଁ ଅଧିକ କୋଭିଶିଲ୍ଡ ଟିକା ଆବଶ୍ୟକ ହେଉଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ଟିକାକରଣ ରାଜ୍ୟ ନୋଡାଲ ଅଫିସର ଡା. ବିଜୟ ପାଣିଗ୍ରାହୀ କହିଛନ୍ତି।

ଗୋଟିଏ ପଟେ ସଂକ୍ରମଣ ବଢୁଥିବାବେଳେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ ଟିକା ଶେଷ ହୋଇଯିବା ମଧ୍ୟ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ୧୫ ତାରିଖରୁ ମାଗଣାରେ ବୁଷ୍ଟର ଡୋଜ୍ ଦିଆଯାଉଥିବାରୁ ଏବେ ଟିକାକରଣ ପାଇଁ ସବୁ କେନ୍ଦ୍ରରେ ଭିଡ଼ ଦେଖାଯାଉଛି। ତେଣୁ କୋଭିଶିଲ୍ଡର ଆବଶ୍ୟକତା ମଧ୍ୟ ବଢ଼ିଯାଇଛି। ଏ ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି, କୋଭିଶିଲ୍ଡ ଟିକା ଧୀରେ ଧୀରେ ସରିଆସିଲାଣି। କିନ୍ତୁ ରାଜ୍ୟରେ ପ୍ରାୟ ୭ ଲକ୍ଷ ଡୋଜ କୋଭାକ୍ସିନ ଟିକା ମହଜୁଦ ଅଛି। ତେଣୁ ପର୍ଯ୍ୟାପ୍ତ ପରିମାଣର କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଯୋଗାଇ ଦେବାକୁ କେନ୍ଦ୍ରକୁ ଚିଠି ଲେଖାଯାଇଛି। ଠିକ୍ ସମୟରେ ଟିକା ଯୋଗାଇଦେବାକୁ କେନ୍ଦ୍ର ପ୍ରତିଶ୍ରୁତି ଦେଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୮ରୁ ୫୯ ବର୍ଷ ବୟସ ବର୍ଗରେ ୪ ଲକ୍ଷ ୩୬ ହଜାର ଲୋକ ପ୍ରିକଶନ ଡୋଜ୍ ଟିକା ନେଇସାରିଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ମଧ୍ୟରେ ୮୧୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୧୮ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଏହାକୁ ମିଶାଇଲେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୯,୯୨୮କୁ ବୃଦ୍ଧି ପାଇଛି। କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ କରୋନା ସଂକ୍ରମଣ ବଢୁଛି। ସ୍ଥିତି ଉପରେ ନଜର ରଖିବା ସହ ଟେଷ୍ଟିଂ ବଢ଼ାଇବାକୁ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି। ଆବଶ୍ୟକସ୍ଥଳେ ବେଡ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଓ ଦ୍ୱିତୀୟ ଲହର ମୁକାବିଲାରେ ଯେପରି ସଫଳ ହୋଇଥିଲୁ, ସେପରି ସଫଳ ହେବୁ। ମୁଖ୍ୟମନ୍ତ୍ରୀ ରାଜ୍ୟରେ କରୋନା ସ୍ଥିତିର ତଦାରଖ କରୁଛନ୍ତି। ସେହିପରି ଓଡ଼ିଶା ରାଜ୍ୟ ଔଷଧ ନିଗମକୁ ମେଡିସିନ ମହଜୁଦ ରଖିବା ପାଇଁ କୁହାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୀମାନ୍ତରେ ମୁଣ୍ଡ ନେଲେ ମାଓବାଦୀ

ମାଲକାନଗିରି,୧୮।୭(ଡି.ଏନ.ଏ.)

ହତ୍ୟାର ଶିକାର ହୋଇଥିବା ମାଡକାମ।

ଇନ୍‌ଫର୍ମର ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ଭେଜି ଥାନା ଅନ୍ତର୍ଗତ ବେରାଭେଟି ଗ୍ରାମର ମାଡକାମ ହନ୍ଦ୍ରା। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ତାଙ୍କୁ ହତ୍ୟା କରିଥିବା ଜଣାପଡିଛି। ରବିବାର ରାତିରେ ମାଡକାମ ଘରେ ଶୋଇଥିବା ବେଳେ ତାଙ୍କୁ ମାଓବାଦୀମାନେ ଆସି ଘରୁ ଡାକି ନେଇଥିଲେ। ଘରଠାରୁ କିଛିଦୂରରେ ଥିବା ଜଙ୍ଗଲ ନିକଟରେ ଏକ ଧାରୁଆ ଅସ୍ତ୍ରରେ ମାଡକାମଙ୍କୁ ହତ୍ୟାକରି ତାଙ୍କ ମୃତଦେହ ସେଠାରେ ପକାଇ ଚାଲିଯାଇଥିଲେ। ଘଟଣା ସ୍ଥଳରେ ମାଓବାଦୀମାନେ ଏକ ହାତଲେଖା ଚିଠି ଛାଡିଯାଇଥିଲେ। ମାଡକାମ ପୋଲିସ ଇନଫର୍ମର ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସେଥିରେ ଉଲ୍ଲେଖ ରହିଛି। ତେବେ ଏହି ହତ୍ୟାକାଣ୍ଡ କୋଣ୍ଢା ମାଓବାଦୀ ସଙ୍ଗଠନ ପକ୍ଷରୁ କରାଯାଇଥିବା ଚିଠିରୁ ଜଣାପଡିଛି। ଏହାକୁ ନେଇ ବେରାଭେଟି ଗ୍ରାମରେ ଭୟ ଖେଳିଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

ଦନ୍ତାହାତୀର ମୃତଦେହ ଠାବ

ନୀଳଗିରି, ୧୮।୭(ସ୍ୱ.ପ୍ର.)

ମୃତ ଦନ୍ତା ହାତୀ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ ନରଣପୁର ପଞ୍ଚାୟତ ବାରାଗଡ଼ିଆ ଗାଁର ପୁରସ୍ତମ ସିଂଙ୍କ ବାଡ଼ିରେ ସୋମବାର ଭୋର ସମୟରେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବୟସାଧିକ ଯୋଗୁ ମୃତ୍ୟୁ ହୋଇଥାଇପାରେ ବୋଲି ବନ ବିଭାଗ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବାଲେଶ୍ୱର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆୟୁଷ୍ମ ଜୈନ ସୂଚନା ଦେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଦନ୍ତା ହାତୀଟି ଜୋର୍‌ରେ ଗର୍ଜନ କରୁଥିବା ବେଳେ ଲୋକେ ଶୁଣିଥିଲେ। ସକାଳେ ହାତୀ ମୃତଦେହ ପଡିଥିବା ଦେଖି ସେଠାରେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ବାଲେଶ୍ୱର ଡିଏଫ୍‌ଓ ଜୈନ, ନୀଳଗିରି ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଓ ଫରେଷ୍ଟର ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ବନବିଭାଗ ହାତୀଠାରୁ ଦାନ୍ତ ବାହାର କରିଥିଲା। ଏହାପରେ ହାତୀକୁ ପୋତି ଦିଆଯାଇଥିଲା। ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ଦନ୍ତାଟି ଦୀର୍ଘଦିନ ହେବ ନୀଳଗିରିର କୁଲଡ଼ିହା ଅଭୟାରଣ୍ୟରୁ ଆସି ସ୍ଥାନୀୟ ତିନିକୋଶିଆ ଓ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ରହି ଆସୁଥିଲା। ଖାଦ୍ୟ ଅନ୍ୱେଷଣରେ ରାତି ହେଲେ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ଜନବସତି ଅଞ୍ଚଳରେ ବିଭିନ୍ନ ଲୋକଙ୍କ ବାଡିରେ ପଶି ଫସଲ ଖାଇବା ସହ ନଷ୍ଟ କରି ପକାଉଥିଲା। ଏହି ହାତୀ ଗତ ମେ'ରେ ନରଣପୁର ବାରାଗଡ଼ିଆ ଗାଁର ଜଣେ ଯୁବକଙ୍କୁ ଦଳି ମାରିଦେଇଥିଲା। ହାତୀକୁ ଘଉଡାଇବା ପାଇଁ ଅଞ୍ଚଳବାସୀ ବନବିଭାଗକୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ବନବିଭାଗ ଗୁରୁତ୍ୱ ଦେଇ ନ ଥିଲା। କ୍ରମାଗତ ଭାବେ କୁଲଡ଼ିହା ଅଭୟାରଣ୍ୟର ହାତୀ ମୃତ୍ୟୁ ଘଟିଚାଲିଛି। ଚଳିତବର୍ଷ ଲଗାତର ମୋଟ ୪ଟି ହାତୀର ମୃତ୍ୟୁ ହୋଇସାରିଲାଣି। ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁ ବନବିଭାଗର ନିଦ ହଜାଇ ଦେଇଛି।

idco Your power to grow — ISO 9001 & 14001 Corporation | **ODISHA** NEW OPPORTUNITIES

No.CAD-1168

File No.- File No.HO/Civil/T&E-E-4510/01/2022-18061 Dt.16.07.2022

OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
Bid Identification No. Civil/EST-E-22/2022-23
REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement

Name of the Work: **"Engagement of Consultant for Preparation of Master Plan and DPR for various Buildings in Odisha University of Technology and Research (OUTR-Formerly College of Engineering & Technology, CET) in Bhubaneswar, Odisha."**

Availability of tender online for Bidding
1. Start Date: **dt.21.07.2022 at 5.00 PM.**
2. End Date: **20.08.2022 at 5.00 PM.**
3. Opening date: **20.08.2022 at 5.30 PM.**

Tender RFP details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

Sd./- Chief General Manager (Civil), IDCO, Bhubaneswar
OIPR-14003/11/0081/2223

"ହୀରାକୁଦ ବନ୍ଧରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ସମ୍ବନ୍ଧେ ସର୍ବସାଧାରଣଙ୍କ ପାଇଁ ସୂଚନା"

No. A-400: ହୀରାକୁଦ ଜଳଭଣ୍ଡାର ଉପର ମୁଣ୍ଡରେ ବର୍ଷା ଯୋଗୁଁ କ୍ରମାଗତ ଭାବରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏତଦ୍ୱାରା ହୀରାକୁଦ ବନ୍ଧ ତଳ ମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଆସନ୍ତା ୧୮।୦୭।୨୦୨୨ ସମୟ ସକାଳ ୧୧ଘଣ୍ଟା ସମୟରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ। ଏଥି ଯୋଗୁ ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– ମୁଖ୍ୟ ଯନ୍ତ୍ରୀ ଓ ଅବବାହିକା ପରିଚାଳକ
ମହାନଦୀ ଅବବାହିକା, ବୁର୍ଲା
OIPR-32048/11/0003/2223

GOVERNMENT OF ODISHA eerw_kpd@yahoo.com
OFFICE OF THE SUPERINTENDING ENGINEER, RURAL WORKS DIVISION, KENDRAPARA
No.O-677:
INVITATION FOR BIDS
'E' PROCUREMENT NOTICE NO.RWD/KPD- 03 / 2022-23 DT.15.07.2022

1.Name of work : Repair of Building work in the District of Kendrapara for the year 2022-23
2.Total No. of work : 02 Numbers of Building work
3.Estimated Cost : Rs.87.95 lac to Rs.99.69 lac approximately
4.Period of Completion : As Specified in the Annexure
5.Class of contractors : As Specified in the Annexure
6.Cost of tender paper : Cost of tender paper is to be remitted ONLINE or Rs.10000.00 per set
7.Detail projects : As per Annexure attached

Further details can be seen form the Govt. website **www.tendersorissa.gov.in**
Other details as follows:-

Procurement Officer	Place of Opening	Availability of tender online for bidding		Last date and time of seeking tender clarification	Date and time of opening of tender	
		From	To		Technical Bid	Financial Bid
1	2	3	4	5	6	7
Executive Enginer, Rural Works Division, Kendrapara	Office of the Superintending Engineer, Rural Works Division, Kendrapara	25.07.2022 at 11.00 A.M.	12.08.2022 upto 5.00 P.M.	Upto 5.00 P.M. on 10.08.2022	16.08.2022 at 11.00 A.M.	The date will be intimated to the technically qualified bidders later on

Sd./- Rajesh Pradhan
Executive Engineer, Rural Works Division,Kendrapara
OIPR-25064/11/0007/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1170: OSIC GST No. 21AAACO2101M1Z1

TENDER CALL NOTICE

Tender Notice No.3078/RE/OSIC Dt.18.07.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for the works** i.e. 1. a) Shifting of electrical poles for the work "Construction and maintenance of Debagaon to Birisadi road under MMSY in the District of Nabarangpur" b) Shifting of 7 nos. of electrical poles for the work "Construction of HL Bridge over local nallah 1/425 Km. on Jatabal to EKori road under BSY for the year 2021-22 in the District of Nabarangpur 3. Supply and installation of High mast light and LED Street light projects under MLA LAD 2020-21 of Kotpad A/C in the District of Koraput 4. Supply and installation of High mast light projects under MLA LAD 2021-22 of Kotpad A/C in the District of Koraput. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

OIPR-14073/11/0044/2223 Sd/-GENERAL MANAGER(O)

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017
Email: vimsarsuptd@gmail.com
No. /VIMSAR Dated, Burla the th July, 2022

TENDER CALL NOTICE

No. E-319: Sealed tenders are hereby invited by the undersigned from the reputed Manufacturer/Authorized dealers and registered firms under GST Act for supply of Patient Trolley (SS) and Ward Oxygen stand for the VIMSAR, Burla, so as to reach this Office of the Superintendent, VSS Institute of Medical Sciences & Research, Burla on or before **Dt.16.08.2022 upto 5.00 P.M.** through Regd. Post/Speed Post/Couriers only and that will be opened on 17.08.2022 at 12.30 P.M. in the next day. The tenderer may attend the office at the time of opening of the tenders. The delay in receipt of tender paper is the responsibility of the tenderer.
The detail technical specifications along with terms and conditions of this Tender Call Notice can be downloaded from Dist. website **www.sambalpur.nic.in**.
The undersigned/committee reserves the full right to accept in full or reject any or all the tenders without assigning any reasons thereof.

Sd./- Superintendent
VSS Inst. of Med. Sc. & Research, Burla
OIPR-11056/11/0012/2223

Directorate of Higher Secondary Education, Odisha
No. N-22

e-Admission into Higher Secondary Schools of the State for the session 2022-23

Online applications are invited through **SAMS** for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O).

Eligibility

Applicants must have passed the High School Certificate (HSC) Examination from the Board of Secondary Education (BSE), Odisha or its equivalent Boards.

Procedure

- Applicants shall apply online by **registering** themselves on the SAMS portal (www.samsodisha.gov.in).
- The applicants are advised to read the **Common Prospectus (CP)** carefully before filling the online **C**ommon **A**pplication **F**orm (CAF).
- Applicants must retain the print-out of Application Form and payment receipt after successful submission of the CAF for future reference.
- The **C**ommon **A**pplication **F**orm Fee must be paid through online mode only (*details available in CP*).
- All relevant documents are to be verified at the selected Higher Secondary School at the time of admission only.
- Application fees for **General Category** is **₹200/-**, for **ST & SC Category** is **₹100/-**.

N.B.: Any claim (Reservation/Weightage/Relaxation) must be supplemented with relevant documents.

Datelines of Admission Schedule

Sl#	Activities	Date Lines
1)	Availability of online Common Application Form (CAF) for Class – XI in the SAMS Portal www.samsodisha.gov.in	20-July-2022 (11:00 AM)
2)	Last date of applying online CAF through www.samsodisha.gov.in	10-Aug-2022 (11:45 PM)
3)	Publication of the **First Selection** Merit List	17-Aug-2022 (03:00 PM)
4)	Admission of the applicants selected in **First Selection**	19-Aug-2022 to 25-Aug-2022 (6:00 PM)
5)	Admission data updation and error reporting by Higher Secondary Schools in the e-Space	19-Aug-2022 to 26-Aug-2022 (6:00 PM)
6)	Online submission of **Slide-up Request** by students who have taken admission in First Selection	19-Aug-2022 to 27-Aug-2022 (6:00 PM)
7)	Publication of the **Second Selection** merit list	02-Sep-2022 (3:00 PM)
8)	Admission of the students selected in **Second Selection**	05-Sep-2022 to 07-Sep-2022 (6:00 PM)
9)	Last date for admission data updation of the student who took admission in the second selection by Higher Secondary Schools in the SAMS e-Space.	08-Sep-2022 (9:00 PM)
10)	Publication of the **Spot Selection** merit list 10 times to the balance sheet after the second merit list admission	13-Sep-2022 (2:00 PM)
11)	Last date for registration of students for spot admission in the respective Higher Secondary Schools	13-Sep-2022 (3:00 PM) to 14-Sep-2022 (5:00 PM)
12)	Publication of final merit list of **spot admission** out of the students registered at respective Higher Secondary School.	15-Sep-2022 (11:00 AM)
13)	Admission of the students selected in **Spot Selection**	15-Sep-2022 (12:00 Noon) To 16-Sep-2022 (5:00 PM)
14)	Admission data updation of the student who took admission in the spot selection by Higher Secondary Schools in the e-Space	17-Sep-2022 (6:00 PM)

For more details, please contact Sanjog Helpline (Toll Free) number 155335, 1800-345-6770, email @ sams.eadmission2022@gmail.com

Changes to the dateline (if occurs) will be notified in the newspapers & website as well.

OIPR-11024/11/0002/2223

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12526/IND-II-PH-1025 ତାରିଖ: 16.07.2022
No.CAD-1162

ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ଦ୍ରିପୁରାପୁରୀ ସାହୁ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, ଭୁବନ ତହସିଲ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ୫.୦୫୮ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ପୁରୁଷୋତ୍ତମପୁର ନଦୀ ବାଲିଘାଟ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ

୭୪୪ କିମି ତଟାଞ୍ଚଳ ଅସୁରକ୍ଷିତ

■ ଚାଷ,ବାସ ଉଜାଡୁଛି ସମୁଦ୍ର ଜୁଆର
■ ଏପ୍ରିଲରେ ସର୍ଭେ ସତ୍ତ୍ୱେ ପ୍ରଶାସନ ଚେତିଲା ନାହିଁ
■ ପ୍ରଶାସକ ଓ ଠିକାଦାରଙ୍କ ପ୍ରକଳ୍ପ ଅର୍ଥ ଭାଗ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ,୧୮।୭

ବନ୍ୟା, ବାତ୍ୟା, ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲା ଆଳିଠାରେ ତଟବନ୍ଧ ଡିଭିଜନ ପ୍ରତିଷ୍ଠା ହୋଇଛି । ଆଳି ସମେତ ରାଜକନିକା, ରାଜନଗର ଓ ମହାକାଳପଡାର ମୋଟ ୭୪୪.୪୭ କିଲୋମିଟର ତଟବନ୍ଧର ସୁରକ୍ଷା କରିବା କଥା । ଏନେଇ ଗତ ଏପ୍ରିଲରେ ମିଳିତ ପ୍ରଶାସନିକ ସର୍ଭେ ହୋଇଛି । ୨୦୨୨–୨୩ ଆର୍ଥିକ ବର୍ଷରେ ତଟବନ୍ଧର ସର୍ଭେ ରିପୋର୍ଟରେ ବିଭାଗୀୟ ଅଧିକାରୀ ସଂପୃକ୍ତ ଅଞ୍ଚଳର ବିଡିଓ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଦସ୍ତଖତ କରିଛନ୍ତି । ଏହାର ଅର୍ଥ ତଟବନ୍ଧର ଦୁର୍ବଳତା ସମ୍ପର୍କରେ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଅବଗତ ଅଛନ୍ତି । ଏହା ପରେ ବି ଗତ ୧୪ ତାରିଖ ପୂର୍ଣ୍ଣିମା ତିଥିରେ ସମୁଦ୍ର ଜୁଆର ତଟାଞ୍ଚଳରେ ବିଭିଷିକା ଖେଳାଇ ଦେଇଛି । ଜିଲାର ରାଜନଗର ବ୍ଲକ ତାଳଚୁଆଠାରୁ ରାଜନଗର ଓ ମହାକାଳପଡାର ବତୀଘର ପଞ୍ଚାୟତ ପର୍ଯ୍ୟନ୍ତ ଏହି ଜୁଆର ଚାଷ ଓ ବାସକୁ ନଷ୍ଟ କରିଛି । ଯାତାୟତ ପଥ ରୋକିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ପରି ମୌଳିକ ସମସ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ରହିଛନ୍ତି । ଧନଜୀବନରେ ଅସୁରକ୍ଷିତ ଥିବା ତଟାଞ୍ଚଳବାସୀ ଗତ ୧୮ ବର୍ଷ ଧରି ଚାଲିଥିବା ଏହି କାର୍ଯ୍ୟାଳୟରେ ପ୍ରକଳ୍ପ ଅର୍ଥକୁ ପ୍ରଶାସନିକ ଅଧିକାରୀ ଓ ଠିକାଦାର ଭାଗବଣ୍ଟା କରିଛନ୍ତି ବୋଲି ମତ ଦେଇଛନ୍ତି ।

ରାଜନଗରର ବସନ୍ତ କୁମାର ହାତୀ, ଆଳିର ବ୍ରଜ ସୁନ୍ଦର ଭୂୟାଁ, ମହାକାଳପଡ଼ାର ସୁନିଲ କୁମାର ଗନ୍ତାୟତ, ପରିବେଶବିତ୍ ହେମନ୍ତ କୁମାର ରାଉତ, ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ଏହି ଡିଭିଜନ ୨୦୦୪ ଅକ୍ଟୋବରରୁ କାର୍ଯ୍ୟକାରୀ ହେଉଛି । ଏହା ଅଧୀନରେ ଆଳି ସବ୍‌ଡିଭିଜନର ୧୧୧.୫୩ କିମି, ମହାକାଳପଡାର ୨୩୭.୬୨ କିମି, ରାଜନଗରର ୩୦୨.୧୨ କିମି. ଓ ରାଜକନିକା ସବ୍‌ଡିଭିଜନର ୯୩.୨୦ କିମି. ତଟବନ୍ଧ ଅଛି । ବନ୍ୟା, ବାତ୍ୟାରେ ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା କ୍ଷୟକ୍ଷତିକୁ ରୋକିବା ପାଇଁ ମିଳିତ ପ୍ରଶାସନିକ ଅଧିକାରୀ ସର୍ଭେ କରିଛନ୍ତି । ତେବେ ମହାକାଳପଡା ସବ୍‌ଡିଭିଜନର ଜମ୍ବୁ ଲୁଣା ଘେରି, ବତୀଘର ଘେରି, ରାଜନଗର ସବ୍‌ଡିଭିଜନ ଅନ୍ତର୍ଗତ ଗଜରିଆ ତଟବନ୍ଧ, ଉତିକଣ ଲୁଣା ଘେରି, କେରଡାଗଡ, ପଦନୀ ପଦ୍ମନାଭପୁର, ଗୋପାଳପୁର, ରାଜଗଡ, ଗଦାଧରପୁର, ବାରଗାଁ ଆଦି ଘେରିବନ୍ଧକୁ ଟପି କ୍ଷେତ ଓ ନିକଟସ୍ଥ ଗ୍ରାମକୁ ପଶିଛି । ଏହି ସବ୍‌ଡିଭିଜନ ଅନ୍ତର୍ଗତ ପେଣ୍ଡ ଜିଓ ଟ୍ୟୁବୱାଲକୁ ସମୁଦ୍ର ଜୁଆର ନଷ୍ଟ କରିବାକୁ ଆଶଙ୍କା ଥିବା ବେଳେ ୪୦୦ ମିଟର ପର୍ଯ୍ୟନ୍ତ ତଟବନ୍ଧରେ ସମୁଦ୍ର ଛୁଇଁଛି । ସେହିପରି ଜୁଆର ପ୍ରଭାବିତ ବ୍ରାହ୍ମଣୀ, ଖରସ୍ରୋତା, ଗୋବରୀ, ହଂସୁଆ ଆଦି ନଦୀ ବନ୍ଧ ଏକ ପ୍ରକାର ଅସୁରକ୍ଷିତ ହୋଇଛି । ଗତ ପୂର୍ଣ୍ଣିମା ଜୁଆର ପାଞ୍ଚଶାଳା ନଦୀକୁ ଉଛୁଳାଇ ଦେଇଥିଲା । ଏହି ଜୁଆର ପାଣି ରାଜନଗର ବ୍ଲକ ରଙ୍ଗଣୀର ପଟ୍ଟାପାରିଆ, ଭେଲ୍ଲା ମୌଜାକୁ ମାଡି ଯାଇଥିଲା । ସେହିପରି ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତର ପାଞ୍ଚଗୋଛିଆ ବାଟ ଦେଇ କ୍ଷେତ ଜମିକୁ ମାଡି ଯାଇଥିବା ସହିତ ନିକଟସ୍ଥ ଗ୍ରାମରେ କେତେଜଣଙ୍କ ଘରକୁ ଏହି ଜଳ ପ୍ରବେଶ କରିଛି । ବତୀଘର ଅଞ୍ଚଳର ବଡଚୁବି, ସାନଚୁବି, ମହାନଦୀ ସଂଲଗ୍ନ ଆଖଡାଶାଳି ଆଦି ଅଞ୍ଚଳରେ ଜୁଆର ମାଡି ଯାଇଛି । ଅଧିକାଂଶ ତଟାଞ୍ଚଳରେ ବନ୍ଧ ଆଦୌ ନିର୍ମାଣ କରାଯାଇନାହିଁ । ଏଠାରେ ମୌଳିକ ସୁବିଧା ବାଧାପ୍ରାପ୍ତ ହୋଇଛି । ସର୍ଭେ ସମୟରେ ଏହି ଦୁର୍ବଳତା ସତ୍ତ୍ୱେ ପ୍ରକଳ୍ପକୁ ଠିକ ଭାବେ କାର୍ଯ୍ୟକାରୀ ନ କରିବା, ପୂର୍ବ ପ୍ରକଳ୍ପରେ ଆସିଥିବା ଅର୍ଥକୁ ପ୍ରଶାସନିକ ଅଧିକାରୀ ଓ ଠିକାଦାର ଭାଗବଣ୍ଟା କରି ନେଇଥିବା ଏହାଠାରୁ ଅଧିକ ଉଦାହରଣ କଣ ହୋଇ ଥାଇପାରେ ବୋଲି କହି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

ଏସମ୍ପର୍କରେ ଡିଭିଜନର ଭାରପ୍ରାପ୍ତ ଏସ୍‌ଇ ତଥା ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, ବିଶ୍ୱତାପନ ଫଳରେ ପରିବେଶ ବିଗିଡିଛି । ତଟବନ୍ଧର ବହୁ ସ୍ଥାନ ଏବେ ସମୁଦ୍ର ଜୁଆରଠାରୁ ମାତ୍ର ୧ ମିଟର ଉଚ୍ଚରେ ଅଛି । ପ୍ରସ୍ତାବିତ ୪ ମିଟରରୁ ୬ ମିଟର ଉଚ୍ଚା ତଟବନ୍ଧ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରୁ ଏହି ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ।

ଅସୁରକ୍ଷିତ ଅବସ୍ଥାରେ ଥିବା ତଟାଞ୍ଚଳ ।

ସଂକ୍ଷେପରେ

ପୋଲ ଉପରୁ ଡେଇଁ ଯୁବକ ମୃତ

ଯୋଡ଼ା,୧୮।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଓଭରବ୍ରିଜ(ପୋଲ) ଉପରୁ ଡେଇଁ ସୋମବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଯୁବକ ହେଲେ ଅନିଲ ପାତ୍ର। ତାଙ୍କ ଘର ବଡ଼ବିଲ ଥାନା ଭଦ୍ରାସାହି ନିକଟସ୍ଥ ଝାଡ଼ଗାଁ ଅଞ୍ଚଳରେ। ପୋଲିସ ସୂଚନା ଅନୁଯାୟୀ, ଅନିଲ ୫୨୦ନଂ ଜାତୀୟ ରାଜପଥର ବିଲେଇପଦା ଓଭରବ୍ରିଜ ଉପରୁ ଅକସ୍ମାତ ଡେଇଁ ପଡ଼ିଥିଲେ। ତେବେ ଅଗ୍ନିଶମ ବାହିନୀ ସେଠାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆତ୍ମହତ୍ୟା ର କାରଣ ଅସ୍ପଷ୍ଟ ଥିଲେ ହେଁ ପ୍ରେମଜନିତ କାରଣରୁ ଅନିଲ ଏଭଳି ପଦକ୍ଷେପ ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯୋଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ଆନନ୍ଦ ଚନ୍ଦ୍ର କବିତାରେ ବିପ୍ଳବ ସୃଷ୍ଟି କରୁଥିଲେ

କେନ୍ଦ୍ରାପଡ଼ା ଅଫିସ, ୧୮।୭: ସହରର କୋର୍ଟ ଛକ ପରିସରରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୩୮ତମ ଜୟନ୍ତୀ ରବିବାର ପାଳନ କରାଯାଇଛି । ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ଜିଲାର ବହୁ ଗଣମାନ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ କହିଥିଲେ, କବି ଆନନ୍ଦ ଚନ୍ଦ୍ର ନିଜ କବିତା ମାଧ୍ୟମରେ ବିପ୍ଳବ ସୃଷ୍ଟି କରୁଥିଲେ । ଦୁଃଖୀନୀ କନିକା କବିତା ମାଧ୍ୟମରେ କନିକା ରାଜାଙ୍କ ୬୪ କର ବିରୋଧରେ କବି ସ୍ୱର ଉତ୍ତୋଳନ କରିଥିଲେ । ଏଥିସହିତ ବଙ୍ଗଭଙ୍ଗ ସମୟରେ ସକ୍ରୀୟ ଅଂଶ ଗ୍ରହଣ କରିବା, ସାବରମତୀ ଆଶ୍ରମରେ ପ୍ରଥମ ଓଡ଼ିଆ ଛାତ୍ର ଭାବେ ରହିବା ଆଦି ସହିତ ଦେଶ ସ୍ୱାଧୀନତାକୁ ମୂଳମନ୍ତ୍ର କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳୀ ସେଠୀ, ଅତିରିକ୍ତ ଜିଲା ଜଜ୍ ତ୍ରୀବିକ୍ରମ କେଶରୀ ଟିନରା, ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣା, ଡିଏସ୍‌ପି କାର୍ତ୍ତିକ ଚରଣ ମଲ୍ଲିକ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ଡ. ବାସୁଦେବ ଦାସ, କବି ଶୁଭ୍ରାଂଶୁ ଦାସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଇନଜୀବୀ ସଞ୍ଜୟ କୁମାର ଜେନା, ଧିରେନ୍ଦ୍ର କୁମାର ଦାଶ, ଶେଷଦେବ ଦାସ, ପ୍ରଦୀପ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ ।

ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

ମାର୍ଶାଘାଇ,୧୮।୭(ଡି.ଏନ.ଏ.)

ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ମାର୍ଶାଘାଇରେ ନିର୍ମାଣ ହେବ । ଏଥିପାଇଁ ପ୍ରସ୍ତାବିତ ସ୍ଥାନକୁ ଜବରଦଖଲ ମୁକ୍ତ ପାଇଁ ସୋମବାର ପ୍ରଶାସନ ତରଫରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଶାସନ ତରଫରୁ ଦିଆଯାଇଥିବା ସମୟସୀମା ଅତିକ୍ରାନ୍ତ ପରେ ପ୍ରଥମେ ୧୪ତାରିଖରେ ଜବରଦଖଲକାରୀଙ୍କୁ ମାର୍ଶାଘାଇ ପୋଲିସ ସ୍ଥାନ ଖାଲି କରିବାକୁ କହିଥିଲା । ହେଲେ ଜବରଦଖଲକାରୀମାନେ ସେଥିପ୍ରତି ଧ୍ୟାନ ନ ଦେବାରୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ଜବରଦଖଲ ଉଚ୍ଛେଦ ସମୟରେ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ମାର୍ଶାଘାଇ ତହସିଲଦାର ଉମାଶଙ୍କର ବେହେରା,ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା,ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ବିଶ୍ୱାଳ,ଅଶୋକ କୁମାର ବେହେରା,ଥାନା ସବ୍‌ଇନ୍ସପେକ୍ଟର କୌଶରିକା ରାଉତରାୟ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ଲୋକମାନେ ନିଜେ ନିଜ ସାମଗ୍ରୀ ଉଠାଇନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରଶାସନିକ ଅଧିକାରୀମାନେ ସାମାନ୍ୟ ମହଲତ ଦେଇଥିଲେ ।

ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଯୌତୁକ ପାଇଁ ସ୍ତ୍ରୀ ହତ୍ୟା ମାମଲା

କେନ୍ଦ୍ରାପଡ଼ା ଅଫିସ,୧୮।୭

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା କଳାବୁଦା ଗ୍ରାମରେ ୨୦୧୨ରେ ଘଟିଥିବା ଏକ ଯୌତୁକଜନିତ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ଏହି ମାମଲା (ପିଏସ୍ କେସ୍ ନଂ.୩୯)ର ବିଚାର କରି ଜିଲା ଦୌରାଜଜ୍ ଗୋପାଳ ଚରଣ ବେହେରା ସରୋଜ ଦାସ ଓ ଝୁଲଣା ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ହେଲେ ସ୍ତ୍ରୀ ହତ୍ୟାକାରୀ ବ୍ରଜ କିଶୋର ଦାସଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ୨୦୧୨ ଫେବୃୟାରୀ ୨୫ରେ ରଞ୍ଜିତାଙ୍କୁ ତାଙ୍କ ସ୍ୱାମୀ ବ୍ରଜଙ୍କ ସମେତ ପରିବାର ସଦସ୍ୟମାନେ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପତ୍ରରେ ଉଲ୍ଲେଖ ଥିବା ରଙ୍ଗିନ ଟିଭି ଓ ୧୦ ହଜାର ଟଙ୍କା ଦାବି ପ୍ରମାଣିତ ହୋଇଛି । ତେବେ ରଞ୍ଜିତାଙ୍କୁ ମାରିବା ସମୟରେ ପରିବାର ସଦସ୍ୟ ସରୋଜ ଓ ଝୁଲଣାଙ୍କ ସମ୍ପୃକ୍ତି ନେଇ କୌଣସି ପ୍ରମାଣ ନ ମିଳିବାରୁ ଜିଲା ଦୌରାଜଜ୍ ବେହେରା ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ପିପି ବେହେରା କହିଛନ୍ତି ।

ପଲ୍ଲୀରେ ପ୍ରଶାସନ, ୭୮୮ ଜଣଙ୍କୁ ସହାୟତା

ମାର୍ଶାଘାଇ,୧୮।୭(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଗଣା ସ୍ୱାସ୍ଥ୍ୟ ଶିବିର,ମାଗଣା ପ୍ରାଣୀ ଚିକିତ୍ସା ଶିବିର, ଆଧାର ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ଅଣ ସଙ୍ଗଠିତ ଶ୍ରମିକ ପଞ୍ଜୀକରଣ,ଏସ୍‌ଏଚ୍‌ଜିମାନଙ୍କ ପାଇଁ ବୀମା, ରଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ–ପାଉତି, ଛାତ୍ରୀଛାତ୍ରମାନଙ୍କ ପାଇଁ ଜାତି ପ୍ରମାଣ ପତ୍ର, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣ, ବଳରାମ ଯୋଜନା ପାଇଁ ଆବେଦନ ଓ ପରାମର୍ଶର ସୁବିଧା ଉପଲବ୍ଧ ହେଉଛି। ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ୭୮୮ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେଇଥିଲେ। ଏହି ଅବସରରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଏକ ସଚେତନତା ସଭା ସରପଞ୍ଚ ଅଶାନ୍ତି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଉମାଶଙ୍କର ବେହେରାଙ୍କ ସମେତ ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ,ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା,ବ୍ଲକ ପଞ୍ଚାୟତ ଅଧିକାରୀ ନିରଞ୍ଜନ ଦାସ,ଆଖୁଆଦକ୍ଷିଣି ପ୍ରାଥମିକ କୃଷି ସମବାୟ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ,ଡାକ୍ତର ସାଗରିକା ମହାପାତ୍ର,ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ମାର୍ଶାଘାଇ ବ୍ଲକ ଉଦ୍ୟାନ ଅଧିକାରୀ ଶରତ ବେହେରା,ବ୍ଲକ ଜୀବିକା ମିଶନ ସଂଜ୍ଞା ସାଗରିକା ପଣ୍ଡା,ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ମମତାମୟୀ ସିଂ, ଯୁବନେତା ସଞ୍ଜୟ ବେହେରା ଉପସ୍ଥିତ ଥିଲେ।

ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଡେରାବିଶରେ ଜିଲାସ୍ତରୀୟ ଜନଶୁଣାଣି

■ ମହିଳା ଶିଶୁବିକାଶ ଅଧିକାରୀଙ୍କ ବିରୋଧରେ ଅଭିଯୋଗ
■ ୧୩୩ ଅଭିଯୋଗପତ୍ର ଦାଖଲ

ଡେରାବିଶ,୧୮।୭(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଜନଶୁଣାଣୀ ଶିବିର ସୋମବାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଜିଲାପାଳ ଅମୃତ ଋତୁରାଜ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ । ଏସ୍‌ପି ମଦକର ସନ୍ଦୀପ ସମ୍ପଦ, ଜିଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ବିଡ଼ିଓ ନମିତା ବାରିକ ପ୍ରମୁଖ ଶିବିରରେ ଉପସ୍ଥିତ ରହି ୧୩୩ ଅଭିଯୋଗର ଶୁଣାଣୀ କରିଥିଲେ । ସେଥିମଧ୍ୟରୁ ୧୧୨ ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୨୧ ଅଭିଯୋଗ ସାମୁହିକ ଥିଲା ।

ଶିବିରରେ ବ୍ଲକ ଅଧୀନ ଗୁଆଳସିଂ ପଞ୍ଚାୟତ ଉଦୟନଗରଠାରେ ଥିବା ଜିଲା ସଂସ୍କୃତି ଭବନକୁ ଯାଇଥିବା ରାସ୍ତାର ଉନ୍ନତିକରଣ ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଏହି ରାସ୍ତାଟି ଉଦୟନଗର ଗ୍ରାମବାସୀଙ୍କ ଚଲାରାସ୍ତା ହୋଇଥିବାରୁ ସଂସ୍କୃତିଭବନକୁ ଅନ୍ୟପଟେ ରାସ୍ତା କରିବା ପାଇଁ ଦାବି କରାଯାଇଥିଲା । ତେବେ ସଂସ୍କୃତି ଭବନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ପୂର୍ବରୁ ଥିବା ଏହି ରାସ୍ତାକୁ ପୁନରୁଦ୍ଧାରକରିବା ପାଇଁ ଜିଲାପାଳ ଉପସ୍ଥିତ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଛତିଶୋ ଗ୍ରାମରେ ସେଟେଲମେଣ୍ଟ କାମ ସରି ନ ଥିବାରୁ ଚାଷୀମାନେ ନିଜ ଜମିର ପଟ୍ଟା ପାଇ ନ ନାହାନ୍ତି । ଫଳରେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରୟ ପାଇଁ ସମବାୟ ସମିତିରୁ ବଞ୍ଚିତ ହୋଇଛନ୍ତି ବୋଲି ସମିତିର ସଭାପତି ଖୁର୍ସିଦ୍ ଆଲମ୍ ଖାଁ ଓ ଅନ୍ୟମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ବ୍ଲକ ମହିଳା ଶିଶୁ ସମ୍ବିତ ବିକାଶ ବିଭାଗ ଅଧୀନରେ ୩୨୪ ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀଙ୍କ ଆକାଉଣ୍ଟକୁ ଖେଳଣା କିଟ୍ ବାବଦରେ ୨୫୦୦ ଓ ଔଷଧ କିଟ୍ ବାବଦରେ ୧୫୦୦ ଟଙ୍କା ଆସିଛି । ଏହି ଟଙ୍କାରେ କର୍ମୀମାନେ କିଟ୍ କିଣିବା ପାଇଁ ନିର୍ଦ୍ଦେଶନାମା ଥିବା ବେଳେ ସିଡ଼ିପିଓ ସ୍ନେହଲତା ସାହୁ ଭେଣ୍ଡର ମାଧ୍ୟମରେ ପ୍ରତ୍ୟେକ କେନ୍ଦ୍ରକୁ ୧୦୦୦ ଟଙ୍କାର ଖେଳଣା କିଟ୍ ଦେଇ ୨୦୦୦ଟଙ୍କାର ଭାଉଚର ଓ ୫୦୦ ଟଙ୍କାର ଔଷଧ କିଟ୍ ଦେଇ ୧୫୦୦ ଟଙ୍କାର ଭାଉଚର ସମ୍ପୃକ୍ତ ଭେଣ୍ଡର କର୍ମୀମାନଙ୍କୁ ପ୍ରଦାନ କରିଥିବା ନେଇ ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘର ସଭାନେତ୍ରୀ ବଉଳ ସେଠୀ ଓ ଅନ୍ୟ କେତେକ କର୍ମୀମାନେ ଜିଲାପାଳଙ୍କ ନିକଟରେ ଏକ ଗୁରୁତର ଅଭିଯୋଗ ଆଣିଥିଲେ ।

ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ।

ଗର୍ଭାଶୟରୁ ବାହାରିଲା ୩.୭ କେଜି ଟ୍ୟୁମର

କେନ୍ଦ୍ରାପଡ଼ା ଅଫିସ,୧୮।୭: କେନ୍ଦ୍ରାପଡ଼ା ସହର କେଶପୁରସ୍ଥିତ ଏକ ନର୍ସିଂହୋମରେ ଅପରେଶନ ହୋଇଥିବା ଜଣେ ମହିଳାଙ୍କ ଗର୍ଭାଶୟରୁ ୩ କେଜି ୭ଗ୍ରାମର ଏକ ଟ୍ୟୁମର ସୋମବାର ବାହାର କରାଯାଇଛି । ସମ୍ପୃକ୍ତ ମହିଳା ଜଣକ ହେଲେ ଅଯୋଦ୍ଧାନଗରର ବାସିନ୍ଦା ନିରଞ୍ଜନ ମଲ୍ଲିକଙ୍କ ସ୍ତ୍ରୀ ଶୁକ୍ଳା । ସେ ଦୀର୍ଘଦିନ ହେବ ପେଟ ଯନ୍ତ୍ରଣା ଯୋଗୁ କଷ୍ଟ ପାଉଥିଲେ । ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଡାକ୍ତରଙ୍କ ସହିତ ତାଙ୍କ ପରିବାର ଲୋକେ ପରାମର୍ଶ କରି ପାରୁ ନ ଥିଲେ। ତେବେ ସୋମବାର ସକାଳେ ଯନ୍ତ୍ରଣା ଅଧିକ ହେବାରୁ ତାଙ୍କୁ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା । ଡା. ଦେବପ୍ରସାଦ ସାହ

ସଂକ୍ଷେପରେ

କୁଆଁରିଆ ଜଳଭଣ୍ଡାରର ଗୋଟିଏ ଗେଟ୍ ବନ୍ଦ

ଦଶପଲ୍ଲା,୧୮।୭(ଡି.ଏନ.ଏ.): ଲଗାଣ ବର୍ଷା ଯୋଗୁ କୁଆଁରିଆ ଜଳ ଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଥିଲା । ଏଥିପାଇଁ ରବିବାର ୩ ଗେଟ୍ ଖୋଲା ଯାଇ ଜଳ ନିଷ୍କାସନ କରାଯାଉଥିଲା । ସୋମବାର ଜଳସ୍ତର କମିଛି । ବର୍ଷା ହେଉ ନ ଥିବାରୁ ଉପରମୁଣ୍ଡରୁ ଡ୍ୟାମକୁ ଜଳ ପ୍ରବେଶ ହ୍ରାସ ପାଇଛି । ସେଥିପାଇଁ ୩ଟି ଗେଟ୍‌ରୁ ଗୋଟିଏ ଗେଟ୍‌କୁ ବନ୍ଦ କରାଯାଇଛି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି ।

ଆଶ୍ରମ ବିଦ୍ୟାଳୟରେ ଜିଲାପାଳ

ସ୍କୁଲ ଛାତ୍ରୀଛାତ୍ରଙ୍କ ଗହଣରେ ଜିଲାପାଳ ।

ଦଶପଲ୍ଲା,୧୮।୭(ଡି.ଏନ.ଏ.): ସୋମବାର ନୟାଗଡ଼ ଜିଲାପାଳ ଡ.ପୋମା ଟୁଡୁ ଦଶପଲ୍ଲା ବ୍ଲକ୍ ଅଧୀନ ଟାକେରାରେ ଥିବା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସେଠାରେ ସେ ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ନୂତନ ଭୋଜନାଳୟ କକ୍ଷର ଆବଶ୍ୟକତା ଥିବାରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ବ୍ୟୟ ଅଟକଳ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

କାର୍ଯ୍ୟରେ ଯୋଗଦେଲେ ନୂଆ ଜେଏମ୍‌ଏଫ୍‌ସି

ଛତ୍ରପୁର,୧୮।୭(ଡି.ଏନ.ଏ.): ଛତ୍ରପୁର ସିଭିଲ କୋର୍ଟରେ ନୂତନ ଜେଏମ୍‌ଏଫସି ଭାବେ ଜୁଏଲ ପଟ୍ଟନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ କାର୍ଯ୍ୟରତ ଜେଏମ୍‌ଏଫସି ପ୍ରଜ୍ଞା ପାରମିତା ପ୍ରତିହାରୀଙ୍କର ଗତ ୧୬ତାରିଖରେ ବ୍ରହ୍ମପୁର କୋର୍ଟକୁ ଏସଡ଼ିଜେଏମ୍ ଭାବେ ପଦୋନ୍ନତି ସହ ବଦଳି ହୋଇଥିବାବାରୁ ତାଙ୍କ ସ୍ଥାନ ଖାଲି ରହିଥିଲା । ସେହି ସ୍ଥାନରେ ନୂତନ ଜେଏମଏଫସି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଯାଜପୁର କୋର୍ଟରେ କନିଷ୍ଠ ଦେୱାନୀ ବିଚାରପତି ଭାବେ କାର୍ଯ୍ୟ କରୁଥିଲେ । ଛତ୍ରପୁରରେ ଦାୟିତ୍ୱ ଗ୍ରହଣ ପରେ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ଏପିପି କୃଷ୍ଣଚନ୍ଦ୍ର ବେହେରା, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢ଼ୀ ଓ ଅନ୍ୟ ଆଇନଜୀବୀମାନେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।

'ଜିଏସ୍‌ଟି ବୋଝ ଅସହ୍ୟ ହେଲାଣି'

ସୋମବାର ଅର୍ଥାତ୍ ଜୁଲାଇ ୧୮ରୁ ପରିବର୍ତ୍ତିତ ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ଲାଗୁ କରାଯାଇଛି । ଏଥିରୁ ଚୁଡ଼ା, ମୁଢ଼ି, ଅଟା, ଖଇ, ଉଖୁଡ଼ା, ଘିଅ, ଲହୁଣି ବି ବାଦ୍ ପଡିନାହିଁ । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସାଧାରଣ ମହିଳାଙ୍କଠାରୁ ଆରମ୍ଭ କରି କର୍ମଜୀବୀ, ଖଟିଖିଆମାନେ ଏହି ବ୍ୟବସ୍ଥାକୁ ବିରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କ ଭାବାବେଗକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।

ଭୋଟର ଖୁସି ନୁହନ୍ତି

ଅଟା, ସୁଜି, ମଇଦାରେ ଟିକସ ଦେଉଥିଲୁ । ଏବେ ଚୁଡ଼ା, ମୁଢ଼ି, ଖଇ ଉପରେ ଟିକସ ଲଦି ଦେବା ଠିକ୍ ନୁହେଁ । ବିରୋଧ ନ ଥିବାରୁ କେନ୍ଦ୍ର ସରକାର ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ସାମଗ୍ରୀ ଉପରେ ଟିକସ ଲଦିବା ଆରମ୍ଭ କରିଛନ୍ତି । ପରିବାରର ରୋଜଗାରକୁ ସରକାର ଗୁରୁତ୍ୱ ଦେଉ ନାହାନ୍ତି । ଟିକସ ନେବାକୁ ସରକାର ଯେପରି ଗୁରୁତ୍ୱ ଦେଉଛନ୍ତି ଜୀବନଧାରଣ ମାନ ଉନ୍ନତି ପାଇଁ କାହିଁକି ଗୁରୁତ୍ୱ ଦେଉନାହାନ୍ତି । ଟିକସ ବିରୋଧରେ ଆନ୍ଦୋଳନ କରିବାର ସମୟ ଆସିଛି । ସରକାର ସାଧାରଣ ଲୋକଙ୍କଠାରୁ ଦିନ ଦ୍ୱିପ୍ରହରରେ ଲୁଟ କଲା ପରି ଲାଗୁଛି । ଏହା ସମସ୍ତ ଭୋଟରଙ୍କୁ ବାଧୁଛି ।

–ଲକ୍ଷ୍ମୀପ୍ରିୟା ପରିଡ଼ା, ବାଲୁଗାଁ, ନୟାଗଡ଼

ବଞ୍ଚିବା କଷ୍ଟକର

ପରିବର୍ତ୍ତିତ ଜିଏସ୍‌ଟି ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ଅସଲି ମୁଖା ଖୋଲି ଦେଇଛି । ଆଉ କିଛିଦିନ ପରେ ବସ୍‌ଷ୍ଟାଣ୍ଡରେ ଛିଡା ହେବା , ଶବ ଦାହ କରିବା, ମନ୍ଦିରରେ ପୂଜା , ବିବାହ ଶୋଭାଯାତ୍ରା ଉପରେ ସରକାର ଟିକସ ଆଦାୟ କରିପାରନ୍ତି । ସରକାରଙ୍କ ଏଭଳି ଚିନ୍ତାଧାରାକୁ ନେଇ ଆମ ରାଜ୍ୟରେ ପ୍ରତିବାଦ ଓ ଆନ୍ଦୋଳନ ଖୁବ୍‌ଶୀଘ୍ର ଆରମ୍ଭ ହେବା ଉଚିତ । ଟିକସ ବୃଦ୍ଧି ପରେ ମୋ ପରି ଅନେକ ଗୃହିଣୀଙ୍କ ପାଇଁ ଘର ଚଳାଇବା ମୁସ୍କିଲ ହୋଇ ପଡିଲାଣି ।

ଗ୍ରାହକ ପ୍ରଭାବିତ ହେବେ

ଚୁଡ଼ା, ମୁଢ଼ି, ଖଇ ପରି ସାଧାରଣ ଖାଦ୍ୟସାମଗ୍ରୀ ଉପରେ ଲାଗିଥିବା ୫ ପ୍ରତିଶତ ଜିଏସ୍‌ଟିର ବୋଝ ଗ୍ରାହକଙ୍କ ଉପରେ ପଡିବ । ଏଥିରେ ବ୍ୟବସାୟୀମାନେ ପ୍ରଭାବିତ ହେବେ ନାହିଁ । ସେମାନେ ନିଜର ଲାଭ ରଖି ଖାଉଟିଙ୍କୁ ସେହି ସାମଗ୍ରୀ ବିକ୍ରି କରିବେ । ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ହେଉ ଖାଉଟିମାନେ ହିଁ ଏଥିପାଇଁ ଟିକସ ଦେବେ । ଏଣୁ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ପୁନର୍ବିଚାର କରି ଟିକସ ପ୍ରତ୍ୟାହାର କରନ୍ତୁ । ନଚେତ ଆସନ୍ତା ନିର୍ବାଚନରେ ଏହାର ପ୍ରଭାବ ପଡିବ । ଭୋଟର ଠିକ୍ ସମୟରେ ଏହାର ଜବାବ ଦେବେ ।

–ଆରତି ବେହେରା, ପଦ୍ମାବତୀ, ଭାପୁର

ଲୋକାଭିମୁଖୀ ନୁହେଁ

ସରକାର ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦର ବଢ଼ାଇ ଚାଲିଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ରୋକିବାରେ ସଫଳ ହେଉନାହାନ୍ତି । ଏପଟେ ରୋଜଗାର ନ ଥିବାବେଳେ ଗୋଟିଏ ପରେ ଗୋଟିଏ ଖାଦ୍ୟ ସାମଗ୍ରୀ ଉପରେ ଟିକସ ଲଦି ଚାଲିଛନ୍ତି । ଘରୁ ପଦାକୁ ବାହାରିଲେ ସବୁ ସାମଗ୍ରୀ ଉପରେ ଟିକସ ଦେଇ ଭାରି ବାଧ୍‌ଲାଣି । ଏଣୁ ସବୁଥିରେ ଜିଏସ୍‌ଟି ଲାଗୁ କରା ନ ଯାଉ । ସରକାରଙ୍କ ପଦକ୍ଷେପ ଲୋକାଭିମୁଖୀ ନୁହେଁ ।

–ସୁବାସିନୀ ଜେନା, ଜଗନ୍ନାଥ ପ୍ରସାଦ, ଖଣ୍ଡପଡ଼ା

ଆନ୍ଦୋଳନ ପାଇଁ ପ୍ରସ୍ତୁତି

ଚୁଡ଼ା, ମୁଢ଼ି, ଖଇ, ଘିଅ, ଲହୁଣି ଉପରେ ଟିକସ ଆଦାୟ ଘଟଣା ବିଧାନସଭାରେ ଉଠିଛି । ଏହି ଘଟଣାକୁ ନେଇ ଗୃହ ମୁଲତବୀ ହୋଇଛି । ତେବେ ଦଳମତ ନିର୍ବିଶେଷରେ ଏପରି ଟିକସକୁ ବିରୋଧ କରାଯିବା ଦରକାର । ବିଧାନସଭାରେ ଏହି ଟିକସକୁ ବିରୋଧ କରାଯିବା ଘଟଣା ଗାଁ ଗଣ୍ଡାରେ ପହଞ୍ଚିଛି । ସାଧାରଣ ଲୋକ ଏପରି ଟିକସକୁ ବିରୋଧ କରୁଛନ୍ତି । ଏନେଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି । ସରକାର ପ୍ରଥମରୁ ଏହି ଟିକସକୁ ପ୍ରତ୍ୟାହାର କରିବା ଦରକାର ।

–ପୂର୍ଣ୍ଣିମା ମହାପାତ୍ର, ରଣପୁର

ଉପସ୍ଥାପନା– ଲୋକନାଥ ମିଶ୍ର

ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ଦିଗପହଣ୍ଡି,୧୮।୭ (ଡି.ଏନ୍.ଏ.)

ପାଟପୁର ଥାନା ଗୌତମୀ ପଞ୍ଚାୟତ ଏସ୍.ଆମ୍ବଠା ଗ୍ରାମରେ ରବିବାର ଜଣେ ନବବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି । ସେ ହେଲେ ଏସ. ସନ୍ତୋଷିନୀ ନାୟକ । ସନ୍ତୋଷିନୀଙ୍କ ସ୍ୱାମୀ ତାଙ୍କୁ ମାରିଦେଇଥିବା ନେଇ ମୃତକଙ୍କ ମା' ଶକୁନ୍ତଳା ନାୟକ ସୋମବାର ପାଟପୁର ଥାନାରେ ଏତଲା ଦେଇଛନ୍ତି । ପୋଲିସ ନଂ.୨୩୪/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖିଛି । ବର୍ଷକ ପୂର୍ବେ ହିଞ୍ଜିଳି ଥାନା ଦୂର୍ବନ୍ଧ ଗ୍ରାମର କୋରା ନାୟକଙ୍କ ଝିଅ ସନ୍ତୋଷିନୀ ଏସ. ଆମ୍ବଠା ଗ୍ରାମରେ ବିବାହ କରିଥିଲେ । ବିବାହ ସମୟରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା । ଗତ କିଛି ମାସ ହେବ ଶାଶୁଘର ଲୋକେ ସନ୍ତୋଷିନୀଙ୍କୁ ଅଧିକା ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାରପିଟ କରି ଆସୁଥିଲେ । ରବିବାର ରାତିରେ ଶକୁନ୍ତଳା ଖବରପାଇ ଏସ୍. ଆମ୍ବଠା ଗ୍ରାମରେ ପହଞ୍ଚିବା ବେଳକୁ ଝିଅ ସନ୍ତୋଷିନୀର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଝିଅଙ୍କୁ ତାର ସ୍ୱାମୀ ଓ ଶ୍ୱଶୁରଘର ଲୋକେ ହତ୍ୟା କରିଥିବା ନେଇ ପାଟପୁର ଥାନାରେ ସେ ଅଭିଯୋଗ କରିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଲଡୁବାବାଙ୍କ ପୀଠରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କ ଲମ୍ବା ଧାଡ଼ି ।

ଜଳଲାଗି କଲେ ୫ହଜାର କାଉଡ଼ିଆ

ନୟାଗଡ଼ ଅଫିସ,୧୮।୭

ଶ୍ରାବଣ ମାସର ପ୍ରଥମ ସୋମବାର । ଓଡିଶାର ପ୍ରସିଦ୍ଧ ଶୈବପୀଠ ଶରଣକୂଳର ଲଡୁବାବାଙ୍କ ପୀଠରେ ଜଳଲାଗି କରିଛନ୍ତି ୫ ହଜାର କାଉଡିଆ । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କାଉଡ଼ିଆମାନେ ଭୋରରୁ ପହଞ୍ଚିବା ପରେ ଜଣଙ୍କ ପରେ ଜଣେ ଜଳଲାଗି କରିଥିଲେ । ନୟାଗଡ଼ ଜିଲାରେ ୩୫୬ ଶିବ ମନ୍ଦିର ରହିଥିବାବେଳେ ୧୨ ଶମ୍ଭୁ ରହିଛନ୍ତି । ଏହି ୧୨ ଶମ୍ଭୁ ହେଲେ ବଡପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖପୁରର ନୀଳ କଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଖୋଲାର ଫୁଲେଶ୍ୱର, ଯଦୁପୁରର ସିଙ୍ଗେଶ୍ୱର, ରାବେରାର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତିକେଶ୍ୱର, ମାଳିସାହିର ଗଡେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୂଳର ଲଡୁବାବାଙ୍କ ପୀଠରେ ପ୍ରଥମ ସୋମବାର କାଉଡିଆ ମାନଙ୍କର ଭିଡ ଲାଗି ରହିଥିଲା ।

ଏନ୍‌ଏସି ହାଇସ୍କୁଲର ପ୍ରତିଷ୍ଠା ଦିବସ

ନୟାଗଡ଼ ଅଫିସ,୧୮।୭

ନୟାଗଡ଼ ଏନଏସି ହାଇସ୍କୁଲର ୫୫ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମୋ ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ଲକ୍ଷ୍ମୀଧର ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ମହାପାତ୍ର, ଶିକ୍ଷାବିତ୍ ଜୟକୃଷ୍ଣ ଦଳବେହେରା,ଆଲୋକ ପଟ୍ଟନାୟକ,ପୂର୍ଣ୍ଣଚନ୍ଦ୍ର ମିଶ୍ର,ବୈରାଗୀ ଭଟ୍ଟ,ସଂଯୁକ୍ତା ଦାସ,ରୀନାମାଳି ଦେଇ ତଥା ବିଦାୟୀ ଶିକ୍ଷକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦାନ କରି ଶିକ୍ଷକ ଜୀବନର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ । ଶିକ୍ଷକ ନବଜ୍ୟୋତି ମହାପାତ୍ର, କୈଳାସ ରଥ,ଉମାକାନ୍ତ ମିଶ୍ର, ସୁଚିତ୍ରା ଦେବୀ,କାଦମ୍ବିନୀ କରଣ,ରସିଦା ଖାତୁନ,ରୋଜାଲିନ ମିଶ୍ର, ମମତା ମିଶ୍ର,ପ୍ରଦୀପ ଡାଙ୍ଗୁଆ,ଅନୁସୂୟା ମିଶ୍ର ପ୍ରମୁଖ ଶିକ୍ଷା କ୍ଷେତ୍ରରେ ଏହି ବିଦ୍ୟାଳୟର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ୪ ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଥିଲା । ଶେଷରେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ଉପଢୌକନ ଏବଂ ଫୁଲତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ନଗରପାଳ ସ୍ୱର୍ଗତ ରଘୁନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଅତିଥି ।

ବାଇକ ସହ ଦେଶୀ ମଦ ଜବତ

ନୟାଗଡ଼ ଅଫିସ/ରଣପୁର, ୧୮।୭ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ପୋଲିସ ରାଜସୁନାଖଳା ରେଲୱେ ଓଭରବ୍ରିଜ ନିକଟରୁ ଏକ ବାଇକ୍(ନଂ.ଓଡି୨୫ ଡି ୫୯୭୧) ସହ ୧୦୦ ଲିଟର ଦେଶୀ ମଦ ଜବତ କରିଛି । ଚୋରା ମଦ କାରବାର ଅଭିଯୋଗରେ ପୋଲିସ କାକଲମା ଗାଁର ସୂର୍ଯ୍ୟମଣି ପ୍ରଧାନଙ୍କୁ ଗିରଫ କରିଛି । ସୂର୍ଯ୍ୟମଣି କାକଲମାରୁ ରାସୋଳକୁ ଏହି ମଦ ବାଇକ୍‌ରେ ନେଇ ଯାଉଥିଲେ ।

ଓଡ଼ିଆ ଭଜନ 'ମହାଦେବ' ଲୋକାର୍ପିତ

ନୟାଗଡ଼ ଅଫିସ,୧୮।୭

ବୋଲବମ ଯାତ୍ରା ଅବସରରେ ଓଡ଼ିଆ ଭଜନ 'ମହାଦେବ' ସିନ୍ଦୁରିଆ ସ୍ଥିତ ଶ୍ରୀଲୋକନାଥ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି । ଅତିଥିଭାବେ ଲକ୍ଷ୍ମୀଧର ସାହୁ, ପ୍ରତାପ କୁମାର ସାହୁ, ଅମୀୟ ମହାପାତ୍ର, ନିର୍ମଳ ଚନ୍ଦ୍ର ଶୂରଦେଓ, ପ୍ରଦୀପ କୁମାର ସାହୁଙ୍କ ସମେତ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ । ଇଣ୍ଡିଆନ ମ୍ୟୁଜିକ କ୍ରିଏଶନ ଦ୍ୱାରା ପ୍ରଯୋଜିତ ଏହି ଭଜନରେ ସଙ୍ଗୀତ ପରିଚାଳନା ଅଶୋକ କୁମାର ସାହୁ କରିଥିବା ବେଳେ ଗୀତ ରଚନା ଡ. ସନାତନ ପଣ୍ଡା ଏବଂ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଶାନ୍ତ କୁମାର ଦାଶ କରିଛନ୍ତି । ପ୍ରଶାନ୍ତ କୁମାର ଦାଶଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ଏହି ଭଜନଗୁଡ଼ିକ ବେଶ ଶ୍ରୁତିମଧୁର ହୋଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଓଡ଼ିଆ ଭଜନ 'ମହାଦେବ'କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି ।

ଦୁଃଖ ଦେଉଛି କାଳିଗିରି ବ୍ରିଜ୍

ଭାପୁର,୧୮।୭ (ଡି.ଏନ.ଏ.)

- ପୂର୍ତ୍ତବିଭାଗର ଠିକାଦାର ପ୍ରତି ଅଭିଯୋଗ
- ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଲୋକେ

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ଅଧୀନ କାଳିଗିରି ନଦୀ ଉପରେ ନିର୍ମାଣାଧୀନ ହାଇଲେଭଲ ବ୍ରିଜ୍ ଏବେ ଲୋକଙ୍କ ଦୁଃଖର କାରଣ ହୋଇଛି । ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣାଧୀନ ଏହି ବ୍ରିଜ୍‌ର ଆପ୍ରୋଚ ରୋଡ ଏବେ ମରଣଯନ୍ତା ପାଲଟିଛି । ଗତ ୨ ଦିନ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଉକ୍ତ ବ୍ରିଜ୍ ଉପରେ ଯାତାୟାତ କୌଣସି ଦୁର୍ଦ୍ଦଶାଠାରୁ କମ୍ ନ ଥିବା ପଥଚାରୀମାନେ ଅଭିଯୋଗ କରିଛନ୍ତି ।

ଫତେଗଡ଼–ବାଘମାରୀ ୪୮ନଂ. ରାଜ୍ୟ ରାଜପଥର କାଳିଗିରି ନିକଟରେ ପ୍ରତିବର୍ଷ ମହାନଦୀରେ ବନ୍ୟା ଆସି ରାସ୍ତା ଉପରେ ୫ଫୁଟ୍ ଉଚ୍ଚର ପାଣି ଚାଲେ । ସ୍ଥିତି ଏମିତି ହୁଏ, କିଛିଦିନ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଯୋଗାଯୋଗ ପ୍ରଭାବିତ ହୋଇଥାଏ । ବାରମ୍ବାର ଅଭିଯୋଗ ପରେ ୨୦୧୮ ନଭେମ୍ବରରେ ମୋଟ ୯ କୋଟି ୭୩ ଲକ୍ଷ ୬୮ହଜାର ଟଙ୍କା ବ୍ୟୟ ଅଟକଳରେ ଉକ୍ତ ସ୍ଥାନରେ ହାଇଲେଭଲ ବ୍ରିଜ୍ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିଲେ । ତେବେ ଇତିମଧ୍ୟରେ ୪ ବର୍ଷ ବିତିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆଗେଇପାରି ନାହିଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା କାମ ହାତେଇଥିବା ଠିକାଦାରଙ୍କ ମନମୁଖି କାରବାର ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ପ୍ରକଳ୍ପ ଆଗେଇପାରୁନାହିଁ । ଠିକା ସଂସ୍ଥା ବିଭାଗୀୟ ଅଧିକାରୀଙ୍କୁ ହାତ କରି ଅତ୍ୟନ୍ତ ମନ୍ଥର ଗତିରେ କାମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି । ୪୮ ନଂ. ରାଜ୍ୟ ରାଜପଥ ପଶ୍ଚିମ ଓଡ଼ିଶାକୁ ବାଟ ଦେଖାଉଥିବା ବେଳେ କାଳିଗିରି ବ୍ରିଜ୍ ନିର୍ମାଣରେ ବିଳମ୍ବ ହେତୁ ଖାଲି ବର୍ଷା ଦିନ ନୁହେଁ ବର୍ଷତମାମ ଲୋକେ ସମସ୍ୟାରେ ପଡୁଛନ୍ତି । ସ୍ଥିତି ଏମିତି ହୋଇଛି ପର୍ଯ୍ୟଟନ ସ୍ଥଳୀକୁ ଲୋକେ ଆସିବା ନିମନ୍ତେ ବିକଳ୍ପ ରାସ୍ତା ଖୋଜୁଛନ୍ତି । ଗତ ୨ ଦିନର ଲଗାଣ ବର୍ଷାରେ ଆପ୍ରୋଚ ରୋଡ ଧୋଇଯିବା ସହ ଖାଲଖମାରେ ଭର୍ତ୍ତି ହୋଇଛି । ସମାନ ରାସ୍ତାରେ ଯାତ୍ରୀବାହୀ ବସ୍ ସହ ବହୁ ଭାରିଯାନ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଯା' ଆସ କରୁଛି । ଏ ନେଇ ବିଭାଗୀୟ ଯନ୍ତ୍ରୀ ସୁଧାଂଶୁ ବେହେରାଙ୍କୁ ପ୍ରତିକ୍ରିୟା ପାଇଁ ତାଙ୍କ ମୋବାଇଲ (ନଂ.୯୪୩୮୨୦୯୧୮୨)କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ କୌଣସି ଉତ୍ତର ଦେଇ ନ ଥିଲେ ।

କାଳିଗିରି ବ୍ରିଜ୍ ସଂଲଗ୍ନ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି ।

ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପାଖାପାଖି ୧% ବୃଦ୍ଧି ଘଟିଛି। ଏପରିକି କ୍ରମାଗତ ଭାବେ ହ୍ରାସ ପାଉଥିବା ଶେୟାର ବଜାର ଲଗାତର ୩ୟ କାର୍ଯ୍ୟଦିବସରେ ଭଲ ଫଳାଫଳ ପ୍ରଦାନ କରିଛି। ସୋମବାର ସେନ୍‌ସେକ୍ସ ୭୬୦.୩୭ ପଏଣ୍ଟ (୧.୪୧%) ବୃଦ୍ଧି ଘଟି ୫୪,୫୨୧.୧୫ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୫୦ରେ ୨୨୯.୩୦ ପଏଣ୍ଟ (୧.୪୩%) ବଢ଼ି ୧୬,୨୭୮.୫୦ ପଏଣ୍ଟରେ କାରବାର ଶେଷ କରିଛି।

ସଂକ୍ଷେପରେ

ସେଲ୍ ଇଣ୍ଡିଆର ନୂଆ ଇଞ୍ଜିନ ଅଏଲ

ନୂଆଦିଲ୍ଲୀ,୧୮।୭: ଫିନିଶ୍‌ଡ ଲୁବ୍ରିକାଣ୍ଟସ କ୍ଷେତ୍ରରେ ଗ୍ଲୋବାଲ ମାର୍କେଟ ଲିଡର, ସେଲ୍ ପକ୍ଷରୁ ୩ଚକିଆ ଯାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ ଓ କଷ୍ଟମାଇଜ୍ କରାଯାଇଥିବା ଏହାର ନୂଆ ସେଲ୍ ଇଞ୍ଜିନ ଅଏଲ୍‌ର ଶୁଭାରମ୍ଭ କରାଯାଇଛି। ୩ଚକିଆ ଯାନ ବର୍ଗ ବାର୍ଷିକ ଆଧାରରେ ବୃଦ୍ଧି ପାଉଛି ଏବଂ ଶେଷ ମାଇଲ କନେକ୍ଟିଭିଟି ପ୍ରଦାନ କରି ଦେଶର ଯାତାୟାତ ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ୩ଚକିଆ ଯାନ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଇଞ୍ଜିନ ଅଏଲର ବଜାର ପ୍ରବେଶ କରାଇଛି। ଏ ସମ୍ପର୍କରେ ସେଲ୍ ଲୁବ୍ରିକାଣ୍ଟସ ଇଣ୍ଡିଆର କଣ୍ଟ୍ରି ହେଡ୍ ଦେବାଞ୍ଜଳି ସେନ୍‌ଗୁପ୍ତା କହିଛନ୍ତି, ସେଲ୍‌ରେ ଆମେ ଗ୍ଲୋବାଲ୍ ଆଭିମୁଖ୍ୟରେ ବିଶ୍ୱାସ ରଖିଥାଉ, ଯେଉଁଠାରେ ଆମେ ସ୍ଥାନୀୟ ଗ୍ରାହକଙ୍କ ଆବଶ୍ୟକତା ସହ ଜଡ଼ିତ ହୋଇ ସ୍ୱଦେଶୀ ଉତ୍ପାଦ ନିର୍ମାଣ କରିବା ପାଇଁ ଆମର ଅନ୍ତର୍ଜାତୀୟ ଜ୍ଞାନ ଓ ସଂସାଧନର ସର୍ବୋତ୍ତମତାକୁ ଆଣୁଛୁ।

ଗ୍ୟାଲାକ୍ସି ଏମ୍୧୩ ସିରିଜର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୭: ସାମ୍‌ସଙ୍ଗର ନୂଆ ଗ୍ୟାଲାକ୍ସି ଏମ୍୧୩ ୫ଜି ଓ ଗ୍ୟାଲାକ୍ସି ଏମ୍୧୩ର ଶୁଭାରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ମାର୍କେଟିଂ ବିଭାଗର ମୁଖ୍ୟ ଓ ବରିଷ୍ଠ ନିର୍ଦ୍ଦେଶକ ଆଦିତ୍ୟ ବାବର କହିଛନ୍ତି, ଆମ ଉପଭୋକ୍ତାଙ୍କ ଜୀବନକୁ ଉନ୍ନତ କରିବା ପାଇଁ ସାମ୍‌ସଙ୍ଗର ପ୍ରତିବଦ୍ଧତାର ଅଂଶ ଭାବେ ଗ୍ୟାଲାକ୍ସି ଏମ୍ ସିରିଜକୁ ଭାରତରେ ୨୦୧୯ରେ ଶୁଭାରମ୍ଭ କରାଯାଇଥିଲା। ଏହା ପରଠାରୁ ଗ୍ୟାଲାକ୍ସି ଏମ୍ ସିରିଜ୍ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭଲ ପାଇବା ହାସଲ କରିଛି। ଗ୍ୟାଲାସି ଏମ୍୧୩ ୫ଜିର ୪ଜିବି+୬୪ଜିବି ଭାରିଆଣ୍ଟର ମୂଲ୍ୟ ମାତ୍ର ୧୩,୯୯୯ ଟଙ୍କା ଏବଂ ୬ଜିବି+୧୨୮ଜିବି ଭାରିଆଣ୍ଟ ମୂଲ୍ୟ ୧୫,୯୯୯ ଟଙ୍କା ରହିଥିବା ବେଳେ ଗ୍ୟାଲାକ୍ସି ଏମ୍୧୩ର ୪ଜିବି+୬୪ଜିବି ଭାରିଆଣ୍ଟ ମୂଲ୍ୟ ମାତ୍ର ୧୧,୯୯୯ ଟଙ୍କା ଓ ୬ଜିବି+୧୨୮ଜିବି ଭାରିଆଣ୍ଟର ମୂଲ୍ୟ ୧୩,୯୯୯ ଟଙ୍କା ରହିଛି।

ଷ୍ଟାର୍ଟଅପ୍‌ଙ୍କ ପାଇଁ ଓଡ଼ିଶା ଉପଯୁକ୍ତ ସ୍ଥାନ: ମନ୍ତ୍ରୀ

ଓଡ଼ିଶା ଷ୍ଟାର୍ଟଅପ୍ କନ୍‌କ୍ଲେଭରେ୧୦ ଷ୍ଟାର୍ଟଅପ୍ ଅନୁଷ୍ଠାନ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୮।୭

ରାଜ୍ୟର ବିକାଶ ଓ ଅଭିବୃଦ୍ଧି ଲାଗି ଓଡ଼ିଶା ସରକାର ଅନେକ ସୁବିଧା ଓ ସହଯୋଗ ଶିଳ୍ପସଂସ୍ଥାଗୁଡିକୁ ପ୍ରଦାନ କରୁଛନ୍ତି। ଏପରିକି ଆଗକୁ ବଢ଼ିବା ଓ ସମୃଦ୍ଧ ହେବା ଲାଗି ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ପାଇଁ ଓଡ଼ିଶା ଏକ ଉପଯୁକ୍ତ ସ୍ଥାନ ବୋଲି ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ସ୍ଥାନୀୟ 'ଓ-ହବ୍' ଠାରେ ଆୟୋଜିତ ଓଡ଼ିଶା ଷ୍ଟାର୍ଟଅପ୍ କନ୍‌କ୍ଲେଭ-୨୦୨୨ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କିଛି ମତ ଉପସ୍ଥାପନ କରିଛନ୍ତି। ସେହିପରି ଉକ୍ତ କନ୍‌କ୍ଲେଭରେ ଅଂଶଗ୍ରହଣ କରିଥିବା ସମସ୍ତ ନିବେଶକ ଓ ଷ୍ଟାର୍ଟଅପ୍ ସଂସ୍ଥା ଜାଣିବା ଦରକାର ଯେ ବର୍ତ୍ତମାନଠାରୁ ନିଜ ଯାତ୍ରା ଆରମ୍ଭ କରିବା ଲାଗି ଓଡ଼ିଶା ଓ ରାଜ୍ୟ ସରକାର ଆବଶ୍ୟକ ସୁଯୋଗ ପ୍ରଦାନ କରୁଛନ୍ତି। ରାଜ୍ୟରେ ବିପୁଳ ପରିମାଣର ବୈଷୟିକ ସମ୍ବଳ ରହିଛି ଏବଂ ଉଦ୍ୟୋଗୀସଂସ୍ଥାଗୁଡିକ ପାଇଁ ଜମି, ଜଳ, ଭିତ୍ତିଭୂମି ଓ ଶକ୍ତି ଆଦି ପ୍ରସ୍ତୁତ ହୋଇ ରହିଛି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିଭଳି ଉତ୍ସବର ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଡ.ଓମ୍‌କାର ରାଏ କହିଛନ୍ତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଥିବାରୁ ରାଜ୍ୟରେ ଏଭଳି କାର୍ଯ୍ୟକ୍ରମ ପାଇଁ ଓ-ହବ୍ କେନ୍ଦ୍ରସ୍ଥଳ ଭାବେ ପରିଣତ ହୋଇଛି। ଓଡ଼ିଶାରେ ୧୩୦୦ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ସଂସ୍ଥା ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ୪୦% ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଦେଶରେ ଅନ୍ୟ କୌଣସି ବ୍ୟବସ୍ଥା ତୁଳନାରେ ଏହା ଅନ୍ୟତମ ଓ ସ୍ୱତନ୍ତ୍ର ହୋଇପାରିଛି। ସେହିଭଳି ଏଆଇସି-ନାଳନ୍ଦାର ସିଇଓ, ଦେବଜ୍ୟୋତି ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ସହ ଷ୍ଟାର୍ଟଅପ୍ ଓଡ଼ିଶାର ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ହେଉଛି ପ୍ରଥମ ଧରଣର ଅନ୍ୟତମ ମେଣ୍ଟର-ନିବେଶକ-କନେକ୍ଟ ଉତ୍ସବ, ଯାହାକୁ ଷ୍ଟାର୍ଟଅପ୍ ଓଡ଼ିଶା, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ଓ ଫ୍ଲୁଇଡ୍ ଭେଞ୍ଚର୍ସ ସହଯୋଗରେ ଏଆଇସି-ନାଳନ୍ଦା ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ୧୨ଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ କ୍ଷେତ୍ରରୁ ୪୦ରୁ ଅଧିକ ବିଶେଷଜ୍ଞ, ମେଣ୍ଟର, ନିବେଶକ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୦ ଶ୍ରେଷ୍ଠ ପ୍ରଦର୍ଶନକାରୀ ଷ୍ଟାର୍ଟଅପ୍‌ଙ୍କୁ ମଧ୍ୟ ଏହି ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଏନ୍‌ଆଇଆର୍‌ଏଫ୍ ସାମଗ୍ରିକ ବର୍ଗରେ ଏଲ୍‌ପିୟୁ ୪୭ ତମ

ନୂଆଦିଲ୍ଲୀ,୧୮।୭

ଡ. ଅଶୋକ କୁମାର ମିତ୍ତଲ

ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍)-ଇଣ୍ଡିଆର ୭ମ ସଂସ୍କରଣକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିକଟରେ ପ୍ରକାଶ କରିଥିଲେ। ଉକ୍ତ ଫଳାଫଳ ଅନୁସାରେ ଲଭଲି ପ୍ରଫେସନାଲ୍ ୟୁନିଭରସିଟି (ଏଲପିୟୁ) ଉଭୟ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୪୭ ତମ ସ୍ଥାନରେ ରହିଥିବା ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଗତ ବର୍ଷର ର୍ୟାଙ୍କିଙ୍ଗ ତୁଳନାରେ ଏଲପିୟୁ ୧୫ଟି ସ୍ଥାନ ଉପରକୁ ଉଠିଥିବା ଜଣାପଡିଛି। ଏ ସମ୍ପର୍କରେ ଏଲପିୟୁ କୁଳପତି ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି ଏଭଳି ଏକ ସମ୍ମାନଜନକ ର୍ୟାଙ୍କିଙ୍ଗ୍ ଏଲପିୟୁକୁ ମିଳିଥିବାରୁ ଆମେ ସମସ୍ତେ ଉତ୍ସାହିତ ରହିଛୁ। ସେହିପରି ଏହା ପଛରେ ଅନେକ ପରିଶ୍ରମ ଓ ଅବଦାନ ମଧ୍ୟ ସବୁସ୍ତରରେ ରହିଛି। ଦେଶର ହଜାର ହଜାର ଅନ୍ୟାନ୍ୟ ଅନୁଷ୍ଠାନ ସହ ଜଡିତ ହୋଇ ଏହି ର୍ୟାଙ୍କିଙ୍ଗ୍ ଏଲପିୟୁ ହାସଲ କରିଥିବାରୁ ଏହା ଆମ ସମସ୍ତଙ୍କୁ ପ୍ରେରଣା ଦେଇଛି। ସେହିଭଳି ଏଲପିୟୁର ସ୍କୁଲ୍ ଅଫ୍ ଆର୍କିଟେକଚର୍ ଶ୍ରେଷ୍ଠ ୧୨ ମଧ୍ୟରେ ସ୍ଥାନିତ ହୋଇଥିବା ବେଳେ ଶ୍ରେଷ୍ଠ ୧୯ରେ ଉଭୟ ଆଇନ ଓ ଫାର୍ମାସୀ, ଶୀର୍ଷ ୩୪ରେ ପରିଚାଳନା ଏବଂ ଶ୍ରେଷ୍ଠ ୫୧ରେ ଏଲପିୟୁର ଇଞ୍ଜିନିୟରିଂ ଅନୁଷ୍ଠାନ ଭାବେ ସ୍ୱୀକୃତି ହାସଲ କରିଛନ୍ତି। ଏହା ଫଳରେ ଶିକ୍ଷାନୁଷ୍ଠାନର ସମଗ୍ର ବାତାବରଣ ଓ ଚାହିଦାର ପ୍ରତିଫଳନ ହେଉଥିବା କୁହାଯାଇଛି। ଚଳିତ ବର୍ଷ ଏନଆଇଆରଏଫ ର୍ୟାଙ୍କିଙ୍ଗ୍ ୨୦୨୨ରେ ୧୧ଟି ବିଭିନ୍ନ ବର୍ଗ ଯଥା ସାମଗ୍ରିକ, ବିଶ୍ୱବିଦ୍ୟାଳୟ, ପରିଚାଳନା, କଲେଜ, ଫାର୍ମାସୀ, ଚିକିତ୍ସା, ଇଞ୍ଜିନିୟରିଂ, ସ୍ଥାପତ୍ୟ, ଆଇନ, ଅନୁସନ୍ଧାନ ପ୍ରତିଷ୍ଠାନଗୁଡିକ ଏବଂ ଦାନ୍ତ ଭଳି ଅନୁଷ୍ଠାନ ଅଂଶଗ୍ରହଣ କରିଛନ୍ତି।

ଖାଇବାତେଲ ଦର କମାଇଲା ଆଦାନୀ ୱିଲମାର

ନୂଆଦିଲ୍ଲୀ,୧୮।୭

ଦେଶର ପ୍ରମୁଖ ଖାଇବାତେଲ ଫର୍ଚ୍ୟୁନର ମୂଲ୍ୟ ପୁଣି ଥରେ ୩୦ ଟଙ୍କା କମିବ ବୋଲି ସୂଚନା ମିଳିଛି। ଉକ୍ତ ବ୍ରାଣ୍ଡ ନାଁ ରେ ଖାଇବା ତେଲ ବିକ୍ରି କରୁଥିବା ଆଦାନୀ ୱିଲମାର ମୂଲ୍ୟ ହ୍ରାସ କରିବା ନେଇ ନିକଟରେ ଘୋଷଣା କରିଛି। ଏପରିକି ଅନ୍ତର୍ଜାତୀୟ ସ୍ତରରେ ଖାଇବା ତେଲର ମୂଲ୍ୟ ହ୍ରାସ ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ସେହିଭଳି ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ଉଭୟ ଖାଦ୍ୟ ଓ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ତେଲ କମ୍ପାନୀଗୁଡିକ ମୂଲ୍ୟ ହ୍ରାସ କରିବାକୁ ନିକଟରେ ଘୋଷଣା କରିଥିଲେ। ଅପରପକ୍ଷରେ କମ୍ପାନୀ ନୂଆ ମୂଲ୍ୟର ଉତ୍ପାଦ ଖୁବ୍‌ଶୀଘ୍ର ବଜାରରେ ଉପଲବ୍ଧ କରାଇବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଧାରା ବ୍ରାଣ୍ଡ ନାଁରେ ଖାଇବା ତେଲ ବିକ୍ରି କରୁଥିବା ମଦର ଡାୟରି ସୋୟାବିନ ଏବଂ ରାଇସ ବ୍ରାନ୍ ଆଇସର ଲିଟର ପିଛା ମୂଲ୍ୟରେ ୧୪ ଟଙ୍କା କମାଇଥିଲା।

ସୂଚନାଯୋଗ୍ୟ, ଫର୍ଚ୍ୟୁନ ସୋୟାବିନ ତେଲର ମୂଲ୍ୟ ଲିଟର ପିଛା ୧୯୫ ଟଙ୍କାରୁ ହ୍ରାସ ହୋଇ ୧୬୫ ଟଙ୍କା କରାଯାଇଛି। ସେହିପରି ସୂର୍ଯ୍ୟମୁଖୀ ତେଲର ମୂଲ୍ୟ ୨୧୦ ଟଙ୍କାରୁ ହ୍ରାସକରି ଲିଟର ପିଛା ୧୯୯ ଟଙ୍କା ହୋଇଥିବା ବେଳେ ସୋରିଷ ତେଲର ଏମ୍‌ଆର୍‌ପି ଲିଟର ପିଛା ୧୯୫ ଟଙ୍କାରୁ କମ୍ କରି ୧୯୦ ଟଙ୍କା କରାଯାଇଛି। ସେହିପରି ଫର୍ଚ୍ୟୁନ ରାଇସ ବ୍ରାନ ତେଲର ମୂଲ୍ୟ ୨୨୫ ଟଙ୍କାରୁ କମ୍ କରି ଲିଟର ପିଛା ୨୧୦ ଟଙ୍କା କରାଯାଇଛି।

ସହଯୋଗକଲେ ବନ୍ଦହେବ କ୍ରିପ୍ଟୋକରେନ୍ସି

ନୂଆଦିଲ୍ଲୀ,୧୮।୭

ଦିନକୁ ଦିନ କ୍ରିପ୍ଟୋକରେନ୍ସିର କାୟା ବିଶ୍ୱ ବଜାରକୁ ଆୟତ୍ତ କରିବା ଦିଗରେ ଗତି କରୁଛି। ଏହା ଉପରେ ଉଭୟ ସରକାର ଓ ଆଇବିଆଇ ମଧ୍ୟ ନଜର ରଖିଛନ୍ତି। ଏପରିକି ସୋମବାର ସଂସଦରେ ଏହା ଉପରେ ବୟାନ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି, କ୍ରିପ୍ଟୋକରେନ୍ସି ଉପରେ କଟକଣା କିମ୍ବା କଠୋର ଆଇନ ସାଙ୍ଗକୁ ବିଶ୍ୱର ଅନ୍ୟ ଦେଶଗୁଡ଼ିକର ସହଯୋଗ ଜରୁରୀ ରହିଛି। ବିନା ସହଯୋଗରେ ଉକ୍ତ ଡିଜିଟାଲ ମୁଦ୍ରା ଉପରେ ଅଙ୍କୁଶ ଲଗାଇବା ସମୟୋପଯୋଗୀ ବୋଲି ସୀତାରାମନ ପୁଣି ଥରେ କ୍ରିପ୍ଟୋକରେନ୍ସି ଉପରେ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି।

ସୋଆର ୧୬ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୮।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ରବିବାର ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର କୁଳାଧିପତି ପ୍ରଫେସର ଡି.ପି. ରାୟ ଅଧ୍ୟକ୍ଷତା କରିଥଲେ। ଏହି ଅବସରରେ ପ୍ରଫେସର ରାୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନିକଟରେ ପ୍ରକାଶିତ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗରେ ସୋଆର ସଫଳତା ନିମନ୍ତେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗବେଷକ ଓ କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ସେହିଭଳି ଆଗାମୀ ଦିନରେ ଏହି ସମ୍ମାନଜନକ ର୍ୟାଙ୍କିଙ୍ଗ୍‌ରେ ସୋଆ କିପରି ଆହୁରି ଭଲ ପ୍ରଦର୍ଶନ କରିବ ସେଥିପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଓ ଉଦ୍ୟମ ଜାରି ରଖିବାକୁ ରାୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋଆ କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର, ଉପକୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ସମେତ ସୋଆର ବହୁ ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଚର୍ଚ୍ଚାରେ ଶେହନାଜ

ମୁମ୍ବାଇ

ଲୋକପ୍ରିୟ ରିଆଲିଟି ଶୋ' ବିଗ ବସ-୧୩ରୁ ତରକା ସାଜିଥିବା ଶେହନାଜ ଗିଲ୍‌ଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଖାଲି ମଡେଲିଂ କି ଆଲବମ୍ ନୁହେଁ ଏକାଧିକ ଫିଲ୍ମରେ କାମ କରିବାକୁ ଅଫର ମଧ୍ୟ ଏବେ ଶେହନାଜଙ୍କ ହାତରେ। ପଞ୍ଜାବୀ ଫିଲ୍ମ ସତ ଶ୍ରୀ ଅକାଲ ଇଲଣ୍ଡରୁ ଡେବ୍ୟୁ କରିଥିବା ଶେହନାଜଙ୍କୁ ବଲିଉଡ୍‌ର ଏକାଧିକ ଫିଲ୍ମ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି। ସଲମାନ ଖାନ୍‌ଙ୍କ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ଶେହନାଜ କାମ କରିବାକୁ ନେଇ ଗଣମାଧ୍ୟମରେ ଆଲୋଚନା ହେବା ପରେ ଏବେ ଶେହନାଜ ସଞ୍ଜୟ ଦତ୍ତଙ୍କ ଫିଲ୍ମରେ ଅଭିନୟ କରିବା ନେଇ ଖବର ପ୍ରକାଶ ପାଇଛି । ତେବେ ଏ ନେଇ ଶେହନାଜ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଶେଷଥର ପାଇଁ ଏହି ନାୟିକା ଜଣକ ଫିଲ୍ମ 'ହୋସଲା ରଖ୍'ରେ ନଜରକୁ ଆସିଥିଲେ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଦିଲଜୀତ୍ ଦୋଶାଞ୍ଝ। ନିଜ ଚୁଲ୍‌ବୁଲି ଅନ୍ଦାଜ ପାଇଁ ଶେହନାଜ ଅନେକଙ୍କ ପ୍ରିୟ ଅଭିନେତ୍ରୀ ପାଲଟିଛନ୍ତି। ବିଗ୍‌ବସ୍‌ରୁ ଫେରିବା ପରେ ଶେହନାଜ ନିଜ ଲୁକ୍ ଓ ଫିଗର ଉପରେ କାମ କରିଥିବାବେଳେ ତାକୁ ନେଇ ମଧ୍ୟ ଖୁବ୍ ଚର୍ଚ୍ଚା ହୋଇଥିଲା।

ଫୁଚର୍‌ସପ୍

୨ ଟଙ୍କା ପାଉଣାରେ ଶିକ୍ଷାଦାନ

କୋଲକାତା: ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଅସଗ୍ରାମ ଅନ୍ତର୍ଗତ ରାମନଗର ଗ୍ରାମରେ ସୁଜିତ ଚଟ୍ଟୋପାଧ୍ୟାୟ ରୁହନ୍ତି। ପେସାରେ ସେ ଜଣେ ଶିକ୍ଷକ। ୨୦୦୪ରୁ ଚାକିରିରୁ ଅବସର ମିଳିସାରିଥିଲେ ହେଁ ପିଲାଙ୍କୁ ପାଠପଢ଼େଇବା ଛାଡ଼ି ନାହାନ୍ତି। ସେ ଏକ କୋଚିଂ ସେଣ୍ଟର ପରିଚାଳନା କରୁଛନ୍ତି, ଯାହାର ନାମ ରହିଛି 'ସଦାଇ ଫକିରରେ ପାଠଶାଳା'। ମାସକୁ ମାତ୍ର ଦୁଇ ଟଙ୍କା ପାଉଣାରେ ବର୍ଷ ବର୍ଷ ଧରି ଶତାଧିକ ପିଲାଙ୍କୁ ସେ ପାଠ ପଢ଼ାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ସୁଜିତ ସଦାଇ ଫକିର ବା ଦୁ ଟକାର ମାଷ୍ଟର ମୋଶାଇ (ବଙ୍ଗଳା ଭାଷାରେ) ଭାବେ ବେଶ୍ ପରିଚିତ। ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସୁଜିତ ରାମନଗର ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ। ନିଜର କର୍ତ୍ତବ୍ୟନିଷ୍ଠ କାର୍ଯ୍ୟ ପାଇଁ ଭାରତ ସରକାର ସୁଜିତଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ୨୦୦୪ରେ ୬୦ ବର୍ଷ ବୟସରେ ଚାକିରିରୁ ଅବସରଟ୍ ନେଲେ। ଚାକିରି ସରିବା ପରେ ଘରେ ବସିବାକୁ ସୁଜିତଙ୍କୁ ଭଲ ଲାଗୁ ନ ଥିଲା। ସେ କ'ଣ କରି ସମୟ ଅତିବାହିତ କରିବେ ବୋଲି ଭାବିଲାବେଳକୁ ତିନିଜଣ ଆଦିବାସୀ ଝିଅ ଶିକ୍ଷା ଗ୍ରହଣ କରିବାକୁ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ଏଥିରେ ରାଜି ହୋଇ ସୁଜିତ ନିଜ ଘରେ କେତେଜଣ ପିଲାଙ୍କୁ ପାଠପଢ଼ା ଆରମ୍ଭ କଲେ। ପାଠପଢ଼ା ବାବଦକୁ ସେମାନଙ୍କୁ ପ୍ରତିମାସ ୧ ଟଙ୍କା ସାଙ୍ଗକୁ ୪ଟି ଚକୋଲେଟ ଦେଉଥିଲେ। ଦିନ ବିତିଯାଉଥିବାବେଳେ କୋଚିଂ ସେଣ୍ଟରରେ ପିଲା ସଂଖ୍ୟା ବଢ଼ିବାକୁ ଲାଗିଲା। ଅଧିକମାତ୍ରାରେ ପିଲା ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଠାରୁ କୌଣସି ବଡ଼ ଖୁସି ଓ ସମ୍ମାନ ନାହିଁ ବୋଲି ସୁଜିତ କୁହନ୍ତି। ସୁଜିତଙ୍କ ମତରେ ସହରାଞ୍ଚଳ ସ୍କୁଲ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ସ୍କୁଲରେ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ସୁଜିତଙ୍କ କୋଚିଂ ସେଣ୍ଟରକୁ ୧୮ ବର୍ଷ ପୂରିଯାଇଥିବାବେଳେ କ୍ଲାସ୍‌ରୁମ୍‌ରେ ପାଖାପାଖି ୩୦୦ ପିଲା ପାଠ ପଢୁଥିବା ସେ କହିଛନ୍ତି। ନବମ, ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସେ ପାଠ ପଢ଼ାଉଥିବାବେଳେ ଯୁକ୍ତ ୩ର ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ମଧ୍ୟ ତାଙ୍କ ନିକଟରେ ପାଠ ପଢ଼ନ୍ତି। ବର୍ତ୍ତମାନ ସମୟରେ ପାଠପଢ଼ା ବାବଦକୁ ପିଲାମାନେ ମାସିକ ୨ ଟଙ

ମଲ୍‌ରେ ଗୁଳିକାଣ୍ଡ: ୩ ମୃତ

ୱାଶିଂଟନ: ଆମେରିକାର ଗ୍ରୀନ୍‌ଉଡ୍ ପାର୍କ ଇଣ୍ଡିଆନା ମଲ୍‌ରେ ରବିବାର ସନ୍ଧ୍ୟାରେ ହୋଇଥିବା ଗୁଳିକାଣ୍ଡରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବା ଖବର ପ୍ରକାଶ ପାଇଛି। ମଲ୍‌ର ଫୁଡ୍‌କୋର୍ଟରେ ଜଣେ ବ୍ୟକ୍ତି ରାଇଫଲ ଜରିଆରେ ଆଖିବୁଜା ଗୁଳିଚାଳନା କରିଥିଲେ। ତେବେ ଘଟଣାସ୍ଥଳରେ ଥିବା ଜଣେ ବନ୍ଧୁକଧାରୀ ବ୍ୟକ୍ତି ସମ୍ପୃକ୍ତ ଯୁବକଙ୍କୁ ଗୁଳି କରି ଥିବା ଗ୍ରୀନ୍‌ଉଡ୍ ପୋଲିସ କହିଛି।

ସଂକ୍ଷେପରେ

କେରଳରେ ଦ୍ୱିତୀୟ ମଙ୍କିପକ୍ସ ମାମଲା

ତିରୁଭାନନ୍ତପୁରମ୍,୧୮।୭: ଭାରତରେ ଦ୍ୱିତୀୟ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ କେରଳର ଜଣେ ୩୧ ବର୍ଷରୟ ଯୁବକ। ସେ ଦୁବାଇରୁ ଭାରତ ଫେରିବା ପରେ ତାଙ୍କଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଦେଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଆଇସୋଲେଶନରେ ରଖାଯାଇଛି। ଗତ ୧୪ ତାରିଖରେ କେରଳରୁ ପ୍ରଥମ ମଙ୍କିପକ୍ସ ମାମଲା ଚିହ୍ନଟ ହୋଇଥିଲା। ସଂକ୍ରମିତ ବ୍ୟକ୍ତି ଜଣକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ଭାରତ ଫେରିବା ପରେ ତାଙ୍କ ରକ୍ତନମୁନାରେ ଏହି ଭୂତାଣୁ ଥିବା ଟେଷ୍ଟ ରିପୋର୍ଟରୁ ଜଣାପଡ଼ିଥିଲା।

ଶପଥ ନେଲେ ୨୭ ରାଜ୍ୟ ସଭା ସଦସ୍ୟ

ନୂଆଦିଲ୍ଲୀ,୧୮।୭: ରାଜ୍ୟ ସଭାକୁ ନୂଆ କରି ନିର୍ବାଚିତ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ, ପ୍ରଫୁଲ୍ଲ ପଟେଲ, କ୍ରିକେଟର ହରଭଜନ ସିଂ ପ୍ରମୁଖଙ୍କ ସମେତ ୨୭ ସଦସ୍ୟ ସୋମବାର ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମନୋନୀତ ସଦସ୍ୟ ଭି. ବିଜୟେନ୍ଦ୍ର ମଧ୍ୟ ରହିଛନ୍ତି। ସେହିପରି ଆର୍‌ଜେଡିର ମିଶ୍ର ଭାରତୀ, କଂଗ୍ରେସର ରାଜୀବ ଶୁକ୍ଳା, ରଞ୍ଜିତ ରଞ୍ଜନ, ରଣଦୀପ ସିଂ ସୂର୍ଯ୍ୟେୱାଲା, ପ୍ରମୋଦ କୁମାର, ବିଜେଡିର ସମିତ ପାତ୍ର, ସ୍ୱାଧୀନ ପ୍ରାର୍ଥୀ କପିଲ ସିବଲ ମଧ୍ୟ ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଇଛନ୍ତି।

ଘାନାରେ ଦୁଇ ମାରବର୍ଗ ଆକ୍ରାନ୍ତ ଚିହ୍ନଟ

ଘାନା,୧୮।୭: ଆଫ୍ରିକାର ଘାନାରେ ଦୁଇ ମାରବର୍ଗ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଘାନା ହେଲ୍‌ଥ ସର୍ଭିସ୍ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ଚିହ୍ନଟ ସଂକ୍ରମିତଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ସେନେଗାଲ୍‌ରେ ଥିବା ପାସ୍ତେଉର ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯାଇଥିଲା। ଦୁଇ ଆକ୍ରାନ୍ତ ସାଉଥର୍ନ ଅଶାନ୍ତି ଅଞ୍ଚଳର ବୋଲି ଜଣାପଡ଼ିଛି। ଘାନା ପୂର୍ବରୁ ଆଙ୍ଗୋଲା, କେନିଆ, ସାଉଥ୍ ଆଫ୍ରିକା, ଉଗାଣ୍ଡାରେ ମାରବର୍ଗ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ପକ୍ଷରୁ କୁହାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୯୮ ଜଣଙ୍କୁ ଆଇସୋଲେଶନ୍‌ରେ ରଖାଯାଇଥିବା ଘାନା ହେଲ୍‌ଥ ସର୍ଭିସ୍ ପକ୍ଷରୁ କୁହାଯାଇଛି।

ନର୍ମଦାକୁ ଖସିଲା ବସ୍: ୧୩ ମୃତ

ଭୋପାଳ/ମୁମ୍ବାଇ,୧୮।୭

ମଧ୍ୟପ୍ରଦେଶର ଧର ଜିଲା ଖାଲ୍‌ଘାଟ ଅଞ୍ଚଳରେ ସୋମବାର ଏକ ବଡ଼ ଧରଣର ବସ୍ ଦୁର୍ଘଟଣା ଘଟିଛି। ମହାରାଷ୍ଟ୍ର ଅଭିମୁଖେ ଯାଉଥିବା ବସ୍‌ଟି ନର୍ମଦା ନଦୀ ପୋଲ ଉପରୁ ଖସିପଡ଼ିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ମହିଳା ଏବଂ ଜଣେ ଶିଶୁ ଅଛନ୍ତି। ମଧ୍ୟପ୍ରଦେଶ ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ(ଏମ୍‌ଏସ୍‌ଆର୍‌ଟିସି) ବସ୍‌ରେ ଅନ୍ୟୂନ ୧୫ ଜଣ ରହିଥିବା କୁହାଯାଉଥିବାବେଳେ ପ୍ରକୃତରେ କେତେଜଣ ଏଥିରେ ଯାତ୍ରା କରୁଥିଲେ ତାହା ସ୍ପଷ୍ଟ ହୋଇପାରିନାହିଁ। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାରାଶି ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ନଦୀ ଭିତରକୁ ଖସିପଡ଼ିଥିବା ବସ୍।

ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଏବଂ ଏମ୍‌ଏସ୍‌ଆର୍‌ଟିସି ପକ୍ଷରୁ ଆଉ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ ନିମନ୍ତେ ଘୋଷଣା ହୋଇଛି।

ଏମ୍‌ଏସ୍‌ଆର୍‌ଟିସି ଅଧିକାରୀଙ୍କ ସୂଚନା ମୁତାବକ, ବସ୍‌ଟି ସକାଳ ପ୍ରାୟ ସାଢ଼େ ୭ଟାରେ ମଧ୍ୟପ୍ରଦେଶର ଇନ୍ଦୋର ସହରରୁ ମହାରାଷ୍ଟ୍ରର ଜଲଗାଓଁ ଜିଲାକୁ ଯାତ୍ରା ଆରମ୍ଭ କରିଥିଲା। ପୂର୍ବାହ୍ନ ୧୦ଟାରୁ ୧୦ଟା ୧୫ ମଧ୍ୟରେ ଏହା ଖାଲଘାଟ ଏବଂ ତିଗାରି ମଧ୍ୟରେ ଥିବା ପୋଲ ଉପରେ ଯାଉଥିଲା। ସେହି ସମୟରେ ବସ୍‌ଟି ପୋଲ ରେଲିଂରେ ପିଟି ହୋଇ ନର୍ମଦା ନଦୀ ଭିତରକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ନଦୀରୁ ୧୩ ଜଣଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ବସ୍ ଚାଳକ ଚନ୍ଦ୍ରକାନ୍ତ ଏକନାଥ ପାଟିଲ(୪୫) ଏବଂ କଣ୍ଡକ୍ଟର ପ୍ରକାଶ ଶାରଭାନ୍ ଚୌଧୁରୀ(୪୦) ମଧ୍ୟ ରହିଛନ୍ତି। ଉଭୟଙ୍କ ଘର ଜଲଗାଓଁର ଅମଲନେରଠାରେ। କେବଳ ଇନ୍ଦୋରରୁ ୧୨ ଜଣ ଉକ୍ତ ବସ୍‌ରେ ଚଢ଼ିଥିଲେ। କ୍ରେନ୍ ସାହାଯ୍ୟରେ ନଦୀ ଭିତରୁ ବସ୍‌କୁ ବାହାରକୁ ଅଣାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବସ୍‌ଟି ୧୦ ବର୍ଷରୁ ଅଧିକ ପୁରୁଣା ହୋଇଥିବାବେଳେ ଆସନ୍ତା ୨୭ ତାରିଖରେ ଏହାର ଫିଟ୍‌ନେସ୍ ସାର୍ଟିଫିକେଟର ବୈଧତା ଶେଷ ହେବାକୁ ଯାଉଥିଲା ବୋଲି ଜଣାପଡ଼ିଛି।

୪ ପୂର୍ବତନ ଆଇଏଏଫ୍ ଅଫିସରଙ୍କୁ ସମନ

ନୂଆଦିଲ୍ଲୀ, ୧୮।୭: ୩,୬୦୦ କୋଟି ଟଙ୍କାର ଅଗୁସ୍ତା ୱେଷ୍ଟଲାଣ୍ଡ ଦୁର୍ନୀତି ଘଟଣାରେ ଦିଲ୍ଲୀ କୋର୍ଟ ସୋମବାର ୪ ଜଣ ପୂର୍ବତନ ଭାରତୀୟ ବାୟୁସେନା (ଆଇଏଏଫ) ଅଫିସରଙ୍କୁ ସମନ ଜାରି କରିଛନ୍ତି। ଜୁଲାଇ ୩୦ସୁଦ୍ଧା କୋର୍ଟରେ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ୩,୬୦୦ କୋଟି ବ୍ୟୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୧୨ଟି ଏଡବ୍ଲ୍ୟୁ ୧୦୧ ଜୁଆଲ୍-ୟୁଜ୍ ହେଲିକପ୍ଟର ଅଗୁସ୍ତା ୱେଷ୍ଟଲାଣ୍ଡ କମ୍ପାନୀରୁ କିଣାଯିବା ନେଇ ଚୁକ୍ତି କରାଯାଇଥିଲା। ୨୦୧୦ରେ ଉପା ସରକାରଙ୍କ ସମୟରେ

ଅଗୁସ୍ତା ଦୁର୍ନୀତି

ଏହି ଡିଲ୍ ହୋଇଥିଲା। ଏହି ହେଲିକପ୍ଟର ଭିଭିଆଇପି ଓ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ନେବା ଆଣିବା ନିମନ୍ତେ କିଣାଯିବାକୁଥିଲା। ଅଭିଯୋଗ ଅନୁସାରେ ଅଗୁସ୍ତା ୱେଷ୍ଟଲାଣ୍ଡକୁ ଲାଭାନ୍ୱିତ କରିବା ପାଇଁ ହେଲିକପ୍ଟର କ୍ରୟ ପାଇଁ ହୋଇଥିବା ମୂଳ ଚୁକ୍ତିକୁ ବଦଳାଇ ଦିଆଯାଇଥିଲା। ଏଥିରେ ସମ୍ପୃକ୍ତ ଥିବାନେଇ ଅନେକ କଂଗ୍ରେସ ନେତାଙ୍କ ନାମ ସାମ୍ନାକୁ ଆସିଥିଲା। ଏହି ଚୁକ୍ତିରେ ରାଜକୋଷକୁ ୨,୬୬୬ କୋଟି ଟଙ୍କା କ୍ଷତି ହୋଇଥିବା ନେଇ ସିବିଆଇ ପୂର୍ବରୁ ଚାର୍ଜସିଟ୍ ଦାଖଲ କରିଥିଲା।

ଗ୍ରେନେଡ୍ ବିସ୍ଫୋରଣ: ୨ ଯବାନ ଶହୀଦ

କଶ୍ମୀର,୧୮।୭

ଜମ୍ମୁ-କଶ୍ମୀର ପୁଞ୍ଚ ଜିଲାରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଗ୍ରେନେଡ ବିସ୍ଫୋରଣରେ ଦୁଇ ସେନା ଯବାନ ଶହୀଦ ହୋଇଛନ୍ତି। ରବିବାର ରାତିରେ ମେନ୍ଧାର ସେକ୍ଟରରେ ସେନା କର୍ମଚାରୀ ଡ୍ୟୁଟିରେ ଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ସୋମବାର ସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗ୍ରେନେଡ ବିସ୍ଫୋରଣରେ ଆହତମାନଙ୍କୁ ହେଲିକପ୍ଟର ଯୋଗେ ଡାକ୍ତରଖାନ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପ୍ଟେନ ଆନନ୍ଦ ଏବଂ ନାଏବ ସୁବେଦାର ଭଗୱାନ ସିଂଙ୍କ ମୃତ୍ୟୁ ହୋଇଥିଲା। ଆନନ୍ଦଙ୍କ ଘର ବିହାର ଭାଗଲପୁରରେ ହୋଇଥିବାବେଳେ ଭଗୱାନ ଉତ୍ତର ପ୍ରଦେଶର ପୋଖାର ଭିଙ୍ଗାର ବାସୀନ୍ଦା।

ଛାତ୍ରୀଙ୍କୁ ଅନ୍ତଃବସ୍ତ୍ର ଖୋଲିବାକୁ କହିଲେ

ତିରୁଭାନନ୍ତପୁରମ୍,୧୮।୭

ଏନ୍‌ଇଇଟି ପରୀକ୍ଷା

ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ନିମନ୍ତେ କେରଳର ଏକ ପରୀକ୍ଷା କେନ୍ଦ୍ରରେ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। କୋଲାମ ଜିଲାରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ରବିବାର ଏନ୍‌ଇଇଟି ପରୀକ୍ଷା ଦେବାକୁ ଯାଇଥିବା ଛାତ୍ରୀମାନଙ୍କୁ ଅନ୍ତଃବସ୍ତ୍ର ଖୋଲିବାକୁ କୁହାଯାଇଥିବା ଅଭିଯୋଗ ହୋଇଛି। ଅନଃବସ୍ତ୍ର ଖୋଲିଲେ ହିଁ ଟେଷ୍ଟ ଦେଇପାରିବ ବୋଲି ଆଶାୟୀକୁ ନିର୍ଦ୍ଦେଶ ଯିବାପରେ ସେମାନେ ବାଧ୍ୟ ହୋଇ ଏପରି କରିଥିବା ଛାତ୍ରୀ ଓ ସେମାନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି।

ଜଣେ ୧୭ ବର୍ଷୀୟ ଛାତ୍ରୀଙ୍କ ବାପା କରିଥିବା ଅଭିଯୋଗ ଅନୁସାରେ, ତାଙ୍କ ଝିଅ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏନ୍‌ଇଇଟି ପରୀକ୍ଷା ଦେଉଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରରେ ତାଙ୍କୁ ଅନ୍ତଃବସ୍ତ୍ର ଖୋଲି ଟେଷ୍ଟ ଦେବାପାଇଁ କୁହାଯାଇଥିଲା। ଫଳରେ ୩ ଘଣ୍ଟା ଧରି ଛାତ୍ରୀଜଣକ ଅନଃବସ୍ତ୍ର ଖୋଲି ପରୀକ୍ଷା ଦେଇଥିଲେ। ଏଥିଯୋଗୁ ତାଙ୍କୁ ଅପମାନବୋଧ ମନେ ହୋଇଛି। ଏହାର ପ୍ରଭାବ ତାଙ୍କ ପରୀକ୍ଷା ଉପରେ ମଧ୍ୟ ପଡ଼ିଛି। ଏନ୍‌ଇଇଟି ତରଫରୁ ଜାରି ନୋଟିସ୍‌ରେ ଏପରି କଥା ଦର୍ଶାଯାଇ ନ ଥିବାବେଳେ ଏଥିପାଇଁ ଉକ୍ତ ପରୀକ୍ଷା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଅନ୍ୟ ଛାତ୍ରୀମାନଙ୍କ ଅଭିଭାବକଙ୍କ ପକ୍ଷରୁ ମଧ୍ୟ ସମାନ ଅଭିଯୋଗ ଆସିଛି। ଘଟଣାରେ ପ୍ରତିକ୍ରିୟା ରଖି କେରଳ ଉଚ୍ଚଶିକ୍ଷା ମନ୍ତ୍ରୀ ଆର୍. ବିନ୍ଦୁ କହିଛନ୍ତି, ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ରାଜ୍ୟ ସରକାର ପକ୍ଷରୁ ଏହି ପରୀକ୍ଷା ଆୟୋଜନ କରାଯାଇ ନ ଥିଲା। ଆୟୋଜକଙ୍କ ଅବହେଳା ଯୋଗୁ ଏଭଳି ଘଟିଥିବା ସେ ଅଭିଯୋଗ ଆଣିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କେରଳ ମାନବାଧିକାର କମିଶନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ କୋଲାମ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୁନଃ ବ୍ୟବଚ୍ଛେଦ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ଚେନ୍ନାଇ,୧୮।୭

ତାମିଲନାଡୁରେ ଜଣେ ସ୍କୁଲ ଛାତ୍ରୀ ବିଲ୍ଡିଂ ଛାତରୁ ଡେଇଁ ଆତ୍ମହତ୍ୟା କରିବା ନେଇ ଏକ ଘରୋଇ ରେସିଡେନ୍ସିଆଲ ସ୍କୁଲ ବିରୋଧରେ ବିକ୍ଷୋଭ ଉଗ୍ର ହୋଇଛି। ବିଦ୍ୟାଳୟ କ୍ୟାମ୍ପସ୍ ମଧ୍ୟରେ ବହୁସଂଖ୍ୟାରେ ଆନ୍ଦୋଳନକାରୀ ପଶି ଭଙ୍ଗାରୁଜା କରିବା ସହ ଗାଡ଼ି ଆଦିରେ ନିଆଁ ଲଗାଇବାର ଦିନକ ପରେ ମାଡ୍ରାସ୍ ହାଇକୋର୍ଟ ସୋମବାର ଦ୍ୱାଦଶ ଛାତ୍ରୀଙ୍କ ପୁନର୍ବାର ଶବ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଙ୍କୁ ନିର୍ଯାତନା ଦେଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ଦୁଇ ଶିକ୍ଷକ ପି. ହରିପ୍ରିୟା(୪୦) ଏବଂ ଜେ. କ୍ରିତିକାଙ୍କୁ ଗିରଫ କରାଯାଇଛି। ସେହିପରି ସ୍କୁଲ ପରିସରରେ ହିଂସାତ୍ମକ ଆନ୍ଦୋଳନ ଅଭିଯୋଗରେ ଶତାଧିକଙ୍କୁ ପୋଲିସ ଅଟକ ରଖିଛି।

କୁଡାଲୋର ଜିଲା ପେରିୟାନେସାଲୁର ଗ୍ରାମର ୧୭ ବର୍ଷୀୟା ଆର୍. ଶ୍ରୀମତୀ ଚିନ୍ନାସାଲେମ୍ ନିକଟ କାନିୟାମୁରଠାରେ ଥିବା ଏକ ଘରୋଇ ଆବାସିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଥିଲେ। ଗତ ୧୩ ତାରିଖରେ ସେ ସ୍କୁଲ ବିଲ୍ଡିଂର ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ନିକଟରୁ ପୋଲିସ ଏକ ସୁଇସାଇଡ ନୋଟ୍ ଜବତ କରିଥିଲା। ଆର୍. ଶ୍ରୀମତୀ ତାଙ୍କ ଶ୍ରେଣୀର କେତେକ ବିଷୟରେ ଦୁର୍ବଳ ଥିଲେ ଏବଂ ଶିକ୍ଷକମାନେ ତାଙ୍କୁ ଅପମାନିତ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସୁଇସାଇଡ ନୋଟ୍‌ରେ ଲେଖାଥିବା ଜଣାପଡ଼ିଥିଲା। ପରେ ମୃତାଙ୍କ ପରିବାର ପକ୍ଷରୁ ଦୁଇ ଶିକ୍ଷକଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ପିଟି ହୋଇ ମୃତ୍ୟୁ ଘଟିଥିବା ନେଇ ପ୍ରଥମ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ପୋଲିସ କହିଥିବାବେଳେ ଏହାକୁ ପରିବାର ଓ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥିବା ସେମାନେ ଅଭିଯୋଗ କରିବା ସହ ରବିବାର ସ୍କୁଲ କ୍ୟାମ୍ପସ୍‌ରେ ତୁମୁଳକାଣ୍ଡ ଘଟାଇଥିଲେ। ପ୍ରାୟ ୧୫ ବସ୍‌ରେ ନିଆଁ ଲଗାଇଦେବା ସହ ବ୍ୟାପକ ସମ୍ପତ୍ତି ନଷ୍ଟ କରିଥିଲେ।

ଆନ୍ଦୋଳନକାରୀ ସ୍କୁଲ୍ ପରିସରରେ ଥିବା ବସ୍ ଜାଳି ଦେଇଛନ୍ତି।

ମୃତା ଛାତ୍ରୀ(ଇନ୍‌ସେଟ୍)।

ସ୍କୁଲ ଛାତ୍ରୀ ଆତ୍ମହତ୍ୟା ଘଟଣା

- ୨ ଶିକ୍ଷକ ଗିରଫ
- ସ୍କୁଲରେ ଜଳାପୋଡ଼ା, ଶତାଧିକ ଅଟକ

ହାଇକୋର୍ଟ ଜଷ୍ଟିସ୍ ସତୀଶ କୁମାର ଆନ୍ଦୋଳନକାରୀଙ୍କ ଉପରେ ବର୍ଷିବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଶିକ୍ଷାନୁଷ୍ଠାନ ପରିସରରେ ଆତ୍ମହତ୍ୟା ଘଟଣାର ତଦନ୍ତ ସିବି-ସିଆଇଡି ଏବଂ ୩ ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରାଇବେ ବୋଲି ହାଇକୋର୍ଟ କହିଛନ୍ତି।

ରାଜ୍ୟ ଖବର

କଚ୍ଚାଘରେ ୩.୪୭ ଲକ୍ଷ ସହରବାସୀ

ଯାଜପୁର ଅଫିସ,୧୮।୭

- ଆବାସ ଯୋଜନା ଲକ୍ଷ୍ୟ ଭ୍ରଷ୍ଟ
- ଜାଗା ମିଶନରେ ମିଳୁନି ସୁଫଳ
- ଘର ବଣ୍ଟନରେ ବ୍ୟାପକ ଅନିୟମିତତା

ରାଜ୍ୟର ସହରାଞ୍ଚଳରେ ୪,୫୧,୪୯୩ ପକ୍କାଘର କିମ୍ବା ନିଜସ୍ୱ ଗୃହ ନ ଥିବା ପରିବାରଙ୍କୁ ଚିହ୍ନଟ କରାଯାଇଛି। ଏହି ପରିବାରମାନଙ୍କ ମଧ୍ୟରୁ ବେସିକ ସର୍ଭିସ ଟୁ ଅର୍ବାନ ପୁଅର୍ (ବିଏସ୍‌ୟୁପି) ଯୋଜନାରେ ୧୭୭୮, ଇଣ୍ଟିଗ୍ରେଟେଡ୍ ହାଉସିଂ ଆଣ୍ଡ ସ୍ଲମ୍ ଡେଭଲପମେଣ୍ଟ ପ୍ରୋଗ୍ରାମ(ଆଇଏଚ୍‌ଏସ୍‌ଡିପି)ରେ ୧୧,୨୯୬, ରାଜୀବ ଆବାସ ଯୋଜନା (ଆର୍‌ଏୱାଇ)ରେ ୫,୨୪୧, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ୮୫,୩୩୨ ଘର ଆଦିକୁ ମିଶାଇ ମୋଟ ୧,୦୩,୬୪୭ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଅର୍ଥାତ୍ ଏଯାଏ ୩,୪୭,୮୪୬ ସହରବାସୀ କଚ୍ଚାଘରେ ଜୀବନ ବିତାଉଛନ୍ତି। ଚଳିତ ବିଧାନସଭାରେ ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ତାରାପ୍ରସାଦ ବାହିନୀପତି ଓ ମୁକେଶ ମହାଲିଙ୍ଗଙ୍କ ପ୍ରଶ୍ନର ଉତ୍ତରରୁ ଏହି ତଥ୍ୟ ମିଳିଛି। ଏଥିରୁ ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇଦେବା ଲକ୍ଷ୍ୟ ବିଫଳ ହୋଇଥିବା ସ୍ପଷ୍ଟ ହେଉଛି। ୨୦୨୧ ସୁଦ୍ଧା ସହରାଞ୍ଚଳରେ ସମସ୍ତ ଝୁଗ୍ଗିବାସୀଙ୍କୁ ପକ୍କାଘର ଯୋଗାଇ ଦେବାକୁ ଦିଆଯାଇଥିବା ପ୍ରତିଶ୍ରୁତି ଏଠାରେ ଫମ୍ପା ମାଠିଆ ସଦୃଶ ହୋଇଛି। ଏହାବାଦ୍ ବାସଗୃହ ଯୋଗାଇ ଦେବାରେ କେତେକ ସହରାଞ୍ଚଳରେ ବ୍ୟାପକ ଅନିୟମିତତା ହେଉଥିବା ସହ ହାତଗୁଞ୍ଜା ନଦେଲେ ଘର ମିଳୁ ନ ଥିବା ଅଭିଯୋଗ ହୋଇଛି। ଜାଗା ମିଶନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଅଧିକାଂଶ ସହରରେ ସରକାରୀ ଜମି ଜବରଦଖଲ ଅଣାୟତ୍ତ ହୋଇଛି।

ସହରର ସୌନ୍ଦର୍ଯ୍ୟ ବଢ଼େଇବା ସହ ଝୁଗ୍ଗିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୯ରୁ ବିଭିନ୍ନ ଗୃହ ନିର୍ମାଣ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ବିଏସ୍‌ୟୁପିରେ ୧,୭୭୮ଟି ଗୃହ ଯୋଗାଇ ଦିଆଯାଇଛି। ଏଥିପାଇଁ ଭୁବନେଶ୍ୱର ଓ ପୁରୀ ସହରାଞ୍ଚଳକୁ ସାମିଲ କରାଯା

ଡ୍ରଇଂରୁମ୍ ଡେକୋରେଶନ୍

ଡ୍ରଇଂରୁମ୍ ହେଉଛି ଗୋଟିଏ ଘରର ମୁଖ୍ୟ ଆକର୍ଷଣ। ତେଣୁ ଏହାକୁ ସଜାଇବା ବେଳେ କେତୋଟି କଥା ପ୍ରତି ଧ୍ୟାନ ଦେଲେ ତାହା ଅଧିକ ସୁନ୍ଦର ତଥା ଆଇକ୍ୟାଚି ଲାଗିବ। ଜାଣନ୍ତୁ କିପରି ସଜାଇବେ ଡ୍ରଇଂରୁମ୍...

➤ପ୍ରଥମ କଥା ହେଉଛି ଡ୍ରଇଂରୁମକୁ ଫାଙ୍କା ଫର୍ଜା ରଖିବାକୁ ଚେଷ୍ଟା କରନ୍ତୁ। ଯଦିଓ ଶୋ ପିସ୍, ୱାଲ୍‌ହ୍ୟାଙ୍ଗିଙ୍ଗ୍ ଆଦି ଡ୍ରଇଂରୁମର ଶୋଭା ବଢ଼ାଇଥାଏ, ହେଲେ ଆବଶ୍ୟକତାଠାରୁ ଅଧିକ ରଖିବା ଦ୍ୱାରା ଜାକି ହେବା ଭଳି ଲାଗିଥାଏ। ସେହିପରି ଫର୍ନିଚର, ଟିଭି ଏବଂ ଅନ୍ୟାନ୍ୟ ଡେକୋରେଟିଭ୍ ସାମଗ୍ରୀକୁ ଏପରି ସଜାନ୍ତୁ, ଯେପରି ସେସବୁ ନା କେବଳ ସୁନ୍ଦର ଦେଖାଯିବ ବରଂ ଚଲାବୁଲା କରିବା ସମୟରେ ଆପଣଙ୍କ ସଂସ୍ପର୍ଶରେ ଆସିବ ନାହିଁ। ଏହାଦ୍ୱାରା ଡ୍ରଇଂରୁମ୍ ସ୍ପେଶିଅସ୍ ଏବଂ ଆଟ୍ରାକ୍ଟିଭ୍ ଲାଗିବ।

➤ଡ୍ରଇଂରୁମରେ ଝରକା କିମ୍ବା ଟ୍ରାନ୍ସପ ରେଣ୍ଟ ଗ୍ଲାସ୍ ଲଗାନ୍ତୁ, ଯେପରି ଡ୍ରଇଂରୁମ୍‌କୁ ବାହାର ଲାଇଟ୍ ଆସିପାରିବ। ଯଦି ଏପରି ସୁବିଧା ନାହିଁ, ତେବେ ଫଲ୍ସ ସିଲିଂ କରି କଲରଫୁଲ୍ ଲାଇଟ୍ ବ୍ୟବସ୍ଥା କଲେ ଡ୍ରଇଂରୁମ୍ ଅଧିକ ଆକର୍ଷଣୀୟ ଲାଗିବ।

➤ଡ୍ରଇଂରୁମ୍ ସଜାଇବା ଲାଗି ଫୁଲଦାନି ବାଛୁଥିଲେ ମନେରଖନ୍ତୁ, ଅନେକ ପ୍ରକାରର ଫୁଲଦାନି ଏକସଙ୍ଗେ ଅବା ରୁମ୍ ଭିତରେ ଭର୍ତ୍ତି କରି ରଖନ୍ତୁ ନାହିଁ। ଗୋଟିଏ କିମ୍ବା ଦୁଇଟି ଫୁଲଦାନି ରଖନ୍ତୁ। ମଲ୍ଟି କଲର ଫୁଲ ସହ ପତ୍ର ମଲ୍ଟିକଲର ନ ରଖି କେବଳ ଗ୍ରୀନ୍ ହିଁ ରଖିଲେ ଅଧିକ ଆଇକ୍ୟାଚି ଲାଗିବ। ଯଦି ସିଙ୍ଗଲ କଲର ଫୁଲ ରଖୁଛନ୍ତି, ତେବେ ମଲ୍ଟି କଲର ପତ୍ର ରଖିପାରିବେ।

➤ଡ୍ରଇଂରୁମକୁ ସୁନ୍ଦର କରିବା ଲାଗି ଏହାର ପରଦାଗୁଡ଼ିକ ମଧ୍ୟ ମୁଖ୍ୟ ଭୂମିକା ବହନ କରିଥାଏ। ତେଣୁ ରୁମ୍ କାନ୍ଥର କଲର ସହ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ପରଦା ବାଛନ୍ତୁ। ଏହାବ୍ୟତୀତ ସୁନ୍ଦର କାର୍ପେଟ୍ ମଧ୍ୟ ଡ୍ରଇଂରୁମ୍‌ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ।

ବର୍ଷାଦିନେ ଗର୍ଭବତୀଙ୍କ ଯତ୍ନ

କିଛିଦିନ ହେବ ଲାଗିରହୁଛି ପ୍ରବଳ ବର୍ଷା, ଯାହାକି ସଭିଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ବିଶେଷକରି ରୋଗ ପ୍ରତିରୋଧକ ଶକ୍ତି କମ୍‌ଥିବାରୁ ଏହା ଅଧିକ ପ୍ରଭାବିତ କରୁଛି ଭାବୀ ମା'ମାନଙ୍କୁ। ତେଣୁ ଏ ସମୟରେ ଗର୍ଭବତୀ ନାରୀମାନଙ୍କୁ ଉଭୟ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଭାବରେ ସତର୍କ ରହିବା ଆବଶ୍ୟକ...

– ଡା. ସରୋଜିନୀ ଷଡ଼ଙ୍ଗୀ

ଖାଦ୍ୟ ପ୍ରତି ଦିଅନ୍ତୁ ବିଶେଷ ଧ୍ୟାନ: ବର୍ଷା ସମୟରେ ଗର୍ଭବତୀ ନାରୀମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଝାଡ଼ା, ବାନ୍ତି, ଜଣ୍ଡିସ୍, ଜ୍ୱର ଆଦି ଅନେକ ଖାଦ୍ୟଜନିତ ସଂକ୍ରମଣ ରୋଗ ହୋଇଥାଏ। ତେଣୁ ନିଜ ସହ ଗର୍ଭସ୍ଥ ଶିଶୁର ଶରୀରକୁ ଶକ୍ତି ଯୋଗାଇ ଦେବା ଭଳି ସୁଷମ ତଥା ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ଏହାଛଡ଼ା ବେଶି ତେଲ ମସଲାଯୁକ୍ତ, ବାସିଖାଦ୍ୟ ଆଦି ନ ଖାଇ ସଦ୍ୟ ପ୍ରସ୍ତୁତ ଗରମ ଖାଦ୍ୟ ଖାଇବା ସହ ଗରମ ସୁପ୍ ପିଇବା ଭଲ। ବଜାରରେ ମିଳୁଥିବା ଖାଦ୍ୟ ବି ଏ ସମୟରେ ହାନିକାରକ। କାରଣ ଏଥିରେ ବ୍ୟବହୃତ ହେଉଥିବା ସମସ୍ତ ଜିନିଷରେ ପ୍ରଚୁର ପରିମାଣରେ ତେଲ ଓ ମସଲା ସହ ସଂକ୍ରମିତ ପାଣି ବ୍ୟବହାର ହେଉଥିବାରୁ ସଂକ୍ରମଣଜନିତ ରୋଗ ହେବାର ଆଶଙ୍କା ବେଶି ଥାଏ । ବେଳେବେଳେ କଟା ହୋଇଥିବା ଫଳ ବହୁତ ସମୟ ବାହାରେ ରହିବା ଦ୍ୱାରା ବି ସଂକ୍ରମଣ ହୋଇଥାଏ। ତେଣୁ ବାହାରେ ରହିଥିବା କଟାଫଳ ଖାଇବା ଅନୁଚିତ। କାକୁଡ଼ି, ଟମାଟୋ ଓ ପିଆଜ ଆଦି ଗରମ ପାଣିରେ ଧୋଇ ସାଲାଡ ପ୍ରସ୍ତୁତ କରିବା ଦରକାର । ବିଶେଷ ଭାବରେ ଶାଗଜାତୀୟ ଖାଦ୍ୟ ଯଥା– ପାଳଙ୍ଗଶାଗ, ବିଭିନ୍ନ ପ୍ରକାର ଶାଗ, ବନ୍ଧାକୋବି, ଫୁଲକୋବି ଆଦି ପରିବା ପତ୍ରରେ ଛୋଟ ଛୋଟ ପୋକ ଓ ଜୀବାଣୁ ଥିବାରୁ ଏହାକୁ ରାନ୍ଧିବା ପୂର୍ବରୁ ଗରମ ପାଣିରେ ୩–୪ ଥର ଭଲଭାବେ ଧୋଇବା ଆବଶ୍ୟକ। ଏହି ସମୟରେ ମଟନ ଓ ଚିକେନ୍ ମଧ୍ୟ ବେଶି ପରିମାଣରେ ଖାଇବା ଠିକ୍ ନୁହେଁ– ଏହା ହଜମ ନ ହୋଇ ଅଜୀର୍ଣ୍ଣ ରୋଗ, ଝାଡା ଓ ବାନ୍ତିର କାରଣ ସାଜିଥାଏ।

ପିଅନ୍ତୁ ପର୍ଯ୍ୟାପ୍ତ ପାଣି: ବର୍ଷା ଅଧିକ ହେଲେ ଅନେକେ ଜଳବାୟୁ ଆର୍ଦ୍ର ଥିବାରୁ ପାଣି ପିଇବାରେ ଅବହେଳା କରି ବସନ୍ତି। ହେଲେ ମନେରଖନ୍ତୁ ଏ ସମୟରେ ପରିବେଶର ଉଷ୍ମତା କମିଯିବାରୁ ବେଶି ପାଣି ପିଇବା ଓ ପାନୀୟ ଜିନିଷ ବ୍ୟବହାର କରିବା ଆବଶ୍ୟକ। ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେସନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ– ତେଣୁ ସେମାନେ ଫଳରସ, ପଇଡ଼, ପାଣି, ଲେମ୍ବୁ ସରବତ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର। ହେଲେ ବଜାରରେ ମିଳୁଥିବା ଦହି ଓ ଲସି ପିଇବା ଠିକ୍ ନୁହେଁ।

ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ: ଗର୍ଭବତୀମାନେ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ । ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଗରମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ । କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ଡିସ୍–ଇନଫ୍ୟାକ୍ଟାଂଟ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ, ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନୀରୋଗ ରଖିଥାଏ। ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ। କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ । ଏହା ସହ ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୁଅନ୍ତୁ। ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରିମ ବ୍ୟବହାର କରିପାରିବେ। ସର୍ବଦା କଟନ୍ ବା ସୂତା କପଡା ପିନ୍ଧିବା ଭଲ ।

ମନେରଖନ୍ତୁ...

– ଗର୍ଭାବସ୍ଥାରେ ହେଭି ମେକ୍‌ଅପ୍ ବା ଗାଢ଼ ପ୍ରସାଧନ ବ୍ୟବହାର କରିବା ଠିକ୍ ନୁହେଁ। ବିଶେଷକରି ମସ୍କାରା ଓ ଫପ୍, ଆଇ–ଲାଇନର ଓ ଲିପଷ୍ଟିକ୍‌ରୁ ସଂକ୍ରମଣର ଭୟ ଥାଏ, ତେଣୁ ହାଲୁକା ମେକ୍‌ଅପ୍ ନିଅନ୍ତୁ।

– ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖନ୍ତୁ। ଯଦି ପ୍ରସବର ସମ୍ଭାବନା ତାରିଖ ନିକଟରେ ଥାଏ, ତେବେ ସବୁ ପ୍ରକାର ପ୍ରସ୍ତୁତି କରିରଖନ୍ତୁ। ଯଥା– ଡାକ୍ତରଙ୍କର ଫୋନ୍ ନମ୍ବର, ହସ୍ପିଟାଲ, ଆମ୍ବୁଲାନ୍ସର ଫୋନ୍ ନମ୍ବର ଏବଂ ହସ୍ପିଟାଲ ଯିବା ପାଇଁ ଗାଡ଼ିଠାରୁ ଆରମ୍ଭ କରି ସବୁ ଜିନିଷର ପ୍ରସ୍ତୁତି ଆଗରୁ କରି ରଖନ୍ତୁ।

ବର୍ଷାଦିନକୁ ନ ଡରି ଏହାର ମୁକାବିଲା କରିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ସହ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିଲେ ଗର୍ଭବତୀ ମା'ଟିଏ ନିଜ ସହ ଗର୍ଭସ୍ଥ ଶିଶୁକୁ ବି ସୁରକ୍ଷିତ ରଖିପାରିବ ସେଥିରେ ସନ୍ଦେହ ନାହିଁ।

– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍‌ରୋଡ଼, କଟକ– ୧୨
ମୋ– ୯୪୩୭୦୫୫୦୦୭

ଖାଦ୍ୟରୁଚି

ବଟର ଚିକେନ୍

ଆବଶ୍ୟକ ସାମଗ୍ରୀ: ୨ ବଡ଼ ଚାମଚ ତେଲ, ୧ ବଡ଼ ଚାମଚ ବଟର, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ପିଆଜ, ୧ ଛୋଟ ଚାମଚ ଅଦା ପେଷ୍ଟ, ୨–୩ କୋଲା ରସୁଣ ପେଷ୍ଟ, ୫୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨୦୦ ଗ୍ରାମ୍ ଟମାଟୋ ପେଷ୍ଟ କିମ୍ବା ସସ୍, ୧ ଚାମଚ ଗରମ ମସଲା, ୧ ଛୋଟ ଚାମଚ ଲଙ୍କାଗୁଣ୍ଡ, ୧ ଛୋଟ ଚାମଚ ଲେଖାଏଁ ଜିରା, ମେଥି, ଲୁଣ, ୧/୪ ଛୋଟ ଚାମଚ ଗୋଲମରିଚ ଗୁଣ୍ଡ, ୧ କପ୍ କ୍ରିମ୍।

ପ୍ରସ୍ତୁତି ପ୍ରଣାଳୀ: ଚୁଲାରେ ଏକ ପ୍ୟାନ୍ ଗରମ କରି ସେଥିରେ ତେଲ ଓ ବଟର ପକାନ୍ତୁ। ଏହା ଗରମ ହୋଇଗଲେ ଛୋଟ ଛୋଟ କଟା ହୋଇଥିବା ପିଆଜ ପକାଇ ୨ ମିନିଟ୍ ଭାଜନ୍ତୁ। ସେଥିରେ ରସୁଣ, ଅଦା । ପକାଇ ଆଉ କିଛି ସମୟ ଭାଜନ୍ତୁ। ବର୍ତ୍ତମାନ ଚିକେନ୍, ଟମାଟୋ ସସ୍ ଏବଂ ଅନ୍ୟ ମସଲାଗୁଡିକୁ ପକାଇ ଭଲ ଭାବେ ମିଶାନ୍ତୁ ଯେପରି ସବୁକିଛି ଭଲ ଭାବେ ଭାଜି ହେବ। ବର୍ତ୍ତମାନ କ୍ରିମ୍ ଢାଳି ଭଲଭାବେ ଗୋଳାଇ ଘୋଡାଇ ଦିଅନ୍ତୁ ଏବଂ ଚୁଲାକୁ ସିମ୍ କରି ୮–୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ନ୍ତୁ। ମଝିରେ ମଝିରେ ଗୋଳାଇବାକୁ ଭୁଲନ୍ତୁ ନାହିଁ, ନଚେତ୍ ମସଲା ତଳେ ଲାଗିଗଲେ ତରକାରିରୁ ପୋଡ଼ାଗନ୍ଧ ଆସିବ। ତରକାରି ଭଲ ଭାବେ ଫୁଟି ବହଳିଆ ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ବଟର ଚିକେନ୍। ଏହାକୁ ରୁଟି, ନାନ୍ ସହିତ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

ତ୍ୱଚାର ଗ୍ଲୋ ବଢ଼ାଏ ଅଲିଭ୍ ଅଏଲ୍

ଲୋ ଫ୍ୟାଟ୍ ଡାଏଟ୍‌ରେ ବ୍ୟବହାର ହେଉଥିବାରୁ ଅଲିଭ୍ ଅଏଲ୍‌ର ଡିମାଣ୍ଡ ବେଶି। ହେଲେ ଆପଣ ଜାଣନ୍ତିକି ଏଥିରେ ଭରି ରହିଛି ଏଭଳି ଅନେକ ଉପାଦାନ, ଯାହାକି ଆପଣଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବରଦାନ ସଦୃଶ...

➔ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଅଲିଭ୍ ଅଏଲ୍ ବେଶ୍ ଉପକାରୀ। ଏଥିରେ ଥିବା ଆଣ୍ଟି ଏଜିଂ ଏବଂ ଆଣ୍ଟି ଇଫ୍ଲାମେଟୋରି ଉପାଦାନ ଆଖିର ସୂକ୍ଷ୍ମ ତ୍ୱଚାକୁ ପୋଡ଼ାଜଳା ଏବଂ କୁଞ୍ଚନ ହେବାଠାରୁ ଦୂରେଇ ରଖେ। ଏହାକୁ ବ୍ୟବହାର କଲେ ଆଖିପତା ଓ ଆଇବ୍ରୋ କଳା ଏବଂ ଗହଳ ହୋଇଥାଏ। କାଜଲ୍, ଆଇଲାଇନର, ମସ୍କରା ଆଦି ଛଡ଼ାଇବା ପାଇଁ ଅଲିଭ୍ ଅଏଲ୍ ବ୍ୟବହାର କରିପାରିବେ।

➔୦୦ ଅଧିକ ଶୁଷ୍କ ଲାଗିବା, ଫାଟିବା ଏବଂ ଚୋପା ଛାଡ଼ିବା ଭଳି ସମସ୍ୟା ଥିଲେ ଏଣୁତେଣୁ ପ୍ରଡକ୍ଟ ମଧ୍ୟ ବ୍ୟବହାର ନ କରି ଅଲିଭ୍ ଅଏଲ୍ ଲଗାନ୍ତୁ। ଏଥିରେ ଥିବା ଭିଟାମିନ୍ ଇ ୦୦କୁ ନରମ ରଖିବା ସହ ସୂର୍ଯ୍ୟ କିରଣରୁ ଆସୁଥିବା କ୍ଷତିକାରକ ରଶ୍ମିରୁ ସୁରକ୍ଷା ଦେଇଥାଏ।

➔ଯଦି ଆପଣଙ୍କ ତ୍ୱଚା ଶୁଷ୍କ ଏବଂ ଆପଣ ନିୟମିତ ଅନ୍ତରାଳରେ ସ୍ନା କରାଇ ପାରୁନାହାନ୍ତି, ତେବେ ଏହାର ସବୁଠୁ ଭଲ ବିକଳ୍ପ ହେଉଛି ଅଲିଭ୍ ଅଏଲ୍। ଏଥିରେ ଅଳ୍ପ ସମୁଦ୍ର ଲୁଣ ମିଶାଇ ମୁହଁକୁ ଧୀରେ ଧୀରେ ମସାଜ୍ କଲେ ଶୁଷ୍କ ମୃତ କୋଷିକା ବାହାରିଯିବା ଦ୍ୱାରା ତ୍ୱଚା କୋମଳ ଏବଂ ଚିକ୍କଣ ରହିବ।

➔ଗୋଟିଏ ଅଣ୍ଡା କେଶରରେ ଏକ ଚାମଚ ଅଲିଭ୍ ଅଏଲ୍ ମିଶାଇ କେଶରେ ଲଗାନ୍ତୁ। ଏହା ରୁକ୍ଷ ବା ଡ୍ରାଏ କେଶକୁ ମଶ୍ଚରାଇଜ୍ କରି ରଖିବା ସହ ମଜଭୁତ ଏବଂ ଚମକଦାର କରିଥାଏ। ଶାମ୍ପୁ କରିବା ପରେ କଣ୍ଡିଶନର ସହ ଅଲିଭ୍ ଅଏଲ୍ ମିଶାଇ ଲଗାଇଲେ ଉପକୃତ ହେବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୯/୨୦୨୨ Bhubaneswar, Tuesday, July 19/ 2022

ହର୍ଷିତ ରଞ୍ଜନ ଚାମ୍ପିୟନ

ଭୁବନେଶ୍ୱର, ୧୮।୭ (ସ୍ପୋର୍ଟ୍ସ ବ୍ୟୁରୋ) ଅଲ ଓଡିଶା ଚେସ୍ ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ରାଜେନ୍ଦ୍ର କୁମାର ସାହୁ ଦ୍ୱିତୀୟ ଏବଂ କଟକର ନିଲସୁ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ୧୫ ଜଣ ପ୍ରତିଯୋଗୀଙ୍କୁ ମଧ୍ୟ ଟ୍ରଫି ଆର୍ଥିକ ପୁରସ୍କାର ଦିଆଯାଇଥିଲା। ବିଭିନ୍ନ ବୟସବର୍ଗରେ ଭାଗ ନେଇ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ବିଜେତା ପ୍ରତିଯୋଗୀମାନେ ହେଲେ, ୭ ବର୍ଷରୁ କମ୍ କାଟେଗୋରୀରେ କଟକର ଆଦଭିକ ଆଦିତ୍ୟ ସ୍ୱାଇଁ, ୯ ବର୍ଷରୁ କମ୍ କାଟାଗୋରୀରେ ସାର୍ଥକ ମହାନ୍ତି, ୧୧ବର୍ଷରୁ କମ୍ କାଟାଗୋରୀରେ ଜୟଦିତା ପାଢ଼ୀ, ୧୩ ବର୍ଷରୁ କମ୍ କାଟେଗୋରୀରେ ପ୍ରତିସା ମିତ୍ର, ୧୫ ବର୍ଷରୁ କମ୍ କ୍ୟାଟେଗୋରୀରେ ଐଶ୍ୱର୍ଯ୍ୟ ରାଉତ। ଓଡ଼ିଶା ଚେସ୍ ଆସୋସିଏଶନ୍

ଅଲ ଓଡିଶା ଚେସ୍

ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଶଂଗ୍ରହଣ କରିଥିଲେ। ପ୍ରତିଯୋଗିତାର ମୋଟ ମୋଟ ପୁରସ୍କାର ରାଶି ୫୦ ହଜାର ଟଙ୍କା ରହିଥିଲା।

ଅଲ୍‌ଓଡ଼ିଶା ଚେସ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ।

ଏଫ୍‌ଆଇଏଚ୍ ସଭାପତି ପଦରୁ ବାତ୍ରାଙ୍କ ଇସ୍ତଫା

ନୂଆଦିଲ୍ଲୀ,୧୮।୭(ପି.ଟି) ବରିଷ୍ଠ କ୍ରୀଡ଼ା ପ୍ରଶାସକ ନରିନ୍ଦର ବାତ୍ରା ଇସ୍ତଫା ପ୍ରଦାନ କରିଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ସଭାପତି ରହିଥିବା ବାତ୍ରା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ମଧ୍ୟ ସଦସ୍ୟ ରହିଥିଲେ। ଏହି ଦୁଇ ପଦବୀ ସହିତ ବାତ୍ରା ଭାରତୀୟ ଅଲିମ୍ପିକ ସଂଘର ମଧ୍ୟ ସଭାପତି ରହିଥିଲେ। ସୋମବାର ତିନୋଟି ଅଲଗା ହାତଲେଖା ଇସ୍ତଫାପତ୍ର ଜରିଆରେ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡି ନ ଥିଲେ ହେଁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ପ୍ରଦାନ କରିଛନ୍ତି।

ପୂର୍ବରୁ ହକି ଇଣ୍ଡିଆର ଆଜୀବନ ସଦସ୍ୟ ରହିଥିବା ବାତ୍ରାଙ୍କ ସଦସ୍ୟତା ପଦକୁ ବ୍ୟାଲେଞ୍ଜ କରିଥିଲେ ପୂର୍ବତନ ହକି ଖେଳାଳି ଅସଲମ ଶେର୍ ଖାନ୍। ଅସଲମଙ୍କ ଯାଚିକା ଉପରେ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଆଜୀବନ ସଦସ୍ୟତା ପଦକୁ ଖାରଜ କରିଥିଲେ। ଏହି ସଦସ୍ୟତା ଆଧାରରେ ହିଁ ୨୦୧୭ରେ ବାତ୍ରା ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ହୋଇଥିଲେ। ତେବେ କୋର୍ଟ ଆଇଓଏର କୌଣସି ମାମଲାରେ ହସ୍ତକ୍ଷେପ ନ କରିବା ନିମନ୍ତେ କଟକଣା ଜାରିକରିବା ସହିତ ଅନିଲ ଖାନ୍ନାଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଥିଲେ। ଭାରତୀୟ ଅଲିମ୍ପିକ ସଂଘର ସଭାପତି ପଦରୁ ଓହରିବା କାରଣରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିରୁ ଓହରି ଯାଇଥିଲେ ବାତ୍ରା। ହେଲେ ଏଫ୍‌ଆଇଏଚ ସଭାପତି ପଦରୁ ବାତ୍ରା କାହିଁକି ଓହରିଲେ ତାହା ଏବେ ବି ସସପେନ୍ସ ସୃଷ୍ଟି କରୁଛି। ଆଜୀବନ ସଦସ୍ୟତା ଉପରେ ମାର୍ଚ୍ଚ ମାସରୁ ମାମଲା ଚାଲିଥିବା ବେଳେ କୋର୍ଟ ଏହା ଉପରେ ତ୍ୱରିତ ଶୁଣାଣି ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ। ଆସନ୍ତା ଜୁଲାଇ ୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଥିବା ବେଳେ ବାତ୍ରାଙ୍କ ଏହ ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଆଜୀବନ ସଦସ୍ୟତା ପଦ ଯିବା ପରେ ସେ ଅନ୍ତର୍ଜାତୀୟ ହକିର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ବାତ୍ରା ଘୋଷଣା କରିଥିଲେ। ଏପରି କି ପରବର୍ତ୍ତୀ ଆଇଓଏ ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ବାତ୍ରା ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ହକି ଉପରେ ନିଜର ସମସ୍ତ ଧ୍ୟାନ ଦେଉଥିବା ବାତ୍ରା ଅଚାନକ ଏଭଳି ନିଷ୍ପତ୍ତି ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦାୟିତ୍ୱରେ ଥିବା ସମୟରେ ବାତ୍ରାଙ୍କ ବିରୋଧରେ ଅନେକ ସମୟରେ ଦୁର୍ନୀତି ଅଭିଯୋଗ ଆସିଥିଲା। ସାଧାରଣ ଲୋକଙ୍କ ଅର୍ଥ ତୋସରପାତ ଅଭିଯୋଗରେ ଏପ୍ରିଲରେ ସିବିଆଇ ତଦନ୍ତ କରାଯାଇଥିଲା। ଏହା ପୂର୍ବରୁ ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠର ଅଭିଯୋଗ ମଧ୍ୟ ଆସିଥିଲା।

ନରିନ୍ଦର ବାତ୍ରା

ବାତ୍ରା ଭବନରେ ସିବିଆଇ ଚଢ଼ାଉ

ନରିନ୍ଦର ବାତ୍ରା ଇସ୍ତଫା ଦେବା ପରେ ତାଙ୍କ ଘରେ ହୋଇଛି ସିବିଆଇ ରେଡ୍। ଅର୍ଥ ତୋସରପାତ ମାମଲାରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ହକି ଇଣ୍ଡିଆର ୩୫ ଲକ୍ଷ ଟଙ୍କା ବ୍ୟକ୍ତିଗତ ବ୍ୟବହାର ପାଇଁ ବାତ୍ରା ଖର୍ଚ୍ଚ କରିଥିବା ଅଭିଯୋଗ ଆସିଥିଲା। ଏହା ପୂର୍ବରୁ ଏପ୍ରିଲ ମାସରେ ବାତ୍ରାଙ୍କ ଘରେ ପ୍ରଥମ ଥର ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସୋମବାର ବାତ୍ରାଙ୍କ ଇସ୍ତଫା ପରେ ଦିଲ୍ଲୀ ଓ ଜମ୍ମୁର ୫ଟି ସ୍ଥାନରେ ଚଢ଼ାଉ କରାଯାଇଛି।

ପଏଣ୍ଟ ବାଣ୍ଟିଲେ ଓଡ଼ିଶା ପୋଲିସ, ରାଇଜିଂ ଷ୍ଟୁଡେଣ୍ଟ୍ସ

ଭୁବନେଶ୍ୱର, ୧୮।୭ (ସ୍ପୋର୍ଟସ ବ୍ୟୁରୋ) ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ରେ ସୋମବାର ମାତ୍ର ଗୋଟିଏ ମୁକାବିଲା ଖେଳାଯାଇଛି। ଏହି ମୁକାବିଲାଟି ୧-୧ରେ ଅମୀମାଂସିତ ରହିଥିବା ବେଳେ ପରସ୍ପର ସହିତ ପଏଣ୍ଟ ବାଣ୍ଟିଛନ୍ତି ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟସ୍। ଓଡ଼ିଶା ପୋଲିସ୍ ପକ୍ଷରୁ ଭୋଲେ ଶଙ୍କର ମାଝୀ ମ୍ୟାଚର ୧୯ ତମ ମିନିଟରେ

ଫାଓ ଲିଗ୍ ୨୦୨୨

ଗୋଲ ସ୍କୋର କରି ଅଗ୍ରଣୀ ପ୍ରଦାନ କରିଥିବା ବେଳେ ଏହାର ୧୪ ମିନିଟ ପରେ ଆର୍ତ୍ତତ୍ରାଣ ନାୟକ ଏହି ଗୋଲଟି ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଲ ସ୍କୋର କରିବାର ପ୍ରୟାସ କରିଥିଲେ ହେଁ ସଫଳ ହୋଇନଥିଲେ।

ମଙ୍ଗଳବାର ଫାଓ ଲିଗରେ ଗୋଟିଏ ମାତ୍ର ମୁକାବିଲା ଖେଳାଯିବାକୁ ଥିବା ବେଳେ ମ୍ୟାଚ ନମ୍ବର ୧୯ରେ ପରସ୍ପରର ସାମ୍ନା କରିବେ ଇଷ୍ଟକୋଷ୍ଟ ରେଲୱେ ଓ ରୋଭର୍ସ କ୍ଲବ୍। ଅପରାହ୍ନ ୩ଟାରେ ଏହି ମୁକାବିଲା ଖେଳାଯିବ।

ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ମାରିଆ ଗ୍ରାନାଟୋଙ୍କୁ ପୁରସ୍କୃତ କରୁଛନ୍ତି ଦିଲୀପ ତିର୍କୀ।

ମାରିଆଙ୍କୁ ପୁରସ୍କୃତ କଲେ ଦିଲୀପ

ଭୁବନେଶ୍ୱର, ୧୮।୭ (ସ୍ପୋର୍ଟ୍ସ ବ୍ୟୁରୋ) ସ୍ପେନର ଟେରେସାଠାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ୨୦୨୨ରେ ଆର୍ଜେଣ୍ଟିନାର ମାରିଆ ଗ୍ରାନାଟୋ ଓଡ଼ିଶା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ତଥା ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ଦିଲୀପ ତିର୍କୀ ପୁରସ୍କୃତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଏହି ପୁରସ୍କାର ପ୍ରଦାନ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ସେ ଗୌରବାନ୍ୱିତ ମନେ କରୁଛନ୍ତି। ଜଣେ ଖେଳାଳି ହିସାବରେ ଏହି ମୁହୂର୍ତ୍ତ ତାଙ୍କ ପାଇଁ ସ୍ୱତନ୍ତ୍ର। ଟେରେସାକୁ ଆଧୁନୀକ ହକିର ଘର ବୋଲି ସେ କହିଛନ୍ତି। ସେଠାରେ ତାଙ୍କର ଅନେକ ସୁନ୍ଦର ଅନୁଭୂତି ରହିଛି। ଓଡ଼ିଶା କେବଳ ଜାତୀୟ ହକି ଦଳଗୁଡ଼ିକର ପ୍ରାୟୋଜକ ନୁହେଁ ବିଶ୍ୱରେ ଖେଳର ଲୋକପ୍ରିୟତା ବୃଦ୍ଧି ପାଇଁ ଏଫ୍‌ଆଇଏଚ୍‌ର ଏକ ଅଫିସିଆଲ ପାର୍ଟନର ରହିଛି। ଏହି ଅବସରରେ ପାକିସ୍ତାନର କିମ୍ବଦନ୍ତୀ ଷ୍ଟାର ଷ୍ଟ୍ରାଇକର ଶାହାବାଜ ଖାଁ ମଧ୍ୟ ଉପସ୍ଥିତ ଥିଲେ।

ଦିନିକିଆରୁ ଷ୍ଟୋକ୍ସଙ୍କ ଅବସର ଘୋଷଣା

ଲଣ୍ଡନ, ୧୮।୭ (ପି.ଟି.): ଷ୍ଟାର ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ସୋମବାର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଆକସ୍ମିକ ଅବସର ଘୋଷଣା କରିଛନ୍ତି। ୩୧ ବର୍ଷୀୟ କ୍ରିକେଟର ମଙ୍ଗଳବାର ତାଙ୍କ ହୋମ୍ ଗ୍ରାଉଣ୍ଡ ଡରହାମ୍‌ଠାରେ ତାଙ୍କ ଶେଷ ଅନ୍ତର୍ଜାତୀୟ ଦିନିକିଆ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବେ। ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ୨୦୧୯ ବିଶ୍ୱକପ୍ ଫାଇନାଲରେ ତାଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରଦର୍ଶନ ପାଇଁ ଷ୍ଟୋକ୍ସଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ସବୁଦିନେ ମନେ ରହିବ। ତାଙ୍କୁ ଅପରାଜିତ ୮୪ ରନ ଯୋଗୁ ମ୍ୟାଚ ସୁପର ଓଭରକୁ ଯାଇଥିଲା। ଇଂଲଣ୍ଡ ପ୍ରଥମ ଥର ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଇଂଲଣ୍ଡ ଟେଷ୍ଟ ଅଧିନାୟକ ଷ୍ଟୋକ୍ସ ୧୦୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୯୧୯ ରନ ସଂଗ୍ରହ କରିଛନ୍ତି ଏବଂ ୭୪ ଉଇକେଟ ଅକ୍ତିଆର କରିଛନ୍ତି।

ବେନ୍ ଷ୍ଟୋକ୍ସ

ଇତିହାସ ରଚିଲେ ଶେଲୀ ଆନ୍ ଫ୍ରେଜର୍

ଇୟୁଜିନ୍, ୧୮।୭(ପି.ଟି): ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ଇତିହାସ ରଚିଲେ କାରିବିୟାନ ଧାବିକା ଶେଲୀ ଆନ୍ ଫ୍ରେଜର ପ୍ରାଇସ୍। ଜାମାଇକାର ଏହି ଧାବିକା ୩୫ ବର୍ଷ ବୟସରେ ନିଜର ପଞ୍ଚମ ପଦକ ହାସଲ କରି ସୃଷ୍ଟି କରିଛନ୍ତି ଇତିହାସ। ଏହା ସହିତ ୧୦୦ ମିଟର ମହିଳା ବର୍ଗରେ ପଦକ ପୋଛି ନେଇଛି ଜାମାଇକା। ଫାଇନାଲରେ ୧୦.୬୭ ସେକେଣ୍ଡର ଟାଇମିଂ ସହିତ ଫ୍ରେଜର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜାମାଇକା ମହିଳା ୧୦୦ ମିଟର ବର୍ଗରେ ପଦକ ପୋଛି ନେଇଛି।

ମେରାଜ ଖାଁଙ୍କୁ ସ୍କିଟ୍‌ରେ ସ୍ୱର୍ଣ୍ଣ

ଚାଙ୍ଗଓନ, ୧୮।୭ (ପି.ଟି.) ଭେଟେରାନ ଶୁଟର ମେରାଜ ଅହମଦ ଖାଁ ଚଳିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଦେଶ ପାଇଁ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ୪୦ଶଟ୍ ବିଶିଷ୍ଟ ଫାଇନାଲ ଇଭେଣ୍ଟରେ ଉତ୍ତର ପ୍ରଦେଶର ଏହି ୪୬ବର୍ଷୀୟ ଶୁଟର ୩୭ ପଏଣ୍ଟ ସ୍କୋର କରିଥିଲେ। କୋରିଆର ମିନ୍‌ସୁ କିମ୍ ୩୬) ଓ ବ୍ରିଟେନର ବେନ୍ ଲିଣ୍ଡେଲିନ୍ (୨୬) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଦୁଇଥର ଅଲିମ୍ପିଆନ୍ ଏହି ବର୍ଷ ଚାଙ୍ଗଓନଠାରେ ଭାରତୀୟ ଦଳର ସର୍ବପୁରାତନ ସଦସ୍ୟ। ରିଓ ଡି ଜେନିରୋଠାରେ ଅନୁଷ୍ଠିତ ୨୦୧୬ ବିଶ୍ୱକପ୍‌ରେ ସେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ମେରାଜଙ୍କ ପୂର୍ବରୁ ଅଞ୍ଜୁମ ମୋଦ୍‌ଗିଲ୍, ଆଶି ଚୋକ୍‌ସି ଓ ସିଫ୍ଟ କୌର ସମରାଙ୍କୁ ନେଇ ଭାରତୀୟ ଦଳ ମହିଳା ୫୦ ମିଟର ରାଇଫଲ ୩ପି ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚରେ ଭାରତୀୟ ଦଳ ଶିଲିନ୍ ଓବ୍ରେଲ, ନାଡିନ୍ ଅନ୍‌ଜେରାଙ୍କ୍ ଓରେବିକା କୋଏକଙ୍କୁ ନେଇ ଗଠିତ ଅଷ୍ଟ୍ରିଆ ଟିମ୍‌କୁ ୧୬-୬ରେ ହରାଇ ଦେଇଥିଲା। ସୋମବାର ଅନ୍ୟ ଫଳାଫଳ ଗୁଡ଼ିକ ମଧ୍ୟରେ ବିଜୟବୀର ସିନ୍ଧୁ ର୍ୟାଙ୍କିଙ୍ଗ ରାଉଣ୍ଡକୁ ଯାଇଥିଲେ ମଧ୍ୟ ପଦକ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥିଲେ। ଅନ୍ୟପକ୍ଷରେ ପୁରୁଷ ୨୫ ମିଟର ରାପିଡ୍ ଫାୟାର ପିସ୍ତଲରେ ଆନିଶ ଓ ସମୀର ସେମାନଙ୍କ ପ୍ରଥମ ବାଧା ଅତିକ୍ରମ କରିପାରି ନ ଥିଲେ। କ୍ୱାଲିଫାଇଂରେ ବିଜୟବୀର ୫୮୪ ଶଟ୍ କରି ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଆନିଶ ୫୮୨ ଶଟ୍ ସହ ଦ୍ୱାଦଶ ଏବଂ ସମୀର ୫୬୬ ସହ ୩୦ତମ ସ୍ଥାନରେ ରହିଥିଲେ। ମହିଳା ସ୍ପିଟ୍ ଶୁଟିଂରେ ମୁଫାଡାଲ ଦିଶାଓ୍ୱାଲା ମୋଟ ୧୦୮ ସ୍କୋର କରି ୨୩ ତମ ସ୍ଥାନ ଅଧିକାର କରିଥିଲେ।

ସ୍ୱର୍ଣ୍ଣପଦକ ସହ ମେରାଜ ଅହମଦ ଖାଁ (ମଝି)।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ସରପଞ୍ଚଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସରପଞ୍ଚଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଜନପ୍ରତିନିଧି ।

ନୟାଗଡ଼ ଅଫିସ,୧୮।୭

ନୟାଗଡ଼ ଜିଲାର ସରପଞ୍ଚମାନଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ପ୍ରତିଷ୍ଠାନର ସହାୟତାରେ ଆୟୋଜିତ ଶିବିରକୁ ଜିଲା ପରିଷଦର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲାପାଳ ପୋମା ଗୁନ୍ଥୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ନୟାଗଡ଼ ଏବଂ ଖଣ୍ଡପଡ଼ା ବ୍ଲକର ସରପଞ୍ଚମାନେ ଯୋଗ ଦେଇଥିଲେ । ଜିଲାପାଳ ସରପଞ୍ଚମାନଙ୍କୁ କହିଥିଲେ, ଆପଣମାନେ ପ୍ରଶିକ୍ଷିତ ହୋଇ ସଶକ୍ତ ହେବା ସହ ନିଜ ପଞ୍ଚାୟତକୁ ସଶକ୍ତି କରିବା ପାଇଁ ଚେଷ୍ଟା କରନ୍ତୁ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ପ୍ରତିଷ୍ଠାନର ୨ଜଣ ତାଲିମ ଦାତା ଏହି ଶିବିରରେ ପ୍ରଶିକ୍ଷଣ ଦେଇଥିଲେ । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ପ୍ରଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ରଞ୍ଜୁଲତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ନଦୀରେ ଭାସିଯାଇ ବୃଦ୍ଧା ନିଖୋଜ

ନୟାଗଡ଼ ଅଫିସ,୧୮।୭

ଓଡ଼ଗାଁ ନିକଟସ୍ଥ ଆମ୍ବେରାପୁର କୁସୁମୀ ନଦୀରେ ଜଣେ ୮୦ ବର୍ଷୀୟା ବୃଦ୍ଧା ଭାସିଯାଇ ନିଖୋଜ ଅଛନ୍ତି । ସୂଚନା ଅନୁଯାୟୀ, ଆମ୍ବେରାପୁରର ଧନୁ ପଲେଇଙ୍କ ମାଆ ସୋମବାର ସକାଳେ ନଦୀକୁ ଗାଧୋଇ ଯାଇଥିଲେ । ଗୋଡ଼ ଖସି ଯିବାରୁ ସେ ସୁଅରେ ଭାସି ଯାଇଥିଲେ । ଓଡ଼ଗାଁ ଅଗ୍ନିଶମ କର୍ମଚାରୀମାନେ ନଦୀରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ ।

ବଡ଼ସିଲିଙ୍ଗାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦାବି କଲେ ବିଧାୟକ

ନୟାଗଡ଼ ଅଫିସ,୧୮।୭

ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ରହିଛି ଗଣିଆ, ନୂଆଗାଁ ଓ ଦଶପଲ୍ଲା ପରି ୩ ବ୍ଲକର ୫୦ ପଞ୍ଚାୟତ । ୫୦ ପଞ୍ଚାୟତରୁ ୧୪ ଆଦିବାସୀ ଓ ୩ ମାଡା କ୍ଲଷ୍ଟର ବ୍ଲକ । ଏହି ନିର୍ବାଚନମଣ୍ଡଳୀକୁ ସ୍ୱତନ୍ତ୍ର ପ୍ୟାକେଜ ଆସୁ ନାହିଁ । ଏଭଳିସ୍ଥଳେ ବଡସିଲିଙ୍ଗା ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ପ୍ରଧାନ ବିଧାନସଭାରେ ପ୍ରଶ୍ନକାଳରେ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ବିଧାୟକଙ୍କ ସୂଚନା ଅନୁସାରେ ଗଣିଆ ବ୍ଲକର ଛାମୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବଡସିଲିଙ୍ଗାର ଦୂରତା ୩୫ କିମି ହୋଇଥିବାବେଳେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୩୦ କିମି । ସ୍ୱାସ୍ଥ୍ୟସେବାର କୌଣସି ସୁବିଧା ନ ଥିବାରୁ ବଡ଼ସିଲିଙ୍ଗାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ସେ ଦାବି କରିଛନ୍ତି ।

ବନ୍ୟା ଜଳ ହ୍ରାସ

ନୟାଗଡ଼ ଅଫିସ,୧୮।୭: ଲୁଣିଝରା ନଦୀର ବାଲିକୁଦିଆ ଗାଁ ନିକଟରେ ଥିବା ମାଳବନ୍ଧରେ ସୃଷ୍ଟି ହୋଇଥିବା ୭୫ ଫୁଟିଆ ଘାଇ ମୁକୁଳା ପଡିଛି । ନିକଟରେ ବାଲିବସ୍ତା ରଖା ଯାଇଥିଲେ ହେଁ ଘାଇ ବନ୍ଦ ହୋଇନି। ବର୍ଷା ଋତୁ ଯୋଗୁ ଗାଁ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି । କାଳେ ପୁଣି ବର୍ଷା ହୋଇପାରେ ସେ ଭୟ ଘାରିଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରୁ ବନ୍ୟା ଜଳ ହ୍ରାସ ପାଇବାରେ ଲାଗିଛି ।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.ELS-ANGL-OT-22-23-01

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS), ଅନୁଗୋଳର WAG-7 ଇଂଜିନ୍ (ଲୋକୋମୋଟିଭ) ନିମନ୍ତେ BT ଦ୍ୱାରା ନିର୍ମିତ ଡିଜି ଗୋଟି N-32 ଟାଇପ୍ ଟ୍ୟାପ୍ ଟେଞ୍ଚରଗୁଡ଼ିକର ମରାମତି, ରିହାବିଲିଟେସନ୍, ରିକଣ୍ଡିସନିଙ୍ଗ୍, ପରୀକ୍ଷଣ ଏବଂ ଯୋଗାଣ ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 60,32,507.07, EMD (ଟଙ୍କାରେ): 1,20,700/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.07.2022ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.08.2022 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS), ଅନୁଗୋଳ

PR-298/N/22-23

ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୪୨-ଜିଆର୍‌ସି-ସିଇ-ସି-ଏସ୍‌ଓ-୨୪-୨୦୨୨, ତାରିଖ: ୧୫।୦୭।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ରାଉରକେଲା-ବଣ୍ଡମୁଣ୍ଡା ମଧ୍ୟରେ ଫର୍ମେଶନରେ ମାଟିକାମ, ଛୋଟ ସେତୁ ନିର୍ମାଣ, ପି.ଓ୍ୱେ ସଂଯୋଗୀକରଣ କାର୍ଯ୍ୟ, ପି.ଓ୍ୱେ ଫିଟିଂସ୍ ଯୋଗାଣ, ପି.ଓ୍ୱେ ସାମଗ୍ରୀର ପରିବହନ, ବାଲାଷ୍ଟର ଯୋଗାଣ କାର୍ଯ୍ୟ ନିର୍ବାହ । ଆନୁମାନିକ ମୂଲ୍ୟ: ₹୨୮.୦୨ କୋଟି । ବିଡ୍ ଅମାନତ: ₹୧୫,୫୧,୨୦୦/- । ସମାପ୍ତି ଅବଧି: ୧୮ ମାସ । ସମାପ୍ତି ତାରିଖ: ୦୮।୦୮।୨୦୨୨ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-343)

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2022-11, ତା.15.07.2022ରିଖ

କାର୍ଯ୍ୟର ନାମ : 03 (ତିନି) ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଯାତ୍ରୀ ସୁବିଧା ପ୍ରଣାଳୀ (ସମ୍ବଲପୁର ଷ୍ଟେସନର ପ୍ଲାଟଫର୍ମ-1ସ୍ଥିତ CGDB ଏବଂ ରେଡ଼ାଖୋଲ, ସମ୍ବଲପୁର ସିଟି, ହୀରାକୁଦ, ବରପାଲି, ଅମ୍ବେଭଳା, ମୁନିଗୁଡ଼ା, ଭବାନୀପାଟଣା, ଜୁନାଗଡ଼ ରୋଡ଼, ଖରିଆର ରୋଡ଼, ବାଗବହରା ଏବଂ ମହାସମୁନ୍ଦ ଷ୍ଟେସନଗୁଡ଼ିକ ଠାରେ 3 ଲାଇନ୍ TIBs) ନିମନ୍ତେ ବ୍ୟାପକ ଅନ୍ ସାଇଟ୍ (On site) ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 32,30,384.30, EMD (ଟଙ୍କାରେ) : 64,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.08.2022 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ ନିୟା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-302/N/22-23

OFFICE OF THE PRINCIPAL
S.B.R. GOVT. WOMEN'S (AUTO.) COLLEGE, BERHAMPUR
GANJAM- 760001

Sealed quotations are invited preferably from Women's SHG to run the College Canteen by 30th of July 2022. The quotations will be opened on 1st of August at 4 P.M. in presence of parties if any.

Principal

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

QUOTATION CALL NOTICE FOR SUPPLY OF CLASSROOM BENCH AND DESK AT NLUO CUTTACK

Sealed quotations in prescribed format are invited for Supply of Classroom Bench and Desk at NLUO Cuttack. Last date & time of receipt is **25.07.22** at **11.00AM.** For details please visit website- www.nluo.ac.in.

Sd/-
Registrar

ଏସ୍‌ଏଲ୍‌ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୦୫/୦୬-୨୨ ତାରିଖ: ୧୩।୦୭।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ http://www.ireps.gov.in/ websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଭିପିଗୁଡ଼ିକର ଲିଜିଂ । **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.: (୧)** ଲିଜ୍-କେଜିପି-୦୫-୨୨ । **ନିଲାମ ତାରିଖ:** ୨୮।୦୭।୨୦୨୨ । **(୨)** ଲିଜ୍-କେଜିପି-୦୬-୨୨ । **ନିଲାମ ତାରିଖ:** ୨୯।୦୭।୨୦୨୨ । **ନିଲାମ ଆରମ୍ଭ ସମୟ:** ଉଭୟ କାଟାଲଗ୍ ନଂ. ପାଇଁ ୧୧.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ଉଭୟ କାଟାଲଗ୍ ନଂ. ପାଇଁ ୧୩.୧୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ୱୀକୃତିକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-346) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

ପୂର୍ବ ତଟ ରେଳପଥ

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପେ ଆଣ୍ଡ ୟୁଜ୍(Pay & Use) ଶୌଚାଳୟଗୁଡ଼ିକର ଇ-ନିଲାମ

କ୍ରମ ସଂ.	ଷ୍ଟେସନ ଏବଂ ସ୍ଥାନ	ନିଲାମ ଶେଷ ତାରିଖ ଓ ସମୟ
1	ଖୋର୍ଦ୍ଧା ରୋଡ଼ (ପ୍ଲାଟଫର୍ମ-1ରେ, ଭଦ୍ରକ ଆଡ଼କୁ)	29.07.2022, 1030 ଘଟିକା
2	ବ୍ରହ୍ମପୁର (ପ୍ଲାଟଫର୍ମ-1ରେ, ବିଶାଖାପାଟଣା ଆଡ଼କୁ)	29.07.2022, 1040 ଘଟିକା
3	ଭଦ୍ରକ (ପ୍ଲାଟଫର୍ମ-1ଏବଂ 2ରେ, ମଧ୍ୟବର୍ତ୍ତୀ)	29.07.2022, 1050 ଘଟିକା
4	ଭୁବନେଶ୍ୱର (ପ୍ଲାଟଫର୍ମ-6 ବାହାରେ)	29.07.2022, 1100 ଘଟିକା
5	ଖଲିକୋଟ (ପରିଚାଳନ କ୍ଷେତ୍ରରେ)	29.07.2022, 1110 ଘଟିକା
6	ଢେଙ୍କାନାଳ (ପ୍ଲାଟଫର୍ମ-1ରେ, ଅନୁଗୋଳ ଆଡ଼କୁ)	29.07.2022, 1120 ଘଟିକା
7	ଯାଜପୁର କେନ୍ଦୁଝର ରୋଡ଼ (ପ୍ଲାଟଫର୍ମ-1ରେ, ହାଓଡ଼ା ଆଡ଼କୁ)	29.07.2022, 1130 ଘଟିକା
8	ପାରାଦ୍ୱୀପ (ପ୍ଲାଟଫର୍ମ-1ସଂଲଗ୍ନ ଗୁଡ୍‌ସ କାର୍ଯ୍ୟାଳୟ ନିକଟରେ)	29.07.2022, 1140 ଘଟିକା
9	ଅନୁଗୋଳ (ପ୍ଲାଟଫର୍ମ-1ରେ, ତାଳଚେର ରୋଡ଼ ଆଡ଼କୁ)	29.07.2022, 1150 ଘଟିକା
10	ପଲାସା (ପ୍ଲାଟଫର୍ମ-2 ଏବଂ 3ରେ, ବୁକିଙ୍ଗ୍ କାର୍ଯ୍ୟାଳୟ ନିକଟରେ)	29.07.2022, 1200 ଘଟିକା
11	ଭୁବନେଶ୍ୱର (ପ୍ଲାଟଫର୍ମ-1ରେ, କଟକ ଆଡ଼କୁ)	29.07.2022, 1210 ଘଟିକା
12	କଟକ (ପ୍ଲାଟଫର୍ମ-1ରେ, ଭଦ୍ରକ ଆଡ଼କୁ)	29.07.2022, 1220 ଘଟିକା
13	ଇନ୍ଦ୍ରାପୁରମ୍ (ପ୍ଲାଟଫର୍ମ-1ରେ, ମଧ୍ୟବର୍ତ୍ତୀ)	29.07.2022, 1230 ଘଟିକା

ଆସେଟ୍ ବିବରଣୀ : ପେ ଆଣ୍ଡ ୟୁଜ୍ ଶୌଚାଳୟ (କ୍ରମ ସଂ.1 ଠାରୁ 13 ପାଇଁ), **ନିଲାମ ଆରମ୍ଭ ତାରିଖ ଓ ସମୟ :** 29.07.2022, 1000 ଘଟିକା (କ୍ରମ ସଂ.1 ଠାରୁ 13 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

PR-301/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼

SHRI JAGANNATH SANSKRIT UNIVERSITY
SHRI VIHAR, PURI
No.Exam. 1446/2022, S.J.S.U., Puri, Date:16.07.22
NOTIFICATION

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୨ ମସିହାର ଶାସ୍ତ୍ରୀ ପ୍ରଥମ ବର୍ଷ (Regular/Back/ Improvement) ପରୀକ୍ଷା ପାଇଁ ସଂପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯିବ ।

ଶାସ୍ତ୍ରୀ ପ୍ରଥମବର୍ଷ– ଫର୍ମ ପୂରଣ କରିବା ପୂର୍ବରୁ କଲେଜ କର୍ତ୍ତୃପକ୍ଷ ଶାସ୍ତ୍ରୀ ପ୍ରଥମ ବର୍ଷ ନିୟମିତ ଛାତ୍ରଛାତ୍ରୀମାନଙ୍କର Registration No. ବିଶ୍ୱବିଦ୍ୟାଳୟ Website: www.sjsv.nic.inରୁ ତା.୧୯.୦୭.୨୦୨୨ ରିଖଠାରୁ download କରିପାରିବେ । E-admission ମାଧ୍ୟମରେ ନାମ ଲେଖାଇ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀ ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ନିମନ୍ତେ Form fill-up କରିବା ଅନିବାର୍ଯ୍ୟ ଅଟେ । ନଚେତ୍ ସେମାନଙ୍କର ଛାତ୍ରାବସ୍ଥା ସ୍ୱତଃ ରଦ୍ଦ ହୋଇଯିବ ।

ପୂରଣ ହୋଇଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ଆବେଦନ ପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ ।

୧.(କ) ୨୦୨୨ ମସିହା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷା ପାଇଁ ଛାତ୍ର ଉପସ୍ଥାନ କରିବା ନିମନ୍ତେ ସରକାରଙ୍କଠାରୁ ପ୍ରାପ୍ତ Permanent Recognition/Temporary Recognition/Examination Permission ସଂପର୍କିତ ଆଦେଶର ନକଲ ।

(ଖ) e-admission ଜରିଆରେ ପ୍ରାପ୍ତ ହୋଇଥିବା ପଞ୍ଜୀକରଣ ତାଲିକାର ନକଲ ।

(ଗ) N.S.S. ଦେୟ ଦାଖଲ କରାଯାଇଥିବା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର N.S.S. wingରୁ ପ୍ରାପ୍ତ Clearance Certificateର ନକଲ ।

(ଘ) ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସହବନ୍ଧନ Affiliation ସମ୍ପର୍କିତ ପ୍ରମାଣପତ୍ରର ନକଲ ।

ଅନୁଷ୍ଠାନର ଅଧ୍ୟକ୍ଷମାନେ ଶାସ୍ତ୍ରୀ ପ୍ରଥମବର୍ଷର ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website:www.sjsv.nic.inରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣ କରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ Bank Draft drawn in favour of Comptroller of Finance, S.J.S.V., Puri ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ ।

ବି.ଦ୍ର. ଡାକଯୋଗେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

କାର୍ଯ୍ୟସୂଚୀ

୧. ବିଶ୍ୱବିଦ୍ୟାଳୟର Website ରୁ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ଓ ନିୟମାବଳୀ ପାଇବା ତାରିଖ	From dt.19.07.2022 to 29.07.2022
୨. ବିନା ବିଳମ୍ବ ଶୁଳ୍କରେ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ଓ ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ	From dt.19.07.2022 to 25.07.2022
୩. ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ	From dt.26.07.2022 to 27.07.2022
୪. ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ	Dt.28.07.2022
୫. ଶେଷ ବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ପୂରଣ କରିବା ତତ୍ ସମ୍ବନ୍ଧୀୟ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ–	Dt.29.07.2022
୬. ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀ ପ୍ରଥମ ବର୍ଷର ଆବେଦନ ପତ୍ର ଜିଲ୍ଲାୱାରୀ ଦାଖଲ କରିବା ତାରିଖ–	From dt.01.08.2022 to 08.08.2022

ବି.ଦ୍ର.– ନିର୍ଦ୍ଧାରିତ ଫର୍ମ, ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ, ପୂରଣ ହୋଇଥିବା ଆବେଦନ ପତ୍ର, ପରୀକ୍ଷା ଶୁଳ୍କ ଓ ଅନ୍ୟାନ୍ୟ କାଗଜପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜ

ସଂକ୍ଷେପରେ

ଏସ୍‌ଡିଜେଏମ୍‌ଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର ଅଫିସ, ୧୮।୭: ଗଞ୍ଜାମ ଜିଲା ଦୌରା ଜଜଙ୍କ କୋର୍ଟରେ ଏସ୍‌ଡ଼ିଜେଏମ୍ ପ୍ରଜ୍ଞା ପରମିତା ପ୍ରତିହାରି ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଛତ୍ରପୁର କୋର୍ଟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ଭାବେ କାର୍ଯ୍ୟରତ ଥିଲେ। ସୋମବାର କାର୍ଯ୍ୟଭାର ଗ୍ରହଣ କରିବା ପରେ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ କାର୍ଯ୍ୟରତ ଥିବା ଏପିପି ମାଳତି ପାଳ ଓ ଅନ୍ୟ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମର୍ଦ୍ଧିତ କରିଥିଲେ। ସେହିପରି ଗଞ୍ଜାମ ଓକିଲ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ, ଉପ ସଭାପତି ପ୍ରକାଶ ଚନ୍ଦ୍ର ଦାଶ ଓ ଯୁଗ୍ମ ସମ୍ପାଦକ ବି. ଦୁର୍ଗା ରାଓ ଏସ୍‌ଡ଼ିଜେଏମ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପରେ ଏସ୍‌ଡ଼ିଜେଏମ୍ ମାମଲାଗୁଡିକର ପରିଚାଳନା କରିଥିଲେ।

ଜିଲା ମହିଳା ମୋର୍ଚ୍ଚା ନୂଆ ସଭାନେତ୍ରୀ

ବ୍ରହ୍ମପୁର ଅଫିସ,୧୮।୭: ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ମହିଳା ମୋର୍ଚ୍ଚାର ନୂଆ ସଭାନେତ୍ରୀ ହେଲେ ମୀନା ଦ୍ୟାନସାମନ୍ତରା। ସୋମବାର ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ଏହି ନିଯୁକ୍ତି ପାଇଁ ମୀନା ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଭୃଗୁ ବକ୍ସିପାତ୍ର, ବିଭୂତି ଜେନା ଓ ଜିଲା ପ୍ରଭାରୀ ଅଶୋକ ମିଶ୍ର ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନାଳରୁ ଶିଶୁର ଗଳିତ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୮।୭: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏମ୍‌କେସିଜି ମେଡିକାଲ ପରିସରରୁ ସୋମବାର ଏକ ଶିଶୁର ଗଳିତ ମୃତଦେହ ପୋଲିସ ଜବତ କରିଛି। ଶିଶୁଟିକୁ ଜନ୍ମ ଦେବା ପରେ ତା'ର ମୃତ୍ୟୁ ହୋଇଥିବାରୁ କେହି ତାକୁ ମେଡିକାଲ ପରିସରରେ ଥିବା ହାଉସ ସର୍ଜନ ହଷ୍ଟେଲ ସମ୍ମୁଖରେ ଥିବା ନାଳରେ ପକାଇ ଦେଇଥିବା ପୋଲିସ ସନ୍ଦେହ କରୁଛି। ସୋମବାର ପୂର୍ବାହ୍ନରେ ଉକ୍ତ ନାଳରୁ ଦୁର୍ଗନ୍ଧ ବାହାରୁଥିବା ବେଳେ କେତେକ ଲୋକ ସେଠାରେ ପହଞ୍ଚିଥିଲେ। ନାଳରେ ଏକ ଶିଶୁ ମରି ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ ଲୋକମାନେ ପୋଲିସକୁ ଖବର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ଅନୁସନ୍ଧାନ କରୁଥିବା କହିଛି। ମୃତ ଶିଶୁଟି ୨/୩ ଦିନ ତଳେ ଜନ୍ମ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା କହିଛି।

୪ର୍ଥ ସେମିଷ୍ଟର ପରୀକ୍ଷା ପୂର୍ବରୁ ପ୍ରଶାସନିକ କୋଠାରେ ତାଲା

ବ୍ରହ୍ମପୁର ଅଫିସ,୧୮।୭

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା ଚାଲିଛି।

ଜୁନ ୨୯ ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ସଦାନନ୍ଦ ନାୟକ ଅନ୍‌ଲାଇନ୍ କ୍ଲାସ କରୁଥିବା ସମୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ହୃଷୀକେଶ ବାଡ଼ତ୍ୟା ଓ ଦିନେଶ ପାଢ଼ୀ ପିଏଚଡ଼ି ସିଟ ପାଇଁ ଝଗଡା ସହ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ କର୍ତ୍ତୃପକ୍ଷ ହୃଷୀକେଶ ଓ ଦିନେଶଙ୍କୁ ବିଶ୍ୱବିଦ୍ୟାଳୟ ପ୍ରବେଶେ ଉପରେ କଟକଣା ଲଗାଇଥିଲେ। ଏହାର ପ୍ରତିବାଦ କରି ସୋମବାର ଛାତ୍ରୀଛାତ୍ର ଚତୁର୍ଥ ସେମିଷ୍ଟର ପରୀକ୍ଷା ଦେଇ ନ ଥିଲେ। ଶତାଧିକ ଛାତ୍ରୀଛାତ୍ର ପ୍ରଶାସନିକ କୋଠାରେ ତାଲା ପକାଇ ଧାରଣା ଦେଇଥିଲେ। ଦୁଇ ଛାତ୍ରଙ୍କୁ ପରୀକ୍ଷା ଦେବାକୁ ବାରଣ କରାଯିବା ଘଟଣାକୁ ନେଇ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପିଜି କାଉନସିଲ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାନ୍ତି ପହଞ୍ଚିଥିଲେ। ଘଟଣାର ସମାଧାନ ନ ହେବା ଯାଏ ଛାତ୍ରଦ୍ୱୟଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପିଜି କାଉନସିଲ ଅଧ୍ୟକ୍ଷ କହିଥିଲେ। କୁଳପତିଙ୍କ ସହ ଆଲୋଚନା ପରେ ଛାତ୍ରଦ୍ୱୟ ପରୀକ୍ଷା ଦେଇପାରିବେ ବୋଲି ଚେୟାରମ୍ୟାନ କହିଥିଲେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଫେସରଙ୍କ ବିରୋଧରେ କାହିଁକି କଠୋର

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

■କ୍ୟାମ୍ପସ ମନା ଛାତ୍ରଙ୍କୁ ପରୀକ୍ଷା ଅନୁମତି ଦାବି

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ସୋମବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ କରାଯାଇ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। ପରେ ଆନ୍ଦୋଳନରତ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ଯାଇଥିଲେ। ପ୍ରକାଶ ଯେ, ଜୁନ ୨୯ ରେ ଓଡ଼ିଆ ବିଭାଗ ପ୍ରଫେସର ସଦାନନ୍ଦ ନାୟକ ଅନ୍‌ଲାଇନ୍ କ୍ଲାସ କରୁଥିବା ସମୟରେ ଛାତ୍ର ହୃଷୀକେଶ ଓ ଦିନେଶ ପିଏଚଡ଼ି ସିଟ ପାଇଁ ଝଗଡା ସହ ତାଙ୍କୁ ଆକ୍ରମଣ କରିଥିଲେ। ଯାହାକୁ ନେଇ ପ୍ରଫେସର ନାୟକ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଓଡ଼ିଆ ବିଭାଗର ଜନୈକା ଛାତ୍ରୀଙ୍କୁ ପ୍ରଫେସର ଅସଦାଚରଣ କରିଥିବା ନେଇ ଥାନାରେ ଜୁନ ୩୦ରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ପ୍ରଫେସର ନାୟକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସେହିପରି ପ୍ରଫେସର ନାୟକଙ୍କ ଅଭିଯୋଗ କ୍ରମେ ଛାତ୍ରଦ୍ୱୟ ମଧ୍ୟ ଗିରଫ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଶନିବାର ଦୁଇ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କ୍ୟାମ୍ପସ ପ୍ରବେଶକୁ ବାରଣ କରାଯାଇଥିଲା। ଯାହାଦ୍ୱାରା ଛାତ୍ରଦ୍ୱୟ ସେମିଷ୍ଟର ପରୀକ୍ଷା ଦେଇପାରି ନ ଥିଲେ। ସୋମବାର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ପ୍ରଫେସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଛାତ୍ରଦ୍ୱୟଙ୍କୁ ପରୀକ୍ଷା ଦେବା ନିମନ୍ତେ ଅନୁମତି ଦେବା ପାଇଁ ଦାବି କରିଥିଲେ। ଆଗାମୀ ଦିନରେ ଛାତ୍ରଦ୍ୱୟଙ୍କୁ ପରୀକ୍ଷା ନିମନ୍ତେ ଅନୁମତି ଦିଆ ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ଜିପ୍ ଧକ୍କାରେ ମା' ଝିଅ ଗୁରୁତର, ଚାଳକ ଗିରଫ

ବ୍ରହ୍ମପୁର ଅଫିସ,୧୮।୭

ଏକ ଜିପ୍ ଧକ୍କାରେ ଭିନ୍ନକ୍ଷମ ମା' ଓ ତାଙ୍କ ଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତାରସିଂ ଥାନା ଅନ୍ତର୍ଗତ ବାଙ୍କତାରା ଗ୍ରାମର ମମତା ନାୟକ(୪୫) ଓ ତାଙ୍କ ଝିଅ ସନ୍ଧ୍ୟାରାଣୀ ନାୟକ (୨୨)। ଉଭୟ ଭିନ୍ନକ୍ଷମ ମହିଳା ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି ବୋଲି ପୋଲିସ କହିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଜିପ୍ (ନଂ ଏମ୍‌ଏଚ ୧୪ ସିଏସ ୦୬୧୬) ଜବତ କରିଛି। ସେହିପରି ଚାଳକଙ୍କୁ ମାମଲା ନମ୍ବର ୩୩/୨୨ରେ ସୋମବାର ଗିରଫ କରିଛି। ସେ ହେଉଛନ୍ତି ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ନରେନ୍ଦ୍ର କୁମାର ସାହୁ (୪୦)। ଥାନାରେ ପୋଲିସ ବ୍ରେଥ୍ ଆନାଲାଇଜର ଜରିଆରେ ନରେନ୍ଦ୍ରଙ୍କ ନିଶା ଗ୍ରହଣର ମାନ ଯାଞ୍ଚ କରିବା ସହ ଏ ସଂକ୍ରାନ୍ତରେ ମେଡିକାଲ ରିପୋର୍ଟ ସଂଗ୍ରହ କରିଥିବା କହିଛି। ନିଶାସକ୍ତ ଅବସ୍ଥାରେ ନରେନ୍ଦ୍ର ଗାଡ଼ି ଚଳାଇ ଏଭଳି ଦୁର୍ଘଟଣା ଘଟାଇଥିବା ପୋଲିସ କହିଛି। ପ୍ରକାଶ ଯେ, ମମତା ଓ ତାଙ୍କ ଝିଅ ସନ୍ଧ୍ୟାରାଣୀ କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ମା'ଝିଅ ରବିବାର ସନ୍ଧ୍ୟାରେ ସୁବାରାଓ ଛକରୁ ଖଲ୍ଲିକୋଟ କଲେଜ ପଟକୁ ଚାଲି ଚାଲି ଯାଉଥିଲେ। ଶ୍ରୀଟାଓ୍ୱାର ସମ୍ମୁଖ ରାସ୍ତାରେ ଉଭୟ ଭିନ୍ନକ୍ଷମ ମହିଳାଙ୍କୁ ତାଙ୍କ ପଛପଟୁ ଏକ ଜିପ୍ ଧକ୍କା ଦେଇଥିଲା। ଫଳରେ ସେମାନେ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଟ୍ରାଫିକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲ ପଠାଇଥିଲା। ସେହିପରି ଅଭିଯୁକ୍ତ ଜିପ୍ ଚାଳକଙ୍କୁ କାବୁ କରିଥିଲା ବୋଲି ପୋଲିସ କହିଛି।

ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ନେଇ ଉତ୍ତେଜନା

ଖଣ୍ଡପଡ଼ା,୧୮।୭ (ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ କୁସୁମୀ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହୋଇଛି । ଗ୍ରାମ ନିକଟରେ ଥିବା ଉଠା ଜଳସେଚନ ପ୍ରକଳ୍ପ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ବନ୍ୟାଜଳ ଘେରରେ ରହିଥିବା ଯୋଗୁ ବିପଦ ଆଶଙ୍କାରେ ବିଦ୍ୟୁତ ବିତରକ କମ୍ପାନୀ କର୍ତ୍ତୃପକ୍ଷ କୁଞ୍ଜବିହାରୀପୁର ଗ୍ରାମକୁ ବିଦ୍ୟୁତ

ଗ୍ରାମବାସୀଙ୍କ ରାସ୍ତାରୋକୋ

ସଂଯୋଗ ବିଚ୍ଛିନ୍ନ କରିଥିଲେ । ଫଳରେ ଗ୍ରାମବାସୀ ଅନ୍ଧାରରେ ରହିବା ସହ ପାଇପ ଲାଇନ ଯୋଗେ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇଥିଲେ । ଏହାର ପ୍ରତିବାଦରେ କୁଞ୍ଜବିହାରୀପୁର ଗ୍ରାମବାସୀ ଖଣ୍ଡପଡ଼ାରୁ ଗୁଣ୍ଡୁଣିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ । ୩ ଘଣ୍ଟା ଧରି ଗ୍ରାମବାସୀ ରାସ୍ତାରୋକୋ କରିବା ସହ ହରତାଳ କରିଥିଲେ । ଖବର ପାଇ ଟିପିସିଓଡିଏଲ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ପୋଲିସ ଘଟଣା ସ୍ଥଳରେ ପହଁଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ବିଦ୍ୟୁତ ସଂଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା ।

ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।

ମହିଳାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ, ଥାନାରେ ମାମଲା

ବ୍ରହ୍ମପୁର ଅଫିସ,୧୮।୭

ଜଣେ ମହିଳାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ନେଇ ମହିଳା ଥାନାରେ ସୋମବାର ଅଭିଯୋଗ ହୋଇଛି। ପୋଲିସ ଆହତ ମହିଳାଙ୍କ ସ୍ୱାମୀଙ୍କ ବିରୋଧରେ ନଂ.୧୧୪/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ୩ୟ ଗଳିର ମମତା ବେହେରାଙ୍କୁ ପ୍ରାୟ ୧୨ ବର୍ଷ ତଳେ କୃଷ୍ଣ ଚନ୍ଦ୍ର ବେହେରା ବିବାହ କରିଥିଲେ। ସେମାନଙ୍କର ୨ଟି ଝିଅ ରହିଛି। ବିଭିନ୍ନ କାରଣକୁ କେନ୍ଦ୍ରକରି କୃଷ୍ଣ ମଦ୍ୟପାନ କରି ତାଙ୍କ ସ୍ତ୍ରୀ ମମତାଙ୍କୁ ମାଡ଼ ମାରୁଥିଲେ। ଏହାସତ୍ତ୍ୱେ ମଧ୍ୟ ଦୁଇ ଝିଅଙ୍କ ଭବିଷ୍ୟତ ପାଇଁ ମମତା ଚୁପ ରହୁଥିଲେ। ଦୁଇଦିନ ତଳେ କୃଷ୍ଣ ମଦ୍ୟପାନ କରି ଘରକୁ ଆସି ମମତାଙ୍କୁ ବିନା କାରଣରେ ମାଡ ମାରିଥିଲେ। ସେ ଏହାର ପ୍ରତିବାଦ କରିବାରୁ କୃଷ୍ଣ ତାଙ୍କ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିବା ଫଳରେ ମମତା ଚିତ୍କାର କରିଥିଲେ। ଏହି ସମୟରେ ତାଙ୍କ ଝିଅ ଓ ପଡ଼ୋଶୀମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ହେବା ପରେ ନିର୍ଯାତିତ ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

ରାଗିଂ ନିଷେଧ ପାଇଁ ସଚେତନତା

ରାଗିଂ ନିଷେଧ ପାଇଁ ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି ।

ଖଣ୍ଡପଡ଼ା,୧୮।୭(ସ୍ୱ.ପ୍ର.)

ପଠାଣି ସାମନ୍ତ ମହାବିଦ୍ୟାଳୟରେ ରାଗିଂ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଏକ କମିଟି ଗଠନ କରାଯାଇଛି । ରାଗିଂ ଭଳି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଛାତ୍ରଛାତ୍ରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପଠାଣି ସାମନ୍ତ ମହାବିଦ୍ୟାଳୟ ସମ୍ପୂର୍ଣ୍ଣ ରାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଅଟେ ବୋଲି କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି । ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଣ୍ଟି ରାଗିଂ ସେଲ ଗଠନ କରାଯାଇ ସେଲର ଅଧ୍ୟକ୍ଷା ଭାବେ ତୃପ୍ତିରାଣୀ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଅଧ୍ୟାପକ ଭାଗିରଥି ମହାରଣା, କୈଳାସ ମହାରଣା, ରାଜ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ରାଗିଂକୁ ବିରୋଧ କରିଥିଲେ ।

ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ଦଶପଲ୍ଲା,୧୮।୭(ଡି.ଏନ.ଏ.)

ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ଡ, ପୋମା ଗୁଡୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ବିଭିନ୍ନ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ବ୍ୟକ୍ତିଗତ ଭାବେ ୬୮ ଅଭିଯୋଗ ଥିଲା ବେଳେ ୩ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ସମୁଦାୟ ୪୮ ଅଭିଯୋଗର ତତ୍କାଳୀନ ସମାଧାନ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ ଦରଖାସ୍ତକାରୀଙ୍କୁ ମୋଟ ୬୮ହଜାର, ଜିଲା ରେଡ୍‌କ୍ରସ ପାଣ୍ଠିରୁ ୨ ଦରଖାସ୍ତକାରୀଙ୍କୁ ମୋଟ ୩୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ପହି, ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

କୃଷ୍ଣଚନ୍ଦ୍ର କ୍ଲବ୍‌ର ପ୍ରତିଷ୍ଠା ଦିବସ ପାଇଁ ପ୍ରତିଯୋଗିତା

ନୟାଗଡ଼ ଅଫିସ,୧୮।୭

ନୟାଗଡ଼ ସହରର କୃଷ୍ଣଚନ୍ଦ୍ର କ୍ଲବର ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଦ୍ୟାଳୟସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସୋମବାର ପୂର୍ବାହ୍ନରେ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସହର ଶିକ୍ଷାନୁଷ୍ଠାନରୁ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ବକ୍ତୃତା, ସଙ୍ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଧର୍ମେଶ ରାଓ୍ଵଲ ବକ୍ତୃତାରେ ପ୍ରଥମ ସ୍ଥାନ ଅଧକାର କରିଥିବା ବେଳେ ଶ୍ରେୟାଶ୍ରୀ ମିଶ୍ର ଦ୍ୱିତୀୟ ଏବଂ ସୁପ୍ରିୟା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ସଙ୍ଗୀତ ପ୍ରତିଯୋଗିତାରେ ରୁଦ୍ରାଶିଂ ଆଚାର୍ଯ୍ୟ ପ୍ରଥମ,ଦିପ୍ତୀମୟୀ ନାୟକ ଦ୍ୱିତୀୟ ଏବଂ ସ୍ୱୟଂ ଶ୍ରୀୟା, ପାୟଲ ପ୍ରିୟଦର୍ଶିନୀ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଚିତ୍ରାଙ୍କନ ପ୍ରତିଯୋଗିତାରେ ଆକୃତି ଦାଶ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଶ୍ରେୟାଶ୍ରୀ ମିଶ୍ର ଦ୍ୱିତୀୟ ଏବଂ ଓମ୍ ପ୍ରକାଶ ମହାନ୍ତି ଏବଂ ମହେଶ ପ୍ରସାଦ ଜେନା ଯୁଗ୍ମଭାବେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏହି ସମସ୍ତ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୦ରେ ହେବାକୁ ଥିବା ପ୍ରତିଷ୍ଠା ଦିବସରେ ପୁରସ୍କୃତ କରାଯିବ । ବକ୍ତୃତା ପ୍ରତିଯୋଗୀତାରେ ରିତେନ୍ଦ୍ର ଛାଟୋଇ, ଲୋକନାଥ ମିଶ୍ର, ପୁରୁଷୋତ୍ତମ ମହାପାତ୍ର ଯୋଗଦାନ କରିଥିବା ବେଳେ ସଙ୍ଗୀତରେ ବିଚାରକ ଭାବେ ନବକିଶୋର ମିଶ୍ର,କୃଷ୍ଣମୋହନ ପଟ୍ଟନାୟକ, ବ୍ରଜବନ୍ଧୁ ପରିଡ଼ା ଯୋଗ ଦେଇଥିଲେ । ସେହିପରି ଚିତ୍ରାଙ୍କନରେ ପ୍ରଶାନ୍ତ କୁମାର ସାମନ୍ତରାୟ, ସରୋଜ ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ, ସକ୍ରିୟ ସଦସ୍ୟ ରାମକୃଷ୍ଣ ରଥ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ପ୍ରତିଯୋଗୀ ।

'ବଡ଼ ମଣିଷ ହୁଅ ବା ନ ହୁଅ କୃତଜ୍ଞ ହେବା ଶିଖ'

ଖଣ୍ଡପଡ଼ା,୧୮।୭(ସ୍ୱ.ପ୍ର.)

ଛାତ୍ରୀଛାତ୍ର ଜୀବନରେ ବଡ଼ ମଣିଷ ହୁଅନ୍ତୁ ବା ନ ହୁଅନ୍ତୁ, ମାତ୍ର କୃତଜ୍ଞ ହେବା ପାଇଁ ଶିକ୍ଷା ଲାଭ କରିବା ଜରୁରୀ ବୋଲି ସୋମବାର ଖଣ୍ଡପଡ଼ା ବ୍ଲକ ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ ୩୭ ତମ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି ପରାମର୍ଶ ଦେଇଛନ୍ତି । ଛାତ୍ରୀଛାତ୍ରମାନେ ଅଧ୍ୟାପନା ସହିତ ନିଜର ଆଚାର ବ୍ୟବହାର ଉପରେ ପ୍ରାଧାନ୍ୟ ଦେବା ଉଚିତ ବୋଲି ସେ କହିଛନ୍ତି ।

ପ୍ରଧାନଶିକ୍ଷକ ସନାତନ ମହାନ୍ତିଙ୍କ ଅଧ